A Daily Odia Newspaper
SEITHO ARAMBHA
RNI No : ORIORI/2006/21585, Vol. : 19, Issue : 21
Tuesday, 25 March 2025, Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର,୨୫ ମାର୍ଚ୍ଚ, ୨୦୨୫, ପୃଷ୍ଠା : ୮, ମୂଲ୍ୟ : ୨ଟଙ୍କା
Seitho Arambha Seithoarambha
www.seithoarambha.com

# ସେଇଠୁ ଆରମ୍ଭ
SEITHO ARAMBHA


ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପରି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

## ୪ ରୁ ୬ ଡିଗ୍ରୀ ବଢ଼ିବ ତାପମାତ୍ରା !

ଭୁବନେଶ୍ୱର,୨୪/୦୩(ଆ.ପ୍ର):ବଦଳିବ ପାଗ । ସୋମବାର ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ଅଛି । ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ବି ହୋଇପାରେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁରରେ ବର୍ଷା ହୋଇପାରେ । ଆସନ୍ତା ମଙ୍ଗଳବାରଠାରୁ ତାତି କ୍ରମଶଃ ଉପରମୁହାଁ ହେବ । ୪ରୁ ୫ ଦିନରେ ଦିନ ତାପମାତ୍ରା ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ରାତି ତାପମାତ୍ରା ବି ୨ରୁ ୩ ଡିଗ୍ରୀ ବଢ଼ିଯିବ । ତେବେ ଗତ ୨୪ ଘଣ୍ଟାରେ ଗଞ୍ଜାମ ଜିଲ୍ଲା ଛତ୍ରପୁରରେ ୭୧.୨ ମିମି ବର୍ଷା ହୋଇଛି । ନୟାଗଡ଼ରେ ୨୮.୨, କଟକରେ ୨୮, ଭଦ୍ରକରେ ୨୩, ଗୋପାଳପୁରରେ ୧୬.୫, ଚାନ୍ଦବାଲିରେ ୧୬.୬, କେନ୍ଦ୍ରାପଡ଼ାରେ ୧୬.୪, ବୌଦ୍ଧରେ ୧୬, ଭୁବନେଶ୍ୱରରେ ୧୨.୨, ତାଳଚେରରେ ୧୨, ଖୋର୍ଦ୍ଧାରେ ୧୧ ଓ ଦେବଗଡ଼ରେ ୧୦.୨ ମିମି ବର୍ଷା ରେକର୍ଡ ହୋଇଛି । ରବିବାର ସକାଳରୁ ସନ୍ଧ୍ୟା ଭିତରେ ଅନୁଗୁଳ ଓ ତାଳଚେରରେ କାଁ ଭାଁ ବର୍ଷା ହୋଇଛି । ରବିବାର ମାଲକାନଗିରିରେ ଦିନ ତାପମାତ୍ରା ସବୁଠୁ ଅଧିକ ୩୭.୩ ଡିଗ୍ରୀ ଥିଲା । ରବିବାର ତୁଳନାରେ ରାଜ୍ୟର ବିଭିନ୍ନ ସ୍ଥାନର ତାପମାତ୍ରା ସାମାନ୍ୟ ବଢ଼ିଛି । ନବରଙ୍ଗପୁରରେ ୩୫.୫ ଭବାନୀପାଟଣାରେ ୩୫, କୋରାପୁଟରେ ୩୪.୮, ବଲାଙ୍ଗୀର ଓ ଝାରସୁଗୁଡ଼ାରେ ୩୪ ଏବଂ ଖୋର୍ଦ୍ଧାରେ ୩୩ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି । ଆଗକୁ ତାତି ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## ଟଙ୍କା ଫେରିପାଇବେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪/୦୩(ଆ.ପ୍ର): ଖୁବ୍‌ଶୀଘ୍ର ନିଜ ଟଙ୍କା ଫେରିପାଇବେ ଚିଟଫଣ୍ଡ କ୍ଷତିଗ୍ରସ୍ତ । ନୂଆ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରୁଛନ୍ତି ସରକାର । ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକରଣ କରିବାକୁ ସରକାର ପଦକ୍ଷେପ ନେଇଛନ୍ତି । ଚିଟଫଣ୍ଡ ଟଙ୍କା ଫେରସ୍ତ ସଂପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତର ରଖି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ନିର୍ଦ୍ଦେଶାବଳୀ ପ୍ରସ୍ତୁତ ପରେ ଟଙ୍କା ଫେରିପାଇବେ କ୍ଷତିଗ୍ରସ୍ତ ଜମାକାରୀ । ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏହି ତଥ୍ୟ ରଖିବା ପରେ ସରକାରଙ୍କ ଅଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ । ବିଜେଡି ବିଧାୟକ ଶାରଦା ଜେନା କହିଛନ୍ତି ସରକାରକୁ ଆସିବା ଆଗରୁ ବିଜେପି କହିଥିଲା ଯେ କ୍ଷମତାକୁ ଆସିବାର ୩ମାସରେ ଲୋକଙ୍କୁ ଚିଟଫଣ୍ଡ ଟଙ୍କା ଫେରାଇବୁ । ସରକାରଙ୍କୁ ୯ମାସ ପୂରିଲାଣି ତଥାପି ଲୋକେ ଟଙ୍କା ପାଇଲେନି । ଏବେ ସରକାର କହିଲେଣି ନୂଆ ନିର୍ଦ୍ଦେଶାବଳୀ ଆଣିବେ । ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି କହିଛି ବିଜେଡି । ସେପଟେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ନିର୍ବାଚନ ବେଳେ କେବଳ ବାହାସ୍ଫୋଟ ମାରୁଥିଲେ, ଆଜି ଆଜି ବି ମାରୁଛନ୍ତି । ସେପଟେ ବିରୋଧୀଙ୍କୁ ଏଭଳି ଅଭିଯୋଗର ଜବାବ ଦେଇଛନ୍ତି ବିଜେପି ବିଧାୟକ ସରୋଜ ପାଢ଼ୀ । ସେ କହିଛନ୍ତି, ବିଜେଡି ସରକାରରେ ଥିବାବେଳେ ତାଙ୍କ ନେତା ଚିଟଫଣ୍ଡ ନାଁରେ ଟଙ୍କା ଲୁଟିଲେ ଆଉ ସରକାର କର୍ପସ ଫଣ୍ଡ ନାଁରେ ଟଙ୍କା ହରିଲୁଟ କଲେ । କିନ୍ତୁ ଲୋକେ କେମିତି ସେମାନଙ୍କ ଟଙ୍କା ଫେରିପାଇବେ ସେନେଇ ବ୍ୟବସ୍ଥା କରୁଛନ୍ତି ବିଜେପି ସରକାର୪ ଲକ୍ଷ ୭୨ ହଜାର ୬୫୧ ଜଣ କ୍ଷତିଗ୍ରସ୍ତ ଚିଟଫଣ୍ଡ ଟଙ୍କା ଫେରିପାଇବେ ବୋଲି କମିଶନ ସୁପାରିସ କରିଛନ୍ତି । ରୋଜଭ୍ୟାଲି ଗ୍ରୁପ ଅଫ୍ କମ୍ପାନୀର ୨ ଲକ୍ଷ ୩୮ ହଜାର ୪୭୭ କ୍ଷୁଦ୍ର ଜମାକାରୀ ଓ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର ୨ ଲକ୍ଷ ୯୭ ହଜାର ୫୨୫ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି । ଏବେ ସୁଦ୍ଧା ରୋଜଭ୍ୟାଲି ଗ୍ରୁପ୍ ର ଜବତ ହୋଇଥିବା ଅର୍ଥରୁ ୧ ଲକ୍ଷ ୮୨ ରୁ ୧୫୫ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯାଇଛି । ସେହିଭଳି ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର ଗ୍ରୁପର ଜବତ ହୋଇଥିବା ଅର୍ଥରୁ ୨୪ ହଜାର ୮୨୫ ଜଣ ଟଙ୍କା ଫେରସ୍ତ କରାଯାଇଛି ବୋଲି ଗୃହରେ ସୂଚନା ରଖିଛନ୍ତି ସରକାର ।

## ଆଦିବାସୀଙ୍କ ଅବଦାନ ବଖାଣିଲେ ରାଷ୍ଟ୍ରପତି

ନୟାଗଡ,୨୪/୦୩(ଆ.ପ୍ର):କଣ୍ଟିଲୋ ନୀଳମାଧବ ମନ୍ଦିରରେ ମହାମହିମ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି କଣ୍ଟିଲୋରେ ନୀଳମାଧବଙ୍କ ଦର୍ଶନ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୀଳମାଧବ ମନ୍ଦିରରେ ଆଳତୀ କରିଥିଲେ । ପୂଜକ ସମାଜ ପକ୍ଷରୁ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଥିବା ପିତ୍ତଳର ନୀଳମାଧବଙ୍କ ବନ୍ଧେଇ ପ୍ରତିମୂର୍ତ୍ତି ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା । ଏହାସହିତ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଥିବା ଏକ ପାଟ ପୂଜକମାନେ ପ୍ରଦାନ କରିଥିଲେ । ଏହାପରେ ରାଷ୍ଟ୍ରପତି କାଳିଆପାଲ୍ଲୀ ଠାରେ ଆୟୋଜିତ ଭାରତୀୟ ବିଶ୍ୱାବସୁ ଶବର ସମାଜ ଫାଉଣ୍ଡେସନର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଶବର ସମାଜ ଦ୍ୱାରା ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞରେ ପୂର୍ଣ୍ଣାହୁତି ଦେବାସହ ବିଶ୍ୱାବସୁଙ୍କ ପ୍ରତିମୂର୍ତ୍ତିକୁ ଉଦଘାଟନ କରିଥିଲେ । ଏହି ସ୍ଥାନରୁ ଶ୍ରୀଜଗନ୍ନାଥ ସଂସ୍କୃତିର ଉତ୍ପନ୍ନ ହୋଇଛି । ଲଳିତାଙ୍କ ଦାୟାଦମାନେ ଏବେ ଦଇତା ସେବକ ଭାବେ ଶ୍ରୀଜଗନ୍ନାଥଙ୍କ ସେବା କରୁଛନ୍ତି ବୋଲି କହିଥିଲେ ରାଷ୍ଟ୍ରପତି । ଏହି ସମୟରେ କଣ୍ଟିଲୋ, କାଳିଆପାଲ୍ଲୀ ଏବଂ ଆଦିବାସୀମାନଙ୍କର ଅବଦାନ ନେଇ ରାଷ୍ଟ୍ରପତି ବଖାଣିଥିବା ବେଳେ ଆଦିବାସୀମାନଙ୍କ ଉନ୍ନତିରେ ହିଁ ଦେଶର ଉନ୍ନତି ହେବ ବୋଲି ସେ କହିଥିଲେ ।ଏଥିସହିତ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ ବିକାଶ ଉଦ୍ଦେଶ୍ୟରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିବା କହିଥିଲେ । ଏଠାକାର ଛେନାପୋଡ଼, କଣ୍ଢେଇମୁଣ୍ଡି ବାଇଗରଣ ଉପାଖ୍ୟାନ ବଖାଣିଥିଲେ । ଏ ଅଂଚଳକୁ ବିଶ୍ୱ ପର୍ଯ୍ୟଟନ ସହ ଯୋଡ଼ିବା ପାଇଁ ସେ ଆହ୍ୱାନ ଦେଇଥିଲେ । ରାଷ୍ଟ୍ରପତିଙ୍କ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିଲେ । ଆଦିବାସୀଙ୍କ ପାଇଁ ରାଜ୍ୟ ସରକାର କରିଥିବା ଯୋଜନା ସଂପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ ।

## ଅପରିବର୍ତ୍ତିତ ରହିଲା ବିଦ୍ୟୁତ ଦର ସ୍ମାର୍ଟ ମିଟର ରେଣ୍ଟ୍ ଛାଡ଼

ଭୁବନେଶ୍ୱର,୨୪/୦୩(ଆ.ପ୍ର):ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ବଡ଼ ଘୋଷଣା । ଅପରିବର୍ତ୍ତିତ ରହିଲା ବିଦ୍ୟୁତ ଦର । ଏଥିସହ ୨ କିଲୋ ୱାଟ୍ ପର୍ଯ୍ୟନ୍ତ ଆଉ ଦେବାକୁ ପଡିବନି ମିଟର ଭଡ଼ା । ୨ କିଲୋ ୱାଟ୍ ଯାଏ ସ୍ମାର୍ଟ ମିଟର ରେଣ୍ଟ ଛାଡ଼ ହୋଇଛି । ଯେଉଁ ୬୦ ଟଙ୍କା ରେଣ୍ଟ ଚାର୍ଜ ପଡୁଥିଲା, ଆଉ ପଡ଼ିବନି । ସାମ୍ବାଦିକ ସମ୍ମିଳନୀରେ ସାଧାରଣ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଏହି ବଡ଼ ଘୋଷଣା କରିଛି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ବା ଓଇଆରସି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଏହି ଛାଡ଼ ହୋଇଥିବା ଓଇଆରସି ପକ୍ଷରୁ ସୂଚନା ଦିଆଯାଇଛି । ତେବେ ୨ କିଲୋୱାଟ୍ ଟପିଲେ ମିଟର ରେଣ୍ଟ ଚାର୍ଜ ଦେବାକୁ ପଡ଼ିବ । ଓଇଆରସି ଘୋଷଣା କରିଛି ଯେ, ଡିଜିଟାଲ୍ ପେମେଣ୍ଟରେ ୪ ପ୍ରତିଶତ ରିହାତି ବଳବତ୍ତର ରହିବ । ପ୍ରିପେଡ୍ ବିଲ୍ ପେମେଣ୍ଟ କଲେ ୪ ପ୍ରତିଶତ ରିହାତି ମିଳିବ । ୨ କିଲୋ ୱାଟ୍ ପର୍ଯ୍ୟନ୍ତ ସ୍ମାର୍ଟ ମିଟର ରେଣ୍ଟ ଚାର୍ଜ ଦେବାକୁ ପଡିବନି । ଏଥିସହ ବିଦ୍ୟୁତ ଟାରିଫ୍ ଅପରିବର୍ତ୍ତିତ ରଖିଛି । ୨୦୨୧-୨୨ ପରଠାରୁ ବିଦ୍ୟୁତ ଟାରିଫ୍ ବୃଦ୍ଧି କରାଯାଇନି । ଭୁବନେଶ୍ୱରରେ ପ୍ରେସମିଟରେ ଆୟୋଗ ପକ୍ଷରୁ କୁହାଯାଇଛି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଜୁଳି ଦରକୁ ଅପରିବର୍ତ୍ତିତ ରଖାଯାଇଛି । ଅର୍ଥାତ୍ ପୂର୍ବରୁ ଯେମିତି ପ୍ରଥମ ୫୦ ୟୁନିଟ୍ରୁ ୨ଟଙ୍କା ୯୦ ପଇସା, ୫୧ରୁ ୨୦୦ ୟୁନିଟ୍ ବ୍ୟବହାର ଯାଏଁ ୟୁନିଟ୍ ପିଛା ୪ ଟଙ୍କା ୭୦, ୨୦୧ରୁ ୪୦୦ ୟୁନିଟ୍ ଯାଏଁ ୫ ଟଙ୍କା ୭୦ ଏବଂ ତା ପରଠୁ ଅଧିକ ବିଜୁଳି ବ୍ୟବହାର ପାଇଁ ୟୁନିଟ୍ ୬ ଟଙ୍କା ୧୦ ପଇସା ଦେବାକୁ ପଡ଼ିଥିଲା, ଏବର୍ଷ ପାଇଁ ସେୟା ହିଁ ରହିବ । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆଜି ଅପରାହ୍ନରେ ନୂଆ ବିଦ୍ୟୁତ୍ ଶୁଳ୍କ ଘୋଷଣା ହେବାର ଥିଲା । ବିଦ୍ୟୁତ୍ ଦର ବଢ଼ିବ ନା କମିବ ନା ଅପରିବର୍ତ୍ତିତ ରହିବ, ତା' ଉପରେ ରହିଥିଲା ସମସ୍ତଙ୍କ ନଜର । OERC ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ କିଛି ବଡ଼ ଘୋଷଣା କରିପାରେ ବୋଲି ଆଶା କରାଯାଉଥିଲା । ତାହା ହିଁ ହୋଇଛି । ଶେଷରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ ଦର ଅପରିବର୍ତ୍ତିତ ରହିବ ବୋଲି ଘୋଷଣ କରିଛି OERC ।

## ପିଏମ୍ ଆବାସରେ ଯୋଗ୍ୟ ବାଦ୍ ପଡ଼ିଲେ କଡ଼ା ଆକ୍ସନ

ଭୁବନେଶ୍ୱର,୨୪/୦୩(ଆ.ପ୍ର):ପିଏମ୍ ଆବାସ ସର୍ଭେର ଅଧିକାରୀଙ୍କୁ ପଂଚାୟତରାଜ ମନ୍ତ୍ରୀ ରବି ନାଏକଙ୍କ କଡା ଚେତାବନୀ । ଘର ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀ ବାଦ୍ ପଡିଲେ ହେବ କଡା ଆକ୍ସନ । ଏବେ ସୁଦ୍ଧା ୨୪ ଲକ୍ଷ ୨୨ ହଜାର ୭୭୧ ଜଣ ପିଏମ ଆବାସ ଯୋଜନାରେ ପଞ୍ଜିକରଣ କଲେଣି । ମାର୍ଚ୍ଚ ୩୧ ସୁଦ୍ଧା ତାଲିକା ବିଭାଗର ହସ୍ତଗତ ହେବ । ପଂଚାୟତ ଓ ବ୍ଲକ ସ୍ତରର ଅଧିକାରୀ ଯଦି କାହାକୁ ଛାଡିଥିବେ ଯେଉଁ ସ୍ଥାନରୁ ଅଭିଯୋଗ ଆସିବ ଆମେ ସେମାନଙ୍କ ପାଖରେ ପହଂଚିବୁ । ଯଦି ଉଦ୍ଦେଶ୍ୟମୂଳକ ଭାବରେ କେଉଁ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବ ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କଡା ଆକ୍ସନ ନିଆଯିବ । ବାଦ୍ ପଡିଥିବା ହିତାଧିକାରୀ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିପାରିବେ । ଆସନ୍ତା ୩୦ରେ ଅନ୍ତ୍ୟୋଦୟ ଯୋଜନାରେ ମୁଖ୍ୟମନ୍ତ୍ରୀ ୫୦ ହଜାର ଘର ବାଣ୍ଟିବା ନେଇ ସୂଚନା ଦେଇଛନ୍ତି ପଂଚାୟତିରାଜ ମନ୍ତ୍ରୀ ।

## ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓ ମୁକ୍ତ କରିବା ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪/୦୩(ଆ.ପ୍ର):ସରକାର ଦେଲେ ମାଓବାଦୀଙ୍କ ତଥ୍ୟ ଓ ମାଓବାଦୀ ପ୍ରବଣ ଜିଲ୍ଲାର ବିବରଣୀ । ବିଧାନସଭାରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିଜେପି ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖି କହିଛନ୍ତି, ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓ ମୁକ୍ତ କରିବାର ଲକ୍ଷ୍ୟ ରହିଥିବା ବେଳେ ବର୍ତ୍ତମାନ ରାଜ୍ୟରେ ଆନୁମାନିକ ପ୍ରାୟ ୧୦୦ରୁ ୧୨୦ ମାଓବାଦୀ ସକ୍ରିୟ ଥିବା ନେଇ ସୂଚନା ରହିଛି । ରାଜ୍ୟରେ ୨୦୧୮-୧୯ ବର୍ଷରେ ୧୫ଟି ଜିଲ୍ଲା ମାଓ ପ୍ରଭାବିତ ଜିଲ୍ଲା ଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୦ଟି ମାଓ ପ୍ରଭାବିତ ଜିଲ୍ଲା ରହିଛି । କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ବରଗଡ଼, କୋରାପୁଟ ଓ ବୌଦ୍ଧ ଜିଲ୍ଲା ମାଓ ପ୍ରଭାବିତ ରହିଛି । ଉଲ୍ଲେଖଯୋଗ୍ୟ ଯେ, ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓ ମୁକ୍ତ କରିବାର ଲକ୍ଷ୍ୟ ରହିଥିବା ବେଳେ ଏବେ କେତେ ମାଓବାଦୀ ସକ୍ରିୟ ଥିବା ନେଇ ରିପୋର୍ଟ ରହିଛି କି ବୋଲି ବିଧାନସଭାରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଏଭଳି ଲିଖିତ ଉତ୍ତର ରଖିଛନ୍ତି ।

## ବଢ଼ିଲା ସାଂସଦଙ୍କ ଦରମା ଓ ଭତ୍ତା

ଭୁବନେଶ୍ୱର,୨୪/୦୩(ଆ.ପ୍ର):ବର୍ଦ୍ଧିଲା ସାଂସଦଙ୍କ ଦରମା । ସୋମବାର କେନ୍ଦ୍ର ସରକାର ସାଂସଦଙ୍କ ଦରମା ଏବଂ ଭତ୍ତାରେ ବୃଦ୍ଧି କରିଛନ୍ତି । ସାଂସଦଙ୍କ ଦରମାରେ ୨୪ ହଜାର ଟଙ୍କା ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର । ଅର୍ଥାତ୍ ସାଂସଦଙ୍କ ଦରମା ୧ ଲକ୍ଷରୁ ୧ ଲକ୍ଷ ୨୪ ହଜାର ଟଙ୍କା ହୋଇଛି । ସେହିଭଳି ସାଂସଦଙ୍କ 'ଡିଏ'କୁ ମଧ୍ୟ ୨ ହଜାରରୁ ୨୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଖାଲି ସେତିକି ନୁହେଁ ପୂର୍ବତନ ସାଂସଦଙ୍କ ପେନସନକୁ ବି ୩୧ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ବୃଦ୍ଧି ସଂସଦର ସଦସ୍ୟଙ୍କ ଦରମା, ଭତ୍ତା ଏବଂ ପେନସନ ଆକ୍ଟ ୧୯୫୪ ଅନୁଯାୟୀ କରାଯାଇଥିବାବେଳେ, ଆୟକର ଅଧିନିୟମ ୧୯୬୧ରେ ଥିବା ଖର୍ଚ୍ଚ ମୁଦ୍ରାସ୍ଫୀତି ଆଧାରରେ କରାଯାଇଛି । ସଂସଦୀୟ କାର୍ଯ୍ୟ ମନ୍ତ୍ରଣାଳୟ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ଏହା ୨୦୨୩ ଏପ୍ରିଲ ଠାରୁ ପିଛିଲା ଭାବେ ଲାଗୁ ହେବ । ଦରମା ଏବଂ ଭତ୍ତାରେ ବୃଦ୍ଧି ୨୦୧୮ ପରଠାରୁ ଲାଗୁ କରାଯାଇଥିବା ନିୟମ ଅନୁସାରେ କରାଯାଇଛି । ଏଥିରେ ସାଂସଦଙ୍କ ଦରମା ଏବଂ ଭତ୍ତାକୁ ପ୍ରତି ୫ ବର୍ଷରେ ସମୀକ୍ଷା କରିବାର ନିୟମ ରହିଛି । ଏହି ସମୀକ୍ଷା ଦରବୃଦ୍ଧି ଉପରେ ଆଧାରିତ ।

## ୭୬୪ ପଂଚାୟତରେ ଇଣ୍ଟରନେଟ୍ ସେବା ଉପଲବ୍ଧ ନାହିଁ

ଭୁବନେଶ୍ୱର,୨୪/୦୩(ଆ.ପ୍ର):ରାଜ୍ୟରେ ୭୬୪ ଗ୍ରାମ ପଂଚାୟତରେ ନାହିଁ ଇଣ୍ଟରନେଟ୍ ଓ ମୋବାଇଲ କମ୍ୟୁନିକେସନ୍ ସେବା । ବିଧାନସଭାରେ ଏଭଳି ଲିଖିତ ଉତ୍ତର ରଖିଛନ୍ତି ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ବିଧାନସଭାରେ ବିଜେଡ଼ି ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଶ୍ନରେ ଉତ୍ତର ରଖି ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ୧୬୭ ବ୍ଲକର ୭୬୪ଟି ଗ୍ରାମ ପଂଚାୟତରେ ଇଣ୍ଟରନେଟ୍ ଓ ମୋବାଇଲ କମ୍ୟୁନିକେସନ୍ ସେବା ଉପଲବ୍ଧ ନାହିଁ । ଏହି ପଂଚାୟତରେ ଟାୱାର ମଧ୍ୟ ଉପଲବ୍ଧ ନାହିଁ । ସର୍ବାଧିକ କନ୍ଧମାଳ ଜିଲ୍ଲାର ୧୩ଟି ବ୍ଲକର ୧୦୬ ପଂଚାୟତରେ ଟାୱାର ନାହିଁ । ଭାରତ ସରକାର ରାଜ୍ୟର ସମସ୍ତ ଗ୍ରାମକୁ ମୋବାଇଲ ଓ ନେଟୱର୍କ ସେବା ଯୋଗାଇବା ପାଇଁ ଡିଜିଟାଲ ଭାରତ ନିଧି ଯୋଜନା ଅନ୍ତର୍ଗତ ଆସପିରେସନାଲ୍ ଆଣ୍ଡ୍ ଏଲଡବ୍ଲୁଇ-II ଓ ୪ଜି ସାଚୁରେସନ ପ୍ରକଳ୍ପ ମାଧ୍ୟମରେ ମୋଟ୍ ୪୨୭୭ଟି ଟାୱାର ସ୍ଥାପନ ପାଇଁ ଲକ୍ଷ୍ୟ ରଖିଛନ୍ତି । ସେଥିମଧ୍ୟରୁ ୨୦୮୫ଟି ଟାୱାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ମୋବାଇଲ ଓ ନେଟୱର୍କ ସୁବିଧା ଯୋଗାଇ ଦିଆଯାଇଛି । ଜୁନ୍ ୨୦୨୫ ସୁଦ୍ଧା ବଳକା ୨୧୯୨ଟି ଟାୱାର କାର୍ଯ୍ୟକ୍ଷମ ହୋଇଗଲେ ରାଜ୍ୟର ପ୍ରାୟ ସମସ୍ତ ଗ୍ରାମକୁ ମୋବାଇଲ ଓ ନେଟୱର୍କ ସୁବିଧା ଉପଲବ୍ଧ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

## ୨୦ ହଜାର ୯୦୪ଟି ନଳକୂଅ ଖନନ ପାଇଁ ମଞ୍ଜୁର

ଭୁବନେଶ୍ୱର,୨୪/୦୩(ଆ.ପ୍ର):ରାଜ୍ୟରେ ବଢୁଛି ତାତି ପ୍ରକୋପ । ବିଭିନ୍ନ ସ୍ଥାନରେ ଜଳ ସଂକଟର ସାମ୍ନା କରିବେ ଲୋକେ । ଜନସାଧାରଣ କେମିତି ପାଣି ସମସ୍ୟାର ସମ୍ମୁଖୀନ ନହେବେ ସେଥିପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା କହିଛନ୍ତି ପଂଚାୟତରାଜ ମନ୍ତ୍ରୀ । ଏବେ ୫ ଲକ୍ଷ ୧୮ ହଜାର ୨୬୭ଟି ନଳକୂପ ଅଛି । ଚଳିତ ବର୍ଷ ୨୦ ହଜାର ୯୦୪ଟି ନଳକୂଅ ମଞ୍ଜୁର ହୋଇଛି । ଦରକାର ପଡିଲେ ଆଉ ୧ ହଜାର ନଳକୂଅ ଖନନ ହେବ । ବର୍ତ୍ତମାନ ସୁଦ୍ଧା ୨ହଜାର ସଂପୂର୍ଣ୍ଣ ହୋଇଛି । ଜୁନ ୧୫ ସୁଦ୍ଧା ସମସ୍ତ ନଳକୂଅ ଖନନ କରିବାକୁ ଟାର୍ଗେଟ ରଖାଯାଇଥିବା କହିଛନ୍ତି ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ।

## ୧୮ ଦିନରେ ୩୧ ଘଣ୍ଟା ଚାଲିପାରିନି ଗୃହ

ଭୁବନେଶ୍ୱର,୨୪/୦୩(ଆ.ପ୍ର):୧୮ ଦିନରେ ୩୧ ଘଣ୍ଟା ଚାଲିପାରିନି ବିଧାନସଭା । ଗୃହ ସୁପରିଚାଳନା ପାଇଁ ୩ ଥର ସର୍ବଦଳୀୟ ବୈଠକ ଡକାହେଲାଣି । ଫଳ ଶୂନ । ଗୃହରେ କଂଗ୍ରେସର ଏଭଳି ଆଚରଣକୁ କ୍ଷମା ଦେବେନି ଓଡ଼ିଶାବାସୀ । ବିଧାନସଭାରେ ହଟ୍ଟଗୋଳ ପାଇଁ ବିରୋଧୀଙ୍କ ଆଚରଣକୁ କଡା ନିନ୍ଦା କରି ବର୍ଷିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ । ବାଚସ୍ପତିଙ୍କ ସାମ୍ନାରେ ହ୍ୱିସିଲ ଘଣ୍ଟ ବଜାଇବା କି ଆଚରଣ ବୋଲି ପ୍ରଶ୍ନ କରିଛନ୍ତି ରାଜସ୍ୱମନ୍ତ୍ରୀ । ରାଜସ୍ୱ ମନ୍ତ୍ରୀ କହିଛନ୍ତି ଅତୀତରେ ଉତ୍ତରପ୍ରଦେଶ ବିଧାନସଭାରେ ରକ୍ତାକ୍ତ ବିଧାୟକଙ୍କୁ ହସ୍‌ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ପହଂଚିଥିଲା । ଏ ପୃଷ୍ଠଭୂମିରେ ଓଡ଼ିଶା ବିଧାନସଭା ଶାନ୍ତିରେ ଅଛି । ପ୍ରତିବାଦ କରିବାର ଢଙ୍ଗ ଅଛି । ଆଚରଣ ସଂସ୍କାର ଧିରେ ଧିରେ ବିଧାନସଭା ଓ ଓଡ଼ିଶାବାସୀଙ୍କୁ ଅପମାନିତ କରୁଛି । ଆଇନ ପ୍ରଣୟନ କରୁଥିବା ସଂସ୍ଥା ଯଦି ଆଇନ ଉଲ୍ଲଂଘନ କରିବେ କଣ କୁହାଯିବ । ମହିଳା ବାଚସ୍ପତିଙ୍କ ସାମ୍ନାରେ ହୁଇସିଲ ମାରିବା, ପୋଡିୟମ ଉପରକୁ ଚଢିବା ଉଦ୍ୟମ, ଘଣ୍ଟ ବଜାଇବା ଏସବୁ କିଭଳି ଆଚରଣ । ଅଷ୍ଟ ପ୍ରହରୀରେ ଘଣ୍ଟ, ଗିନି, ମୃଦଙ୍ଗ ବାଜିବା ଦେଖିଛୁ କିନ୍ତୁ ପବିତ୍ର ଗୃହ ଭିତରେ ଏସବୁ ଶୋଭନୀୟ ନୁହେଁ । ସମାଧାନ ପାଇଁ ୩ଥର ସର୍ବଦଳୀୟ ବୈଠକ ଡାକି ସାରିଲେଣି । ୧୦ ତାରିଖ, ୧୩ ତାରିଖ ଓ (ସୋମବାର)ସର୍ବଦଳୀୟ ବୈଠକ ହୋଇଛି । ହେଲେ ଫଳ ଶୂନ । ୧୮ ଦିନ ଭିତରେ ୩୧ ଘଣ୍ଟାର କାର୍ଯ୍ୟ ହୋଇପାରିନି । ୧୪୭ ବିଧାୟକଙ୍କୁ ଲୋକେ କେତେ ବିଶ୍ୱାସରେ ବିଧାନସଭା ପଠେଇଛନ୍ତି । ଗୃହରେ ବସିବା ପାଇଁ ଆମକୁ ସିଟିଙ୍ଗ ଫି ମିଳିଥାଏ । ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଆସି କାମ କରନ୍ତି । ବିଧାନସଭାର ଅଧିବେଶନରେ ୧ଘଣ୍ଟାରେ କେତେ ଖର୍ଚ୍ଚ ହୁଏ, ବିଭିନ୍ନ ପୋଲିସ ବି ଆସୁଛନ୍ତି । ସାଧାରଣ ଲୋକଙ୍କ ଟିକସରେ ବିଧାନସଭା ଚାଲେ । ବିଜେପି ସରକାର ପ୍ରସ୍ତୁତ ଅଛନ୍ତି ଆଲୋଚନା ପାଇଁ । ଜିରୋ ହାୱାର, ପ୍ରଶ୍ନ ଉତ୍ତର କରେଇ ନ ଦେବା, ମୁଁ କିଛି କରିବି ନାହିଁ, କାହାକୁ କରେଇ ଦେବି ନାହିଁ ଏ ଆଚରଣ ଓଡ଼ିଶା ପାଇଁ ଶୁଭଙ୍କର ନୁହେଁ । ଏଭଳି ଚାଲିଲେ ଓଡ଼ିଶା ବାସୀ କ୍ଷମା ଦେବେ ନାହିଁ । ଘଣ୍ଟ, ଗିନି ବଜେଇବା ପାଇଁ ଲୋକେ ପଠେଇ ନାହାନ୍ତି । ସେମାନଙ୍କୁ ସହଜ ମାଧ୍ୟମ ଦରକାର । ନିଜେ ସରକାରରେ ନ ରହିଲେ ପ୍ରତ୍ୟେକ ଥର ଏମିତି କରନ୍ତି । ତାଙ୍କର ଭୋଟ ହାର କମି କମି ଯାଉଛି । ୮୨ଟି ବିଧାନସଭାରେ ୫ ହଜାର ଛୁଇଁ ପାରିଲେ ନାହିଁ । ୨୦ ବିଧାନସଭା ରେ ନୋଟା ଠାରୁ କମ । ଭଲ ପ୍ରସଙ୍ଗ ଉଠାଅ ନହେଲେ ପରବର୍ତ୍ତୀ ନିର୍ବାଚନ ରେ ସିଙ୍ଗିଲ ଅଙ୍କକୁ ଆସିଯିବା ନେଇ ବିରୋଧୀଙ୍କୁ ଚେତାବନୀ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । ସୋମବାର ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଚାଲିପାରିନି ବିଧାନସଭା । ପ୍ରଶ୍ନକାଳ ଆରମ୍ଭରୁ ଦେଖିବାକୁ ମିଳିଥିଲା ହଟ୍ଟଗୋଳ । ଉଭୟ ବିରୋଧୀ କଂଗ୍ରେସ ଓ ବିଜେପି ପ୍ରତିବାଦ କରିଥିଲେ । ବାଚସ୍ପତିଙ୍କ ପୋଡିୟମ ନିକଟରେ ପ୍ଲାକାର୍ଡ ଧରି ନାରାବାଜି କରିଥିଲେ । ଘଣ୍ଟ ଓ ଝାଞ୍ଜ ବଜାଇ ପ୍ରତିବାଦ କରିଥିଲା କଂଗ୍ରେସ । ମେଡିକାଲ ଶିକ୍ଷାରେ ସଂରକ୍ଷଣ ଦାବି କରିଥିଲା ବିଜେଡି । ଏପଟେ ନାରୀ ସୁରକ୍ଷା ନେଇ କଂଗ୍ରେସ ସଦସ୍ୟମାନେ ନାରାବାଜି କରିଥିଲେ । ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହକୁ ମୁଲତବୀ ରଖିଥିଲେ ବାଚସ୍ପତି ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA
ମଙ୍ଗଳବାର,୨୫ ମାର୍ଚ୍ଚ,୨୦୨୫ : ବାଲେଶ୍ୱର : ପୃଷ୍ଠା -୨

# ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଯାପିତ

କଟକ, ୨୪/୦୩ (ଆ.ପ୍ର) : ଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରଣାଳୟ ବିଭାଗ ଦ୍ୱାରା ପ୍ରାୟୋଜିତ ରାଜ୍ୟ ଜାତୀୟ ସେବା ଯୋଜନା ଓ କଟକ ଜିଲ୍ଲା ନେହେରୁ ଯୁବ କେନ୍ଦ୍ରର ସହଯୋଗରେ ଦୁଇଦିନ ଧରି ଚାଲୁଥିବା ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଆଜି କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଚନ୍ଦ୍ରମୋହନ ସ୍ୱାଇଁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଗତ ୨୩.୦୩.୨୦୨୫ରିଖରେ ଜାତୀୟ ସେବାଯୋଜନାର ରାଜ୍ୟ ଯୁବ ଅଧିକାରୀ ଅଜିତ ଖୋସଓ୍ୱାଲ୍ ଓ ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ବିପିନ୍ କୁମାର, ଯାଜପୁର ଜିଲ୍ଲାର ଜିଲ୍ଲା ଅଧିକାରୀ ସୁଦୀପ୍ତ କୁମାର ବିଶ୍ୱାଳଙ୍କ ଉପସ୍ଥିତିରେ ବାରବାଟୀ-କଟକର ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା । ଏଥିରେ ଉଭୟ କଟକ ଓ ଯାଜପୁର ଜିଲ୍ଲାରୁ ଶତାଧିକ ଛାତ୍ର-ଛାତ୍ରୀ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ ଆଲୋଚ୍ୟ ପ୍ରସଙ୍ଗ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ : ବିକଶିତ ଭାରତକୁ

ଗୋଟିଏ ପାଦ' ସମ୍ପର୍କରେ କଟକ ଓ ଯାଜପୁର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ସହସ୍ରାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ୧୦ ଜଣ ଯୁବ ପ୍ରତିଭାଙ୍କୁ ରାଜ୍ୟସ୍ତରୀୟ ଆଲୋଚନା ଚକ୍ରରେ ଭାଗ ନେବା ପାଇଁ ମନୋନୀତ କରାଯାଇଥିଲା । ଏହି ପ୍ରସଙ୍ଗରେ ବିଚାରକ ଭାବେ ଭାରତୀୟ ପ୍ରଶାସନିକ ସେବାର ପ୍ରାକ୍ତନ ପ୍ରଶାସକ ଶ୍ରୀ ବୃନ୍ଦାବନ ବେହେରା, ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରାଧାପକ ଶ୍ରୀ ରତ୍ନାକର ରାୟ, ରାଜା ମଧୁସୂଦନ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ପ୍ରଶାନ୍ତ କୁମାର ରାଉତ, ଖ୍ରୀଷ୍ଟ ମହାବିଦ୍ୟାଳୟର ପ୍ରାଧାପକ ଦୀପକ କୁମାର ଦାଶ, ବିଶିଷ୍ଟ ନାରୀ ନେତ୍ରୀ ତଥା ଭାରତୀୟ ଜନତା ପାର୍ଟିର ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ରଶ୍ମୀରେଖା ଦାସ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ । ଆଜି ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ରାଜନୀତିଜ୍ଞ ଶ୍ରୀ ବିନୋଦ କୁମାର ଦାଶ, ମୁଖ୍ୟ ବକ୍ତା ଭାବରେ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଡଃ ପ୍ରଭାସ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ । ଅଧାପିକା ଅନିମା ମହାପ୍ରଶସ୍ତଙ୍କର ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୋଡାଲ୍ ଅଫିସର ଡଃ ସରୋଜ କୁମାର ଦାଶ ବିବରଣୀ ପାଠ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଓ ୟୁଥ୍ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନଙ୍କୁ ଭୂରିଭୂରି ପ୍ରଶଂସା କରିଥିଲେ । ଅତିଥିମାନେ ସେମାନଙ୍କର ବକ୍ତବ୍ୟରେ ଐକ୍ୟବଦ୍ଧତା ଓ ଭାତୃତ୍ୱଭାବ ସୃଷ୍ଟି କରିବା ସହିତ ଦେଶ ଗଠନରେ ଯୁବ ପିଢିର ସହଭାଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅଧାପିକା ଅନିମା ମହାପ୍ରଶସ୍ତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ଅଧାପିକା ଚନ୍ଦନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ଅମ୍ରିତା ଲେଙ୍କା, ଅଧାପକ ସିଦ୍ଧାର୍ଥ ଶଙ୍କର ଦାସ, ଅଧାପିକା ସୁଶ୍ରୀ କାନ୍ତିରେଖା ବିଶ୍ୱାଳ, ଅଧାପକ ନିହାର ରଜ ରଥ, ଅଧାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ, ଗବେଷଣାଗାର ସହାୟକ ସ୍ମୃତିରଜ ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସାହାଯ୍ୟ କରିଥିଲେ । ପରିଶେଷରେ ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହିତ ସମସ୍ତ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଯେଉଁ ୧୦ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି ସେମାନେ ହେଲେ - ପ୍ରୀତିମନ ମିଶ୍ର, ସୁଶ୍ରୀ ଶୁଭଲକ୍ଷ୍ମୀ ନାୟକ, ଛନ୍ଦନ କୁମାର ନନ୍ଦ, ଦିଶା ଗୋୟଲ, ପ୍ରସମିତ୍ କାନୁନ୍‌ଗୋ, ସ୍ୱପ୍ନନିଶା ରାଉତ, ଡି. ଆଶୁତୋଷ, ଶୁଭଶ୍ରୀ ଦାଶ, କମଳାକ୍ଷୀ ମୁଦୁଲି, ଆଲେଖ୍ୟ ଦାସ ।

# ବନ୍ତ ବ୍ଲକ୍‌ରେ ମିଳିତ ଜନ ଶୁଣାଣି ଶିବିର

ଭଦ୍ରକ, ୨୪/୦୩ (ଆ.ପ୍ର) : : ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ବନ୍ତ ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଏହି ଶିବିରରେ ଯୋଗଦେଇ ସମୁଦାୟ ୧୧୯ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ୮୬ଟି ବ୍ୟକ୍ତିଗତ ଓ ୩୨ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା । ରେଡ୍‌କ୍ରସ୍ ସମ୍ବନ୍ଧୀୟ ୧ଟି ଅଭିଯୋଗ ଥିଲା । ଉକ୍ତ ଆବେଦନକାରୀଙ୍କୁ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ୫୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିଲେ । ୩୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଯୋଜନା ଆନୁକୂଲ୍ୟରେ ୨ଟି ହ୍ୱିଲ ଚେୟାର ଓ ଗୋଟିଏ ତିନି ଚକିଆ ସାଇକେଲ ବିତରଣ କରାଯାଇଥିଲା । ଭଦ୍ରକ ଜିଲ୍ଲାପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା ମଧ୍ୟ ଏହି ଶିବିରରେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଅତିରିକ୍ତ ଏସ୍.ପି. ବାସୁଦେବ ସ୍ୱାଇଁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସମାଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ବନ୍ତ ବ୍ଲକ୍‌ର ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଜନାଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଭଦ୍ରକ ଜିଲ୍ଲାସ୍ତରୀୟ ଓ ଉକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଜନଶୁଣାଣିରେ ବିଭିନ୍ନ ବିଭାଗୀୟ ଅଭିଯୋଗ ସମାଧାନ ନିମନ୍ତେ ଆବଶ୍ୟକ ତଥ୍ୟ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ ।

# ଡ଼.ରାମ ମନୋହର ଲୋହିଆ ଓ ଭଗତ୍ ସିଂଙ୍କ ଶହୀଦ ଦିବସ ପାଳିତ

ବ୍ରହ୍ମପୁର, ୨୪/୦୩ (ଆ.ପ୍ର) : ସହରର ଅଗ୍ରଣୀ ବୁଦ୍ଧିଜୀବୀ ଅନୁଷ୍ଠାନ ଭଗତ -ଲୋହିଆ । ବିଚାର ମଂଚ ପକ୍ଷରୁ ସ୍ଥାନୀୟ ନବୀନ ଭବନ ଠାରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ମାର୍ଚ୍ଚ ୨୩ ତାରିଖ ୧୯୧୦ମସିହାରେ ଡ଼. ରାମ ମନୋହର ଲୋହିଆ । ଉତର ପ୍ରଦେଶର ଆକବରପୁର ଠାରେ ଜନ୍ମ ଗ୍ରହଣ କରିଥିଲେ । ମହାତ୍ମା ଗାନ୍ଧିଙ୍କ ଭାରତ ଛାଡ଼ ଆନ୍ଦୋଳନର ଡାକରା କ୍ରମେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ସେ ସମାଜବାଦ ଓ ସାମାଜିକ ନ୍ୟାୟର ପ୍ରତିଷ୍ଠା ପାଇଁ ଆଜୀବନ ଲଢେଇ କରିଛନ୍ତି ଯୁଦ୍ଧ ବିରୁଦ୍ଧରେ ବକ୍ତବ୍ୟ ପ୍ରଦାନରୁ ଡ଼. ଲୋହିଆଙ୍କୁ ୧୯୪୦ମସିହାରେ ଗିରଫ କରାଯାଇଥିଲା । ଭାରତ ଛାଡ଼ ଆନ୍ଦୋଳନର ନେତୃତ୍ୱ ନେଲାବେଳେ ୧୯୪୪ମସିହାରେ ତାଙ୍କୁ ପୁଣି ଗିରିଫ କରାଯାଇଥିଲା । ଭାରତ ବିଭାଜନକୁ ସେ ଦୃଢ଼ ବିରୋଧ କରୁଥିଲେ ସେ ମହିଳା ଓ ପଛୁଆ ବର୍ଗଙ୍କ ପାଇଁ ୬୦ପ୍ରତିଶତ ସିଟରେ ଅ ।ରକ୍ଷଣ ପାଇଁ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ସେ ଜଣେ ମହାନ ସମାଜ ସୁଧାରକ ଥିଲେ । ସାତ ସ୍ତରରେ ଥିବା ଅସମାନତାକୁ ବିରୋଧ କରି ଆର୍ଥିକ ସମାନତା, ବ୍ୟକ୍ତିଗତ ଅଧିକାର, ରଙ୍ଗ ଗତ ବୈଷମ୍ୟତାର ବିଲୋପ, ଜାତୀୟ ସ୍ୱାଧୀନତା, ମହିଳାଙ୍କୁ ଉତଥାନ, ଜାତି ନିର୍ମୂଳତା ଓ ସଶସ୍ତ୍ର ସଂଘର୍ଷକୁ ଅସହଯୋଗ ଆଦି ସାତ ଗୋଟି ବ୍ୟବସ୍ଥା ଲୋହିଆଙ୍କ ସପ୍ତ କ୍ରାନ୍ତି ଭାବେ ଜଣାଶୁଣା । ସେହିଭଳି ଆଜିର ଦିନରେ ମହାନ ବିପ୍ଳବୀ ସହିଦ ଭଗତ ସିଂଙ୍କୁ ବ୍ରିଟିଶ ସରକାର ମିଥ୍ୟା କେସରେ ଛନ୍ଦି ଫାଶୀ ଦେଇଥିଲା ଉଭୟ ଭଗତ ସିଂ ଓ ରାମ ମନୋହର ଲୋହିଆ ରାଷ୍ଟ୍ରର ପୁଞ୍ଜିବାଦୀ ଅର୍ଥନୀତି, ସାମ୍ରାଜ୍ୟବାଦୀ ଚରିତ୍ର, ଜାତିବାଦ, ସାମ୍ପ୍ରଦାୟିକ ଭୂମିକାକୁ ଦୃଢ଼ ବିରୋଧ କରିଛନ୍ତି ଓ ସମାଜବାଦ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ସଂଘର୍ଷ କରିଛନ୍ତି । ଏଣୁ ସମାଜବାଦ ଏକ ମାତ୍ର ବ୍ୟବସ୍ଥା ଆଜି ଭାରତବର୍ଷରେ ଜନ ଗଣଙ୍କୁ ସ୍ୱାଧୀନତା, ସମାନତା ଓ ମର୍ଯ୍ୟାଦାବନ୍ତ ଜୀବନ ଯାପନଦେଇ ପାରିବା ସହ ପ୍ରତ୍ୟେକଙ୍କ ଜୀବନ ଜୀବିକା ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ଦେଇପାରିବ ବୋଲି ଆଜିର ସଭାରେ ମତ ପ୍ରକାଶ ପାଇଛି । ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜନୀତି ବିଭାଗ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ମୁଖ୍ୟ ବକ୍ତା ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ସମ୍ମାନିତ ଅତିଥି ଆଇନଜୀବି ଅବନୀ ରାୟ ମଂଚାସୀନ ଥିବାବେଳେ ଶିକ୍ଷକ ନେତା ତଥା ମଂଚର ସଂଯୋଜକ ଅଶୋକ ଦଳାଇ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଆଲୋଚନା ଚକ୍ରରେ ଡ଼. ଡମ୍ବରୁଧର ସାହୁ, ଡ଼. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, ସମାଜସେବୀ ରାମକୃଷ୍ଣ ପାତ୍ର, ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ନବୀନର ପ୍ରକାଶିକା ମଞ୍ଜୁ ରଥ, ସାମ୍ବାଦିକ ରଂଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ଆଲୋକ କୁମାର ସାବତ, କୈଳାସ ବେହେରା, ପ୍ରଶାନ୍ତ ଶତପଥୀ, କୁନା କୁମାର ଦିଶେୟୀ, ଅଜିତ ରାଉତ, ଅଭିମନ୍ୟୁ ନାୟକ, କେ. ସନ୍ତୋଷ କୁମାର ପାତ୍ର, ଦୀପ୍ତ ଶଙ୍କର ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ଗୌଡ଼, ହେମନ୍ତ କୁମାର ରଥ, ରମାକାନ୍ତ ରଥ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ସାହିତ୍ୟିକ ସୁଶାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା, ୨୪/୦୩ (ଆ.ପ୍ର) : ଜିଲ୍ଲା ଶିଳ୍ପ କେନ୍ଦ୍ର ଭୁବନେଶ୍ୱର ଆୟୋଜନରେ ଏବଂ ଆଇଏମଏମଏସ ସହଯୋଗରେ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଶିଶୁ ବିକାଶ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଇଏମଏମଏସର ନିର୍ଦ୍ଦେଶକ ଅଂଶୁମାନ ଦାସ୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କେନ୍ଦ୍ରର ସହକାରୀ ପରିଚାଳକ ସଂପଦ କୁମାର ନାୟକ, ମୁଖ୍ୟବକ୍ତା ଭାବେ ମିଶନଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବ୍ଲକ ଶିଶୁ ବିକାଶ ଅଧିକାରୀ ତପନ କୁମାର ଦାସ ପ୍ରମୁଖ ଯୋଗଦେଇ ନିଜେ ଉଦ୍ୟୋଗ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହୋଇପାରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଯେଉଁ ବ୍ୟକ୍ତିମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ରଖୁଆନ୍ତି ଏବଂ ତା ମାଧ୍ୟମରେ ଆର୍ଥିକ ସଂସ୍ଥାପନ ବା ଜୀବିକା ନିର୍ବାହ କରିବାପାଇଁ ଚାହିଁଥାନ୍ତି, ସେମାନଙ୍କ ପାଇଁ ଉଦ୍ୟୋଗ ସ୍ଥାପନ ନିମନ୍ତେ ଉକ୍ତ ପାଠ୍ୟକ୍ରମ ଅତ୍ୟନ୍ତ ଜରୁରୀ ଅଟେ । ଯେହେତୁ ଆତ୍ମନିଯୁକ୍ତିର ବିଭିନ୍ନ ପନ୍ଥା ସଂପୂର୍ଣ୍ଣ ଭାବେ ନିଜ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥାଏ ସେଗୁଡିକୁ ଉଦ୍ୟୋଗୀ ନିଜେ ପରିଚାଳନା କରିଥାନ୍ତି । ସରକାର ମଧ୍ୟ ଉଦ୍ୟୋଗ

ପ୍ରତିଷ୍ଠା ଦିଗରେ ଯତ୍ନବାନ । ବେକାରୀ ଯୁବକ ଯୁବତୀ ମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଥିବା ବେଳେ ବହୁ ବେକାର ଯୁବକ ଯୁବତୀ ଉକ୍ତ ପ୍ରଶିକ୍ଷଣ ଗ୍ରହଣ କରି ନିଜେ ଉଦ୍ୟୋଗ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେବା ସହିତ ନିଜେ ନିଜର ପରିବାର ପ୍ରତିପୋଷଣ କରିପାରୁଛନ୍ତି ବୋଲି ଅତିଥି ଗଣ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଖୋର୍ଦ୍ଧାର ମହିଳା ଉଦ୍ୟୋଗୀ ମମତା ପାଣିଗ୍ରାହୀ ୨୦୨୧ ମସିହାରେ ବିଜେ ବ୍ୟାଙ୍କରୁ ଋଣ ନେଇ ସ୍ୱାବଲମ୍ବୀ ହୋଇଥିବା ନିଜର ଅନୁଭୂତି ବଖାଣିଥିଲେ ଓ କାର୍ଯ୍ୟକ୍ରମକୁ ରଞ୍ଜନ କୁମାର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଖୋର୍ଦ୍ଧା ବ୍ଲକର ୩୦ଜଣ ଯୁବକ ଯୁବତୀ ପ୍ରଶିକ୍ଷଣରେ ଯୋଗଦେଇଥିଲେ । ଦୀର୍ଘ ୧୨ଦିନ ଧରି ଉକ୍ତ ପ୍ରଶୀକ୍ଷଣ ଶିବିର ଚାଲିବ ବୋଲି ଶିଳ୍ପ ବିକାଶ ଅଧିକାରୀ ଶ୍ରୀଯୁକ୍ତ ଦାସ ମତବ୍ୟକ୍ତ କରିଥିଲେ ।

# ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ

ଭଦ୍ରକ, ୨୪/୦୩ (ଆ.ପ୍ର) : ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲା ସ୍ତରୀୟ ୯୦ତମ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ହୋଇଯାଇଥିବା ପ୍ରସ୍ତୁତି ବୈଠକରେ ସ୍ଥିରିକୃତ ମାର୍ଗଦର୍ଶିକା ଅନୁଯାୟୀ ମଧ୍ୟ ଇଂରାଜୀ ଓ ହାଇସ୍କୁଲ ସ୍ତରରେ ଓଡ଼ିଆ ଭାଷାରେ ଓଡ଼ିଶା ସମ୍ବନ୍ଧୀୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତା ସାନନ୍ଦୀ ହସ୍‌ପିଟାଲର ପୃଷ୍ଠପୋଷକତାରେ ଅନୁଷ୍ଠିତ ହୋଇଥିଲା । ହସ୍‌ପିଟାଲର ସତ୍ତ୍ୱାଧିକାରୀ ଡା. ପ୍ରଭାସ ଚନ୍ଦ୍ର ମହାନ୍ତି ସଂସ୍କୃତି ଭବନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ସଙ୍ଗୀତ ଗୁରୁ ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ବିଭୂତି ଭୂଷଣ ପଣ୍ଡା, ରମାକାନ୍ତ ଜେନା, ପ୍ରକାଶ ଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ରାୟ, ସୀତାକାନ୍ତ ଦାସ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଜୁନିୟର ଗ୍ରୁପ୍‌ରେ ଏସ୍.ବି.ଜି. ସ୍କୁଲର ସ୍ୱାଭିମାନ ପଣ୍ଡା ୧ମ, ଓଜୋସ୍ମିତା ମହାପାତ୍ର ଦ୍ୱିତୀୟ, ଜ୍ୟୋତି କନଭେଣ୍ଟ ସ୍କୁଲର ସମୀକ୍ଷା ନାୟକ ତୃତୀୟ, ସିନିୟର ଗ୍ରୁପ୍‌ରେ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ମନ୍ଦିରର ହିମାଦ୍ରି ତନୟା ପଣ୍ଡା ୧ମ, ସନସାଇନ୍ ମିଶନ୍ ସ୍କୁଲର ଅନୁଭବ ପାଣି ୨ୟ ଓ ଡି.ଏ.ଭି.ଏସ୍.ଡି.ପି.ଏସ୍ ସ୍କୁଲର ସ୍ମୃତି ସୌଜନ୍ୟା ପ୍ରହାଣ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

# ପସିସି ସଭାପତିଙ୍କ ବଡଚଣା ଗସ୍ତ

ଛତିଆ, ୨୪/୦୩ (ଆ.ପ୍ର) : ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟର ଛାତ୍ରୀଙ୍କୁ ମହାବିଦ୍ୟାଳୟ ଅଧାପକଙ୍କ ଅସଦାଚରଣ ଘଟଣା ଅତ୍ୟନ୍ତ ଉଦବେଗଜନକ । ଏଠାରେ ଛାତ୍ରୀ ଜଣଙ୍କୁ ନ୍ୟାୟ ମିଳୁନି । ଜଣେ ପୀଡିତା ନିଜେ ସାହାସ ଯୁଟାଇ ଲଢେଇ କରିଥିଲେ । ସେଥିପାଇଁ ତାଙ୍କୁ ଧନ୍ୟବାଦ । ଏହି ଘଟଣାରେ କଲେଜର ଅଧ୍ୟକ୍ଷ ଓ ଜଣେ ପିଅନଙ୍କ ସଂପୃକ୍ତି ଥିବା ବେଳେ ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ । ଏହି ଘଟଣାକୁ ଚାପି ଦେବା ପାଇଁ କଲେଜର ଅଧ୍ୟକ୍ଷ ସମ୍ପୂର୍ଣ୍ଣ ଉଦ୍ୟମ କରିଥିବା କଥା ପିସିସି ସଭାପତି କହିଛନ୍ତି । ଏଭଳି ଏକ ଉଦବେଗଜନକ ଘଟଣାରେ ପୋଲିସର କାର୍ଯ୍ୟାବଳିକୁ ଘୋର ନିନ୍ଦା କରିଛନ୍ତି ଭକ୍ତ ଚରଣ ଦାସ । ସମ୍ବେଦନଶୀଳ ଏହି ଘଟଣାରେ ଅଭିଯୁକ୍ତ ମାନେ ତୁରନ୍ତ ଜାମିନ ପାଇବା ରେ ସରକାରଙ୍କ ମହିଳା ସୁରକ୍ଷା ଉପରେ ପ୍ରଶ୍ନବାଚୀ ଉଠାଇ ଛନ୍ତି ସଭାପତି । ଏଥିରୁ ସ୍ପଷ୍ଟ ହୁଏଯେ ସରକାର ଛାତ୍ରୀଙ୍କୁ ନ୍ୟାୟ ଦେବା ସପକ୍ଷରେ ନାହାନ୍ତି । ଓଡିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ସରକାର ଅସ୍ମିତାକୁ ହତ୍ୟା କରୁଛନ୍ତି । ସବୁ ଦିଗରୁ ତଦନ୍ତ କରି ଯେଉଁମାନେ ଏହି ଘଟଣା ରେ ଦୋଷୀ ସେମାନଙ୍କ ବିରୋଧ ରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଚେତ ଆଗାମୀ ଦିନରେ କଂଗ୍ରେସ ଏସ ପି ଅଫିସ ଘେରାଉ କରିବ ଓ ପୀଡିତା ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଲଢେଇ ଜାରୀ ରଖିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରକାଶ କରିଛନ୍ତି । ଗୁରୁବାର ଯାଜପୁର ଜିଲା ବଡ଼ଚଣା ନିର୍ବାଚନ ମଣ୍ଡଳୀ ଗସ୍ତ କରିବା ସହ ଏହି ବ୍ଲକ ଅନ୍ତର୍ଗତ ଚଣ୍ଡିଆ ଗ୍ରାମକୁ ଗସ୍ତ କରି ପୀଡିତା କଲେଜ ଛାତ୍ରୀଙ୍କୁ ତାଙ୍କ ବାସଭବନରେ ସେ ଭେଟିଥିଲେ । ତଙ୍କ ସହ ଥିଲେ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ମାନସ ଚୌଧୁରୀ, ରାଜ୍ୟ ଯୁବକଂଗ୍ରେସ ସଭାପତି ରଣଜିତ ପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ନାରାୟଣ ପ୍ରଧାନ, ପ୍ରଦୀପ୍ତ ଦାସ, ଗୁରୁବାର ଯାଜପୁର ଜିଲା ଗସ୍ତରେ ଆସି ପ୍ରଥମେ ଚଣ୍ଡିଖୋଲ ଛକ ଠାରେ ପହଂଚି ଥିଲେ । ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଡାକ୍ତର ସନ୍ତୋଷ କୁମାର ବଳଙ୍କ ନେତୃତ୍ୱରେ ସେଠାରେ ସ୍ୱାଗତ କରାଯିବା ପରେ ମହାବିନାୟକ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ । ମହାପ୍ରଭୁଙ୍କ ଆଶିଷ ଲାଭ କରି ଏକ ଶୋଭାଯାତ୍ରାରେ ବାଲିଚନ୍ଦ୍ରପୁର ଠାରେ ପହଂଚିବା ପରେ ବାଇପାସ୍ ଛକ ଠାରୁ ପ୍ରାକ୍ତନ ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲଙ୍କ ନେତୃତ୍ୱରେ ମୋଟର ସାଇକେଲ ଶୋଭାଯାତ୍ରାରେ ଆସି ବଜାର ମଝିରେ ଥିବା ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ସାହୁ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଫକୀର ମୋହନ ଉଦଗାତ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ମାନଭଞ୍ଜନ ରାଉତରାୟ, ଏକାଦଶୀ ସେଠୀ, ରବୀନ୍ଦ୍ର କୁମାର ରାଉତରାୟ, ବ୍ଲକ କଂଗ୍ରେସ ସଭାପତି ସୁରେଶ ସାହାଣୀ, ରିଆସତ ଅଲ୍ଲୀ, ଦେବେନ୍ଦ୍ର ସାମଲ, ବିଳାସ ଚନ୍ଦ୍ର ବାରିକ, ଅଧିବକ୍ତା ପ୍ରଫୁଲ କୁମାର ପ୍ରଧାନ, ସଂଜୟ କୁମାର କର, କରୁଣା କର ରଣା, ସଂଗ୍ରାମ ଜେନା, ଚର୍ଚ୍ଚିତ ମାହାଲା, କାର୍ତ୍ତିକ ଚନ୍ଦ୍ର ସେଠୀ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ । ଏହାପରେ ଚଣ୍ଡିଆ ଗ୍ରାମକୁ ଯାଇ ବାଲିଆ ସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟରେ ଘଟିଥିବା ଘଟଣାରେ ପୀଡିତା ଛାତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ସାନ୍ତ୍ୱନା ପ୍ରଦାନ କରିବା ସହ ଆଗାମୀ ଦିନରେ ତାଙ୍କ ପ୍ରଦେଶ କଂଗ୍ରେସ ସହଯୋଗର ହାତ ବଢାଇବା ବୋଲି ଶ୍ରୀ ଦାସ ଦୃଢୋକ୍ତି ପ୍ରକାଶ କରିଥିଲେ ।

# ରିନୁ ହତ୍ୟାକାରୀଙ୍କୁ ଫାଶୀ ଦଣ୍ଡ ଦେବା ନେଇ ଟିକାବାଲିରେ ଅଖ ଚକ ବନ୍ଦ ଡାକରା

ଟିକାବାଲି, ୨୪/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଟିକାବାଲି ପଂଚାୟତ ଅନ୍ତର୍ଗତ ଫଟବର ସାହିର ଯୁବତୀଙ୍କ ଏଭଳି ଏକ ହୃଦୟ ବିଦାରକ ଏବଂ ଲୋମ ଟାଙ୍କୁରା ଘଟଣାକୁ ନେଇ ସମଗ୍ର ଟିକାବାଲି ଅଂଚଳରେ ଆଲୋଡନ ସୃଷ୍ଟି କରିଛି । ଏହି ଖବର ସହଜରେ ଅଂଚଳ ବାସୀ ଗ୍ରହଣ କରିପାରୁ ନାହାନ୍ତି, ଆସାମୀ ମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ଦୃଢ଼ ଦାବୀ କରୁଛନ୍ତି । ଏହି ପ୍ରତିବାଦରେ ସାମ୍ବାଦିକ ସଂଘ ଟିକାବାଲି, ଟିକାବାଲି ବଣିକ ସଂଘ, ନାରୀସୁରକ୍ଷା ମହିଳା ମହାସଂଘ, ଓ କନ୍ଧମାଳ ପ୍ରଗତି ମିଳିତ ମହାସଂଘ, ସମେତ ଟିକାବାଲି ଅଂଚଳବାସୀ ଦ୍ରୁତ କାର୍ଯ୍ୟ ଅନୁଷ୍ଠାନ ନେବାକୁ ଦାବୀ କରିଛନ୍ତି । ସୂଚନା ଅନୁସାରେ ଗତ ୨୭/୨/୨୦୨୫ ରିଖ ଟିକାବାଲି ଫଟବର ସାହିର କାମାକ୍ଷ ମହାପାତ୍ରଙ୍କ ଝିଅ ରିନୁ ମହାପାତ୍ର (୧୬) ବର୍ଷ ସନ୍ଧ୍ୟା ୬ ଘଂଟିକା ସମୟରେ ଟିଉସନ ଯାଇ ଆଉ ଘରକୁ ଫେରିନ ଥିଲେ । ଏହାକୁ ନେଇ ନିଜ ପରିବାର ଲୋକ ପାଖ ପଡୋଶୀ, ବନ୍ଧୁବର୍ଗ ସାଙ୍ଗ ସାଥି, ମାନଙ୍କୁ ପଚାରା ଉଚାର କରିଥିଲେ । ଆଜି ପର୍ଯ୍ୟନ୍ତ ପରିବାର ଲୋକ ରିନୁର କୌଣସି ଠୋସ ଖବର ପାଇ ନଥିଲେ । ଶେଷରେ ରିନୁର ବାପା ଟିକାବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏ ନେଇ ଟିକାବାଲି ପୋଲିସ ଏକ ନିଖୋଜ ମାମଲା ରୁଜୁ କରି, ତଦନ୍ତ ପ୍ରକ୍ରିୟା ଜାରି ରଖିଥିଲା । କିନ୍ତୁ ଗତ ତା ୨୨/୦୩/୨୦୨୫ ରିଖ ଗଞ୍ଜାମଜିଲ୍ଲା ସୋରଡ଼ା ଥାନା ଗଜଲ ବାଡ଼ି ପଂଚାୟତର କେଟାମଣି ଜଙ୍ଗଲ ରୁ ସୋରଡ଼ା ପୋଲିସ ଜବତ କରିଥିଲା ହାଡ଼, କଙ୍କାଳ ଓ ଖପୁରି, ସମେତ ଝିଅର ପୋଷାକ ଏବଂ ବୁଟି

ବରପୋଡ଼ା ମୋବାଇଲ । ଏହାକୁ ନେଇ ସୋରଡ଼ା ପୋଲିସ ଓ ଟିକାବାଲି ପୋଲିସ ଏବଂ ସାଇଂଟିଫିକ ଟିମର ମିଳିତ ଉଦ୍ୟମରେ ଝିଅଙ୍କ ପରିବାର ଲୋକେ ଘଟଣା ସ୍ଥଳରେ ପହଂଚି ଜବତ ହୋଇଥିବା ପୋଷାକ ଦେଖି ମୋ ଝିଅ ବୋଲି ଜାଣି ପାରିଥିଲେ ପରିବାର ଲୋକେ ଏହି ଘଟଣା କୁ ଭିତିକରି ସୋରଡ଼ା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଘଟଣା ଭିଆଇଥିବା ସ୍ଥାନକୁ ନେଇ ରିନୁକୁ କିଭଳି ହତ୍ୟା କରି ଥିଲେ ତାର ବିକିନିକି ଘଟଣାର ଖବର ପୋଲିସ ଆଗରେ ବଖାଣି ଥିଲେ । ଘଟଣାର ତଦନ୍ତରୁ ଜଣା ପଡିଲା ଯେ ମୁଖ୍ୟ ଅଭିଯୁକ୍ତ ହେଲେ ତକାପାଦ ବ୍ଲକର ଶଙ୍କରାଖୋଲ ପଂଚାୟତର ଗୁଡ଼ିଗାଁ ଗ୍ରାମର ବିଜୟ କୁମାର ନାୟକ (୨୧) ପିତା ଲକ୍ଷଣ ନାୟକ ଜଣାପଡ଼ିଛି । ହତ୍ୟାକାରୀ ଗତ ୨୭ ତାରିଖ ଦିନ ସନ୍ଧ୍ୟା ୬ ଘଂଟିକା ସମୟରେ ରିନୁକୁ ଶଙ୍କରା ଖୋଲ ଡାକିଥିଲା । ବିଜୟର କଥାକୁ ରକ୍ଷା କରି ରିନୁ ଶଙ୍କରାଖୋଲ ପହଂଚି ଥିଲେ । ବିଜୟର ସାଙ୍ଗ ସଂଜୀବ ସାହୁ (୨୨), ଦୀପକ ସାହୁ (ଓରଫ) ହିତେଶ ସାହୁ, ଗ୍ରାମ ଆରାବାକାରୁ ଏକ କାର (ଓ. ଡ଼ି. ୦୨ ସିଜେ ୩୭୫୩) ଧରି ଶଙ୍କରା ଖୋଲ ପହଂଚି ଥିଲେ । ଶଙ୍କରାଖୋଲରୁ ସାରଙ୍ଗଗଡ଼ ଅଭିମୁଖେ ରିନୁ ସହିତ ତିନି ଅଭିଯୁକ୍ତ ଗସ୍ତ କରିଥିଲେ । ସାରଙ୍ଗଗଡ଼ ଛକରେ କିଛି ଫଳ ମୂଳ କିଣିବା ସହିତ ଏକ ଛୁରୀ କିଣିଥିଲେ, ଏବଂ ଦାରିଙ୍ଗବାଡି ପାର୍କ ବୁଲିବାକୁ ଯିବାବେଳି ରିନୁକୁ କହିଥିଲେ, ସେ ଦିନ ପାର୍କ ବନ୍ଦ ଥିବାରୁ ଗାଜଲ ବାଡ଼ି ଜଙ୍ଗଲ କୁ ବିଜୟ କୁମାର ନାୟକ ଓ ପ୍ରେମିକା ରିନୁ ମହାପାତ୍ର ଯାଇଥିଲେ, ସେଠାରେ ଦୁହେଁ ଶାରୀରିକ ସମ୍ପର୍କ ରଖି ଥିଲେ । ପାହାଡ଼ ତଳେ ଜଗି ରହିଥିବା ଦୁଇ ସାଙ୍ଗ ସଂଜୀବ ସାହୁ, ହିତେଶ ସାହୁ ମଧ୍ୟ ରିନୁ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ କିନ୍ତୁ ରିନୁ ବିରୋଧ କରି ଥିଲା ବେଳେ ସମୟ ପ୍ରାୟ ରାତି ୧୦ଟା ହେବବୋଲି ଜଣା ପଡିଛି । ଏତିକି ବେଳେ ରିନୁ ନିରୁପାୟ ଓ ଅସହାୟ ମନେ କରିଥିଲେ, ଏହାର ସୁଯୋଗ ନେଇ ଆସାମୀ ମାନେ ରିନୁକୁ ଗଣ ବଳତ୍କାର କରିଥିଲେ ଏବଂ ଶେଷରେ ଛୁରୀ ମାଡ଼କରି ରିନୁକୁ ଜୀବନରେ ମାରି ଦେଇଥିଲେ । ଏଭଳି ଜଘନ୍ୟ ଘଟଣାର ପ୍ରମାଣ ନଷ୍ଟ କରିବାକୁ ଯାଇ ରିନୁ ଦେହରେ ପେଟ୍ରୋଲ ଢାଳି ପୋଡ଼ି ଦେଇ ତିନି ଅଭିଯୁକ୍ତ ଘଟଣା ସ୍ଥଳରୁ ଚାଲି ଆସି । ବିଜୟ କୁମାର ନାୟକଙ୍କ ନିଜ ଭେଣେଇ ନୟାଗଡ ଜିଲ୍ଲାର ଓଡଗାଁ ଗ୍ରାମର ଚନ୍ଦନ ସେଠି ତିନି ଜଣ ଅଭିଯୁକ୍ତଙ୍କୁ ନିଜ ଘରେ ଆଶ୍ରୟ ଦେଇ ରଖିଥିଲେ । ଏ ଖବର ତଦନ୍ତରୁ ଜାଣି ପାରିଥିଲେ ଟିକାବାଲି ଓ ସୋରଡ଼ା ପୋଲିସଙ୍କ ମିଳିତ ଉଦ୍ୟମରେ ଭେଣେଇ ଚନ୍ଦନ ସେଠି ଓ ତିନି ଜଣ ଅପରାଧୀଙ୍କୁ ଗିରଫ କରି କେସ ନଂ ୧୩୩/୨୦୨୫ରେ ଏକ ମାମଲା ରୁଜୁ କରି ସୋରଡ଼ା ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚାଲୁ କରୁଛନ୍ତି ବୋଲି ସୋରଡ଼ା ଥାନା ଅଧିକାରୀ ଶ୍ରୀ କୈଳାସ ଚନ୍ଦ୍ର ସାହୁ ଏବଂ ଟିକାବାଲି ଥାନା ଏସ ଆଇ ରବୀନ୍ଦ୍ର ହେମ୍ବ୍ରମ ସୂଚନା ଦେଇଛନ୍ତି ।

# ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀଙ୍କ ପରଲୋକରେ ଶୋକାକୁଳ ପରିବେଶ

ଓଡ଼ଗାଁ, ୨୪/୦୩ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ଅଂଚଳର ଜଣାଶୁଣା ବରିଷ୍ଠ ସମାଜସେବୀ, ପରିବେଶବିତ୍, ଶିକ୍ଷାବିତ୍ ତଥା ସମ୍ଭବ ଆଶ୍ରମର ପ୍ରତିଷ୍ଠାତା ସଂପାଦକ ରାମକୃଷ୍ଣ ସାହୁଙ୍କର ରବିବାର ଦିନ ସଂଧ୍ୟା ୮ଟା ସମୟରେ ଭୁବନେଶ୍ୱରଠାରେ ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ବର୍ତ୍ତମାନ ତାଙ୍କୁ ୭୮ ବର୍ଷ ହୋଇଥିଲା ବେଳେ ତାଙ୍କ ଘର ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରଙ୍ଗଣୀପାଟଣା ଗ୍ରାମରେ । ସେ ପ୍ରଥମେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବରେ ତା ପରେ ବିଦ୍ୟାଳୟ ସମୂହର ଅନୁନିରୀକ୍ଷକ ପଦବୀରେ ଥାଇ

ଅବସର ଗ୍ରହଣ କରିଥିଲେ । ସେ ଅବିବାହିତ ରହି ଓଡ଼ଗାଁ ବ୍ଲକର ରୋହିବାଙ୍କସ୍ଥିତ ସମ୍ଭବ ଆଶ୍ରମର ପ୍ରତିଷ୍ଠାତା ସଂପାଦକ ପଦବୀରେ ରହି ଦାୟିତ୍ୱ ତୁଲାଇଥିଲେ । ପଦ୍ମଶ୍ରୀ ସ୍ୱର୍ଗତ ରାଧାମୋହନ ଓ ସୁଶ୍ରୀ ପଦ୍ମଶ୍ରୀ ସାବରମତୀଙ୍କ ସହିତ ମିଶି ନିଃସ୍ୱାର୍ଥପର ଓ ଅବୈତନିକ ଭାବରେ ସମ୍ଭବ ଆଶ୍ରମର ପରିଚାଳନା କାର୍ଯ୍ୟ ନିର୍ବାହ କରିଆସୁଥିଲେ । ସେଠାକୁ ରାଜ୍ୟ ତଥା ଦେଶ ବିଦେଶରୁ ଆସୁଥିବା କୃଷକ ଓ ପରିବେଶବିତ୍ ମାନଙ୍କୁ ତାଲିମ ପ୍ରଦାନ କରୁଥିଲେ । ତାଙ୍କ ମୃତ୍ୟୁରେ ଓଡ଼ଗାଁ ବ୍ଲକ ସମେତ ନୟାଗଡ଼ ଓ ବିଶେଷ ଭାବରେ ପଡୋଶୀ ଗଞ୍ଜାମ ଜିଲ୍ଲାରେ ଶୋକରେ ଛାୟା ଖେଳିଯାଇଛି । ଆଜି ହସ୍ପିଟାଲରୁ ତାଙ୍କ ମରଶରୀର ଆସିବା ପରେ ତାଙ୍କ ସାନଭାଇ ଲକ୍ଷ୍ମୀଧର ମୁଖାଗ୍ନି ଦେଇଥିବା ଜଣାପଡିଛି । ଶହ ଶହ ଶିକ୍ଷକ ଶିକ୍ଷୟତ୍ରୀ ଓ ଜନସାଧାରଣ ତାଙ୍କର ଶେଷ ଦର୍ଶନ ପାଇଁ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗରେ ପୁରାତନ ଛାତ୍ର ମିଳନ

ଖଲ୍ଲିକୋଟ, ୨୪/୦୩ (ଆ.ପ୍ର) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗରେ ପୁରାତନ ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ ଗଣେଶହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାକୁ ବୃକ୍ଷରେ ଜଳସିଂନ କରି ଉଦଘାଟନ କରିଥିଲେ ବିଭାଗମୁଖ୍ୟ ପ୍ରଫେସର ପଦ୍ମିନୀ ସାହୁ । ଏହି ସଭାରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବରିଷ୍ଠ ପ୍ରଫେସର ଡ. ବନଭଦ୍ର ତ୍ରିପାଠୀ ଏବଂ ଶ୍ରୀ ବିଜ୍ଞାନ ମିହିର ପଟ୍ଟନାୟକ ପୁରାତନ ଛାତ୍ର ଜୀବନ ତଥା ଇଂରାଜୀ ବିଭାଗର ଅତୀତ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଫେସର ରାମନାରାୟଣ ପଣ୍ଡା ବିଭାଗର ଅଧାପକ, ଅଧାପିକା ମାନଙ୍କର ଅତୀତର ଶିକ୍ଷାଦାନ, ନିଜର ସଫଳତାରେ ବିଭାଗର ଅବଦାନ, ପୁରାତନ ବନ୍ଧୁ

ମାନଙ୍କ ସହିତ ବିତିଥିବା ବିଗତ ଦିନର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ବିଭାଗ ତରଫରୁ ପ୍ରଫେସର ପଦ୍ମିନୀ ସାହୁଙ୍କ ସମ୍ପାଦନାରେ ଏକ ପ୍ରବନ୍ଧ ସଂକଳନ 'myriad motifs in Indian english fiction' ଉନ୍ମୋଚିତ ହୋଇଥିଲା । ଆଜିର କାର୍ଯ୍ୟକ୍ରମ ଅବସରରେ ବିଭାଗୀୟ ଅଧାପିକା ଚିନ୍ମୟୀ ସାହୁ, ଅଧାପିକା ଇପ୍ସିତା ରୁଚି, ଅଧାପିକା ନୟନିକା ମହାପାତ୍ର, ଅଧାପିକା ସୁହାସିନୀ ବିଶ୍ୱାଳଙ୍କ ସମେତ ବହୁ ଛାତ୍ରଛାତ୍ରୀ ବିଶେଷ ସହଯୋଗ କରିଥିଲେ । ଶେଷରେ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ସରକାରଙ୍କ ପକ୍ଷପାତିତା ନିଷ୍ପତ୍ତି ବିରୁଦ୍ଧରେ ଆୟୁଷବିକାଶ ମଂଚର ରଣ ହୁଂକାର

ବାଲେଶ୍ୱର, ୨୪/୦୩ (ଆ.ପ୍ର) : ଜିଲ୍ଲା ଆୟୁର୍ବେଦିକ କାର୍ଯ୍ୟାଳୟ ପରିସରରେ ଆୟୁଷ ବିକାଶ ମଂଚର ସଭାପତି ଡାକ୍ତର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଗତକାଲି ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସମ୍ପାଦକ ହିମାଂଶୁ ଶେଖର ଦାସ, ସରକାରଙ୍କ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାରେ ଏକ ଆୟୁର୍ବେଦିକ ମହାବିଦ୍ୟାଳୟ ଖୋଲାଯିବା ପାଇଁ ଘୋଷଣା କରାଯାଇଅଛି ବୋଲି ସୂଚନା ପ୍ରଦାନ କରିଥିଲେ । ଆୟୁଷ ମଞ୍ଚ ତଥା ବାଲେଶ୍ୱର ମେଡିକାଲ୍ କ୍ରିୟାନୁଷ୍ଠାନ କମିଟିର ମିଳିତ ସହଯୋଗରେ ବାଲେଶ୍ୱର ଠାରେ ଏକ ଆୟୁର୍ବେଦିକ ଭେଷଜ ମହାବିଦ୍ୟାଳୟ ଖୋଲିବା ପାଇଁ ଓଡ଼ିଶା ସରକାର ତଥା ଭାରତ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯାଇଥିଲେ ସୁଦ୍ଧା ସରକାରଙ୍କର ଏଭଳି ପକ୍ଷପାତିତା ନିର୍ଣ୍ଣୟ ବାଲେଶ୍ୱରର ବହୁ ବୁଦ୍ଧିଜୀବୀମାନଙ୍କୁ ଅସନ୍ତୁଷ୍ଟ କରିଛି ବୋଲି ସମସ୍ତ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏପରିକି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅନୁରୋଧକ୍ରମେ ୨୦୨୩ ମସିହାରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ତରଫରୁ ବାଲେଶ୍ୱରଠାରେ ଏକ ଆୟୁର୍ବେଦିକ ଭେଷଜ ମହାବିଦ୍ୟାଳୟ ଖୋଲାଯିବା ପାଇଁ ଡିପିଆର ପ୍ରସ୍ତୁତ କରିବା ପାଇଁ ଓଡ଼ିଶା ସରକାରଙ୍କୁ ତାଙ୍କ ପତ୍ରସଂଖ୍ୟା ୧୮୦୧୧/୧୪/୨୦୨୨ ଘଇଗ, ତା ୨୩-୦୩-୨୨ ମୂଳେ ଅନୁରୋଧ କରାଯାଇଥିଲା । ଏଥିନିମନ୍ତେ ଓଡ଼ିଶା ସରକାରଙ୍କ ତରଫରୁ ସ୍ଥାନୀୟ ଅଚ୍ୟୁତପୁରଠାରେ ନିର୍ମାଣାଧୀନ ଥିବା ୫୦ ଶଯ୍ୟା ବିଶିଷ୍ଟ ସମନ୍ୱିତ ଆୟୁଷ ଚିକିତ୍ସାଳୟ ପରିସରରେ ଏ୫-୦୦କର ଜମି ଯୋଗାଇ ଦେଇଛନ୍ତି । ଅଚ୍ୟୁତପୁର ଠାରେ ମହାବିଦ୍ୟାଳୟ ଖୋଲିବା ପାଇଁ ତତ୍କାଳୀନ ଓଡ଼ିଶା ସରକାର ଆଶୁ ପଦକ୍ଷେପ ନ ନେବାରୁ ଭାରତ ସରକାରଙ୍କୁ ପ୍ରସ୍ତାବ ଯାଇ ପାରିନଥିଲା ଏବଂ ଏ ବିଷୟରେ ବିକାଶ ମଂଚ ବିଭିନ୍ନ ସମୟରେ ସ୍ଥାନୀୟ ସାଂସଦ, ବିଧାୟକମାନଙ୍କ ଦୃଷ୍ଟିକୁ ଆଣିଅଛି । ନେତୃତ୍ୱମାନଙ୍କର ଉଦାସୀନତା ପାଇଁ ଆଜି ବାଲେଶ୍ୱର ଜିଲ୍ଲା ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ଏକ ମହାବିଦ୍ୟାଳୟ ହରାଇବାକୁ ଯାଉଛି । ମଂଚର ବରିଷ୍ଠ ଉପଦେଷ୍ଟା ତଥା ବାଲେଶ୍ୱର ମେଡିକାଲ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ କହିବା ସଂଗେସଂଗେ ବାଲେଶ୍ୱର ଅଚ୍ୟୁତପୁରଠାରେ ଏକ ସମନ୍ୱିତ ଆୟୁଷ ମହାବିଦ୍ୟାଳୟ ସରକାରଙ୍କ ତରଫରୁ ଖୋଲା ଗଲେ ସ୍ଥାନୀୟ ଛାତ୍ରଛାତ୍ରୀମାନେ ବିଭିନ୍ନ ବିଜ୍ଞାନରେ (ଆୟୁଷ) ସ୍ନାତକ ଡିଗ୍ରୀ କରିବା ପାଇଁ ସୁଯୋଗ ପାଇପାରନ୍ତେ । ଏହି ଅବସରରେ ମଂଚର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୬-୦୩-୨୫ ରିଖ ଅଚ୍ୟୁତପୁର ଠାରେ ଏକ ଆୟୁର୍ବେଦ କିମ୍ବା ଆୟୁଷ ଭେଷଜ ମହାବିଦ୍ୟାଳୟ ମଂଜୁରୀ ପାଇଁ ମୁଖ୍ୟମନ୍ତ୍ରୀ / ପ୍ରଧାନମନ୍ତ୍ରୀ / ରାଷ୍ଟ୍ରପତିଙ୍କୁ ବାଲେଶ୍ୱର ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ଦେବାପାଇଁ ସ୍ଥିରୀକୃତ ହୋଇଥିଲା ଏବଂ ସରକାରଙ୍କ ଏଭଳି ପକ୍ଷପାତୀ ନିଷ୍ପତ୍ତି ନବଦଳାଇଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ମଂଚ ନିଷ୍ପତ୍ତି ନେଇଥିଲା ।

# କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ନୀତି ବିରୁଦ୍ଧରେ ଟ୍ରାନ୍ସପୋର୍ଟ ଫେଡେରେଶନର ଦିଲ୍ଲୀରେ ଧାରଣା

ବାଲେଶ୍ୱର/ନୀଳଗିରି, ୨୪/୦୩ (ଆ.ପ୍ର) : ଟ୍ରାନ୍ସପୋର୍ଟ ଫେଡେରେଶନ ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ନୀତି ବିରୁଦ୍ଧରେ ଦିଲ୍ଲୀ ରେ ଧାରଣା ଦିଆଯାଇଛି । କେନ୍ଦ୍ର ସରକାର, ପୂର୍ବରୁ ଥିବା ୪୪ଟି ଶ୍ରମ ଆଇନକୁ ଭାଙ୍ଗି, ବର୍ତ୍ତମାନ ଚାରୋଟି କୋଡରେ ପରିବର୍ତ୍ତନ କରିବା ଫଳରେ ଶ୍ରମିକ ମାନେ ବାହନ ଶ୍ରମିକ ପାଉ ହୀନ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଶ୍ରମିକ ମାନଙ୍କ ସୁରକ୍ଷା ପାଇଁ ସି ଟୁ (ମସହଙ୍କ) ତରଫରୁ ଦିଲ୍ଲୀର ଜନ୍ତରମନ୍ତର ଠାରେ ସମଗ୍ର ଭାରତର ଶ୍ରମିକ ଓ ଟ୍ରାନ୍ସପୋର୍ଟ ୱାର୍କର୍ସ ମାନେ ଧାରଣା ଦେଉଥିବା ଦେଖାଯାଇଛି । ଓଡିଶାରୁ ବହୁ ଟ୍ରାନ୍ସପୋର୍ଟ ଶ୍ରମିକ ଓ ପ୍ରତିନିଧି ଦିଲ୍ଲୀର ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇଛନ୍ତି । ଓଡିଶା ଟ୍ରାନ୍ସପୋର୍ଟ ଫେଡେରେଶନର ରାଜ୍ୟ ସମ୍ପାଦକ ଡକ୍ଲାସ ସ୍ୱାଇଁ, ବାଲେଶ୍ୱର ଜିଲ୍ଲାର ସି ଟୁର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର, ମୋଟର ଟ୍ରାନ୍ସପୋର୍ଟ ସମ୍ପାଦକ ରାଜକିଶୋର ଜେନା, ଅସିତ୍ ବରଣ ଦାସ, ମୃତ୍ୟୁଞ୍ଜୟ ରାଉତ ସୁଶାନ୍ତ ନାୟକ, ସରୋଜ ଜେନାଙ୍କ ସମେତ ବହୁ ସାଥୀ ଉକ୍ତ ଧାରଣାରେ ସାମିଲ ହେବା ପାଇଁ ଦିଲ୍ଲୀ ଯାଇଥିବା ଜଣାଯାଇଛି ।

# ଲେଖନୀ ଚାଳନା ପାଇଁ ବୟସ ଆଦୌ ପ୍ରତିବନ୍ଧକ ନୁହେଁ : ଅତିଥି
# ଲୋକାର୍ପିତ ହେଲା ହରିପ୍ରିୟା ଠାକୁରଙ୍କ ଉପନ୍ୟାସ 'ନୀଳୋତ୍ପଳା'

ବାଲେଶ୍ୱର, ୨୪/୦୩ (ଆ.ପ୍ର) : ଭବାନୀପାଟଣାର ଶ୍ରୀରୂପା ପବ୍ଲିକେସନ୍ସ ତରଫରୁ ଲେଖିକା ହରିପ୍ରିୟା ଠାକୁରଙ୍କ ପ୍ରଥମ ଉପନ୍ୟାସ 'ନୀଳୋତ୍ପଳା' ଲୋକାର୍ପିତ ହୋଇଯାଇଛି । ବହୁ ଚର୍ଚ୍ଚିତ ଲେଖକ ଓ କବିଙ୍କ ଗହଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ବିଭିନ୍ନ ଅଂଚଳର ସାହିତ୍ୟାନୁରାଗୀ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । କଥାକାର ସୁକାନ୍ତ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରସିଦ୍ଧ ଅନୁବାଦକ, ଓଡ଼ିଶା ସାହିତ୍ୟ ଏକାଡେ଼ମୀ ପୁରସ୍କାର ପ୍ରାପ୍ତ ଲେଖକ ବିଜୟ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଓ କବି ରବି ଶତପଥୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଟ୍ୟକାର ତଥା ଶିକ୍ଷାବିତ ଉମେଶ ଚନ୍ଦ୍ର ଶତପଥୀ, ସମୀକ୍ଷକ ଭାବେ ଗବେଷକ, ଅଧ୍ୟାପକ ତଥା ନାଟ୍ୟକାର ପରମେଶ୍ୱର ମୁଣ୍ଡ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସୁଖ୍ୟାତ ବ୍ୟଙ୍ଗକବି ବିରଂଚି ନାରାୟଣ ମୁଣ୍ଡ । ମଂଚାସୀନ ଥିଲେ 'ନୀଳୋତ୍ପଳା'ର ଲେଖିକା ହରିପ୍ରିୟା ଠାକୁର ଓ ତାଙ୍କ ସ୍ୱାମୀ ଗୌରୀଶଙ୍କର ପଣ୍ଡା । ୪୨୨ ପୃଷ୍ଠାର ଏହି ସୁଦୃଶ୍ୟ ଉପନ୍ୟାସଟି ୫୦ ବର୍ଷ ତଳର କଳାହାଣ୍ଡି ଜନଜୀବନର କାହାଣୀ କହେ । ଉପନ୍ୟାସଟିରେ ତତ୍କାଳୀନ କଳାହାଣ୍ଡି ସମାଜ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ବ୍ୟବସ୍ଥାର ଚିତ୍ର ଅତି ନିଖୁଣ ଭାବରେ ଚିତ୍ରିତ ହୋଇଥିବା କଥା ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଖୁବ୍ ସରଳ ଓ ସାଧାରଣ ଭାଷାରେ ରଚିତ ଏହି ଉପନ୍ୟାସଟି ପାଠକଙ୍କୁ ବାନ୍ଧି ରଖିବାର ସମସ୍ତ କଳା ରଖିଛି । ୭୫ ବର୍ଷ ବୟସରେ ଲେଖିକାଙ୍କର ପ୍ରଥମ ସାହିତ୍ୟ କୃତି 'ନୀଳୋତ୍ପଳା' ପ୍ରକାଶ ପାଇଥିବାରୁ ତରୁଣ ଲେଖକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି । ଲେଖାଲେଖି କରିବା ପାଇଁ ବୟସ ଏକ ପ୍ରତିବନ୍ଧକ ନୁହେଁ ବୋଲି ଲେଖିକା ପ୍ରମାଣିତ କରିଦେଇଛନ୍ତି ବୋଲି ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ କହିଥିଲେ । ଶ୍ରୀ ପ୍ରଧାନ ନିଜେ ୭୧ ବର୍ଷରେ ମଧ୍ୟ ଲେଖାଲେଖିକୁ ନେଇ ବ୍ୟସ୍ତ ରହୁଥିବା କଥା କହିଛନ୍ତି । ଆହୁରି ମଧ୍ୟ ବହୁ ବର୍ଷୀୟାନ ଲେଖକଙ୍କ ଉଦାହରଣ ଦେଇ କହିଥିଲେ ଯେ ଲେଖାଲେଖି ପାଇଁ ପ୍ରଚୁର ଅଭିଜ୍ଞତା ଓ ଅନୁଭବ ଦରକାର । ଏ ସଂସାରର ସବୁ ମଣିଷ ଜଣେ ଜଣେ ସାରସ୍ୱତ ସ୍ରଷ୍ଟା ବୋଲି ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ମତ ରଖିଥିଲେ । 'ନୀଳୋତ୍ପଳା' ବିପୁଳ ପାଠକୀୟ ଶ୍ରଦ୍ଧା ପାଇବ ବୋଲି ସମସ୍ତେ କାମନା କରିଥିଲେ ।

# ବାଲେଶ୍ୱରରେ ଆୟୋଜିତ ହେଲା ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା- ୨୦୨୫

ବାଲେଶ୍ୱର, ୨୪/୦୩ (ଆ.ପ୍ର) : ସୂଚନା ଅଧିକାର ଆଇନ୍-୨୦୦୫ ଅଧିନିୟମ ୪ (୧) (ଖ) ପୂର୍ଣ୍ଣାଙ୍ଗ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଆଜି ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଅଡିଟୋରିୟମ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବିଷୟ ବିଶାରଦ ରଶ୍ମିରଞ୍ଜନ ରାଉତ ଯୋଗ ଦେଇ (ଡିସ୍‌କ୍ଲୋଜରର ଅପଡେସନ୍) ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସ୍ୱତପ୍ରବୃତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସୂଚନା ଅଧିକାର ଆଇନ୍‌ରେ ଦରଖାସ୍ତ ଗ୍ରହଣ, ଉତର ପ୍ରଦାନ, ଅନ୍‌ଲାଇନ୍‌ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଂଟ ଖୋଲାଯିବା ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରଶ୍ନୋତ୍ତର ଅଧିବେସନରେ ଉପସ୍ଥିତ ଅଧିକାରୀମାନେ ସୂଚନା ଅଧିକାର ଆଇନ୍‌ରେ ଆବେଦନ ଗ୍ରହଣ, ଉତର ପ୍ରଦାନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ମୋଚନ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବିଭାଗ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପୋଡ଼ାଶୂଳ ଅଂଚଳରେ ସିରିଜ ଚୋରି

ନୀଳଗିରି, ୨୪/୦୩ (ଆ.ପ୍ର) : ନୀଳଗିରି ଥାନା ଅଧିନ ପୋଡ଼ାଶୂଳ ଅଂଚଳରେ, ଗତକାଲି ବିଳମ୍ବିତ ରାତ୍ରୀରେ ଶ୍ରୀ ଶ୍ରୀ ଶନିଦେବ ଓ ମା ଶ୍ୟାମାକାଳୀ ମନ୍ଦିରରୁ ଚୋରୀ ହୋଇଛି । ସୂଚନାରୁ ଜଣାଯାଇଛି, ଉକ୍ତ ସିରିଜ୍ ଚୋରି ଘଟଣା ଆଜି ସକାଳେ ସ୍ଥାନୀୟ ଲୋକଙ୍କ ନଜରକୁ ଆସିବା ପରେ, କଥାଟି ଜଣାପଡିଥିଲା । ଚୋରମାନେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଲୁଟ୍ କରିବା ସହିତ ଦାନ ବାକ୍ସ ମଧ୍ୟ ଲୁଟି ନେଇଥିବା ଦେଖାଯାଇଛି ।ମନ୍ଦିର କମିଟି ପକ୍ଷରୁ, ନୀଳଗିରି ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରି କରିଥିବା ଜଣାଯାଇଛି । ଏଠାରେ ସୂଚନା ଯୋଗ୍ୟ ରବିବାର ବିଳମ୍ବିତ ରାତିରେ ପୋଡ଼ାଶୂଳ ବଜାର ରେ ଥିବା ମା ଶ୍ୟାମାକାଳିଙ୍କ ମନ୍ଦୀରରୁ ତାଲା ଭାଙ୍ଗି ମାଙ୍କ ସୁନା ଅଳଙ୍କାର ଲୁଟ୍ କରି ଦୁର୍ବୃତ୍ତ ମାନେ ପୁଣି ଚତରସାହିରେ ଥିବା ଶନି ମନ୍ଦୀରରେ ତାଲା ଭାଙ୍ଗି ହୁଣ୍ଡି ବାହାରୁ ସୁନା ଅଳଙ୍କାର ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ପରେ ନୀଳଗିରି ପୁଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ, ଉକ୍ତ ଚୋରୀକୁ ଗୁରୁତର ନେଇ ଥିବା କୁହାଯାଉଛି । ତେବେ ନୀଳଗିରି ଉପଖଣ୍ଡ ଅଂଚଳରେ ବାରମ୍ବାର ଏପରି ଚୋରୀ, ପୁଲିସକୁ ଖୋଲା ଚାଲେଞ୍ଜ ବୋଲି ଅନେକ ଆଲୋଚନା କରୁଥିବା ଶୁଣାଯାଉଥିବା ବେଳେ, ନୀଳଗିରି ପୁଲିସ ପାଇଁ ଏହା ମୁଣ୍ଡ ବିନ୍ଧାର କାରଣ ପାଲଟିଛି ।

# ସରକାରୀ ଜମି ଅବରୋଧମୁକ୍ତ କଲେ ତହସିଲଦାର

ଭଦ୍ରକ, ୨୪/୦୩ (ଆ.ପ୍ର) : ଭଦ୍ରକ ତହସିଲ କର୍ତ୍ତୃପକ୍ଷଙ୍କ ବାରମ୍ବାର ଚାଗିଦ ସତ୍ତ୍ୱେ ଜନୈକ ବ୍ୟକ୍ତି ପ୍ରାୟ ୭୦ଡେସିମିଲ ଭଳି ମୂଲ୍ୟବାନ ସରକାରୀ ଜମିକୁ ବଳପୂର୍ବକ ଦଖଲ କରୁଥିଲେ । ଉକ୍ତ ଜମିରେ ବାଲି, ପଥର ଓ ଇଟା ଗଚ୍ଛିତ କରି ତହିଁରେ ଏକ ଇଟା ଫ୍ୟାକ୍ଟ୍ରି କରିବାକୁ ଯୋଜନା କରୁଥିଲେ । ତେବେ ଭଦ୍ରକ ତହସିଲ ପକ୍ଷରୁ ଉକ୍ତ ଜମିକୁ ସରକାରଙ୍କ ପ୍ରୋଟେକ୍ସନ୍ ଅଫ୍ ଗର୍ଭମେଂଟ ଲ୍ୟାଣ୍ଡରେ ସିମେଂଟ ଖୁଂଟ ଓ ତାର ଦେଇ ଆବଦ୍ଧ କରିବାକୁ ସ୍ଥିରାନ୍ତ ହୋଇଥିଲା । ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଂଟିଆ, ରେଭିନ୍ୟୁ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା, ସାତଭଉଣୀ ଆରଆଇ ସୁଦର୍ଶନ ପତି, ଭଦ୍ରକ ସଦର ଆରଆଇ ଶରତ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଂଚି ଉକ୍ତ ସରକାରୀ ଜମିକୁ ଅବରୋଧମୁକ୍ତ କରିଛନ୍ତି । ଏଥିସହ ଏକ ଜେସିବି ଲଗାଇ ଉକ୍ତ ସରକାରୀ ଜମିରେ ଜବରଦଖଲକାରୀ ବ୍ୟକ୍ତି ଗଚ୍ଛିତ କରିଥିବା ମାଟି, ବାଲି ଓ ପଥରକୁ ଉଠାଇନେଇ ସମତଳ ନଥିବା ସରକାରୀ ଜମିରେ ପକାଇ ଥିଲେ । ସୂଚନାଯୋଗ୍ୟ, ଭଦ୍ରକ ତହସିଲ ଅଧୀନ ସାତଭଉଣୀ ରାଜସ୍ୱ ସର୍କଲ ଅଧୀନସ୍ଥ ବିଳବାଡି ମୌଜାରେ ସରକାରଙ୍କ ଉନ୍ନୟନ ଯୋଜନା ଯୋଗ୍ୟ କିସମ ମୂଲ୍ୟବାନ ପ୍ରାୟ ୭୦ ଡିସିମିଲ୍ ଭଳି ଭଦ୍ରକ-ଆରଡି ରାଜ୍ୟ ରାଜପଥକୁ ଲାଗିଥିବା ଜମିକୁ ଜନୈକ ବ୍ୟକ୍ତି ବଳପୂର୍ବକ ଅକ୍ତିଆର କରିଥିଲେ ।

# ଭୁଜାଲିରେ ଆକ୍ରମଣ କରି ଲୁଟିନେଲେ ଦୁର୍ବୃତ



ସିମୁଳିଆ, ୨୪/୦୩ (ଆ.ପ୍ର) : ଗତକାଲି ବିଳମ୍ବିତ ରାତିରେ ଘରେ ପଶି ଦୁର୍ବୃତ୍ତ ଭୁଜାଲିରେ ଆକ୍ରମଣ କରି ୨୦ଲକ୍ଷ ଟଙ୍କାର ଅଳଙ୍କାର ସମେତ ଟଙ୍କା ଲୁଟି ନେଇଥିଛନ୍ତି । ସୂଚନାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତିରେ ସିମୁଳିଆ ଥାନା ଅନ୍ତର୍ଗତ ବାଟି ପଂଚାୟତ ବଣଗଡିଆ ଗ୍ରାମର ଆନନ୍ଦ ବେହେରାଙ୍କ ଘରେ ୬ ରୁ ଉର୍ଦ୍ଧ ଦୁର୍ବୃତ୍ତ ପଶିଥିଲେ । ଘରେ ପଶି ପରିବାର ସମସ୍ତଙ୍କୁ ବାନ୍ଧି ପକାଇ ଭୁଜାଲିରେ ପୁଅ ରତିକାନ୍ତଙ୍କୁ ଆକ୍ରମଣ କରି ଗଡରେଜ ଭାଙ୍ଗି ଘର କାମ ନିମନ୍ତେ ଥିବା ୮ଲକ୍ଷ୪୦ହଜାର ଟଙ୍କା ସମେତ ୧୦ଲକ୍ଷରୁ ଉର୍ଦ୍ଧ ଟଙ୍କାର ଅଳଙ୍କାର ଲୁଟ କରିଥିଲେ । ଆକ୍ରମଣରେ ରତିକାନ୍ତ ଗୁରୁତର ହୋଇ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ସିମୁଳିଆ ଥାନାରେ ଅଭିଯୋଗ ହେବା ପରେ ଘଟଣା ସ୍ଥଳକୁ ସିମୁଳିଆ ପୋଲିସ, ସନ୍ଧାନୀ କୁକୁର ଓ ସାଇଂଟିଫିକ ଟିମ ତଦନ୍ତ କରି ଫେରିଥିବା ଜଣାଯାଇଛି । ସିମୁଳିଆ ନୂତନ ଥାନାଅଧିକାରୀ ଶ୍ରବଣ କୁମାର ମହାରଣା ରାତ୍ରି ପେଟ୍ରୋଲିଂ ଜୋରଦାର କରୁଥିଲେ ବି ସିମୁଳିଆ ଥାନା ଅଂଚଳରେ ବାରମ୍ବାର ଚୋରୀ, ଡକାୟତି ଓ ହତ୍ୟା ଭଳି ଘଟଣା ବୃଦ୍ଧି ପାଉଛି । ଯାହା ଫଳରେ ଅଂଚଳରେ ଭୟର ବାତାବରଣ ଖେଳିଯାଇଛି ।

# ଖୁଲମଖୁଲା ଚାଲିଛି ବେଆଇନ ରନ୍ଧନ ଗ୍ୟାସ ବିକ୍ରି
## ଯୋଗାଣ ବିଭାଗର ନିଘା ନାହିଁ, ଅଘଟଣ ଘଟିଲେ ଉତରଦାୟୀ କିଏ ?

ବାଲିଆପାଳ, ୨୪/୦୩ (ଆ.ପ୍ର) : ଗ୍ରାମାଂଚଳରେ ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ରନ୍ଧନ ଗ୍ୟାସ ଯୋଗାଇ ଦେବା ପାଇଁ ସରକାରଙ୍କ ଦ୍ୱାରା ପ୍ରତି ବ୍ଲକରେ ରନ୍ଧନ ଗ୍ୟାସ ବିତରକ କେନ୍ଦ୍ରମାନ ଖୋଲାଯାଇଛି । ଏହି ପରିପ୍ରେକ୍ଷୀରେ ବାଲିଆପାଳ ବ୍ଲକର ଦେଉଳା ଠାରେ ଏତପି ଗ୍ୟାସ ବିତରକ କେନ୍ଦ୍ର ଖୋଲାଯାଇଛି । ଏହି କେନ୍ଦ୍ରରୁ ଜନସାଧାରଣମାନେ ଘରୋଇ ସିଲିଣ୍ଡର ଓ ବ୍ୟବସାୟୀ ସିଲିଣ୍ଡର ସଂଯୋଗ ନେଇପାରିବେ । ସେହିପରି ବାଲିଆପାଳ ବ୍ଲକର ଲଙ୍ଗଳେଶ୍ୱର ଠାରେ ଇଣ୍ଡିଆନ ଗ୍ୟାସ ବିତରକ କେନ୍ଦ୍ର ରହିଛି । ଉକ୍ତ କେନ୍ଦ୍ର ପକ୍ଷରୁ ଏହି ବ୍ଲକର ଜନସାଧାରଣଙ୍କୁ ଗ୍ୟାସ ଯୋଗାଇ ଦିଆଯାଉଛି । ଏପରିକି ବିତରକ କେନ୍ଦ୍ରର ଗୋଦାମ ଗୃହରେ ଗଛିତ ଥିବା ଗ୍ୟାସ ସିଲିଣ୍ଡକୁ କେନ୍ଦ୍ର ପକ୍ଷରୁ ଗାଡି ମାଧ୍ୟମରେହିତାଧିକାରୀମାନଙ୍କୁ ତାଙ୍କ ଘର ନିକଟରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । କିନ୍ତୁ ବିତରକ କେନ୍ଦ୍ରକୁ ଛାଡି ଦେଲେ ବାଲିଆପାଳ ବ୍ଲକରଅନେକ ସ୍ଥାନରେ ଖୁଲମଖୁଲା ଭାବେ ଗ୍ୟାସ ସିଲିଣ୍ଡର ବିକ୍ରି କରାଯାଉଥିବାର ଦେଖିବାକୁ ମିଳିଛି । ବାଲିଆପାଳ ବ୍ଲକର ସିମୁଳିଆ ହାଟ, ବାଲିଆପାଳ, କାଳିପଦା, ଲଙ୍ଗଳେଶ୍ୱର, ଜାମକୁଣ୍ଡା, ନୂଆଗାଁ, ଉଗରା ଆଦି ସ୍ଥାନରେ ଏହି ଗ୍ୟାସ ସିଲିଣ୍ଡର ଗଛିତ ରଖାଯାଇ ବିକ୍ରି ହେଉଛି । ବିତରକକେନ୍ଦ୍ରର ଗୋଦାମ ଗୃହ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ଗ୍ୟାସ ସିଲିଣ୍ଡର ଗଛିତ ରଖାଯିବାର ସରକାରୀ ନିୟମ ନାହିଁ । ଯଦି ଯେଉଁ ସ୍ଥାନରେ ଉକ୍ତ ଗ୍ୟାସ ସିଲିଣ୍ଡର ଗଚ୍ଛିତ ରଖାଯିବ, ସେହିସ୍ଥାନ ଜନବସତି ଠାରୁ ଦୂରରେ ହୋଇଥିବ ଏହା ସହିତ ଉକ୍ତ ଗୃହକୁ ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମତି ମିଳିବାର ଆବଶ୍ୟକ ରହିଥିବା କିନ୍ତୁ ବାଲିଆପାଳ ବ୍ଲକର ବିଭିନ୍ନ ବଜାର ଓ ଦୋକାନ ଗୃହରେ ଗ୍ୟାସ ସିଲିଣ୍ଡର ଗଛିତ ରହୁଥିବା ବେଳେ ଉକ୍ତ ଦୋକାନୀ କୌଣସି ନିୟମକୁ ମାନୁ ନଥିବା ଜଣାଯାଉଛି । ଯଦି ଗ୍ୟାସ ସିଲିଣ୍ଡରୁ ଗ୍ୟାସ ଲିକ୍ ହୋଇ କିଛି ଅଘଟଣ ଘଟେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପଟରେ ଦୋକାନୀମାନଙ୍କୁ ଗ୍ୟାସ ବିତରକ କେନ୍ଦ୍ର ପକ୍ଷରୁ ଗ୍ୟାସ ସିଲିଣ୍ଡର ଯୋଗାଇ ଦିଆଯାଉଥିବା ଦେଖିବାକୁ ମିଳୁଛି । ଏହି ଦୋକାନୀମାନେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଦୋକାନରେ ଗଛିତ ରଖୁଥିଲେ ମଧ୍ୟ ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ଫଳରେ ଦୋକାନୀମାନେ ଚଢା ଦରରେ ଗ୍ୟାସ ବିକ୍ରି କରୁଥିବାଦେଖାଯାଉଛି । ଖୋଲାସ୍ଥାନରେ ଦୀର୍ଘ ଦିନ ଧରି ଖୁଲମଖୁଲା ଗ୍ୟାସ ବିକ୍ରି ଚାଲୁଥିଲେ ମଧ୍ୟ ଯୋଗାଣ ବିଭାଗ କିପରି ଜାଣିପାରୁନାହିଁ ତାହା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି । ଏସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ ।

# ଚୋରୀ ଉଦ୍ୟମ କରି ବିଫଳ, ଧରାପଡ଼ିଲେ ୫ଜଣ



ସିମୁଳିଆ, ୨୪/୦୩ (ଆ.ପ୍ର) : ମାର୍କୋଣା ବଜାରରେ ସମୀର ମୋବାଇଲ ଦୋକାନରେ ତାଲା ଭାଙ୍ଗି ଲୁଟ ଉଦ୍ୟମ କରି ବିଫଳ ହୋଇ ଶେଷରେ ପୋଲିସ ହାତରେ ଧରା ପଡିଲେ ଦୁର୍ବୃତ୍ତ । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ମାର୍କୋଣା ବସ ଷ୍ଟାଣ୍ଡ ନିକଟରେ ଥିବା ସମୀର ମୋବାଇଲ ଦୋକାନରୁ ଦୋକାନ ତାଲା ଭାଙ୍ଗି ଚୋରୀ ଉଦ୍ୟମ କରୁଥିବା ବେଳେ ପାଖ ଦୋକାନୀ ମାଲିକ ସମୀରଙ୍କୁ ଖବର ଦେବାରୁ ସମୀର ସିମୁଳିଆ ପୋଲିସକୁ ଖବର ଦେଇଥିଲେ । ସଙ୍ଗେ ସଙ୍ଗେ ପୋଲିସ ପହଁଚିବାରୁ ୫ ଜଣ ଯୁବକ ଦୌଡି ପଳାଇ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଥିଲେ । ମୋବାଇଲ ଦୋକାନ ଲୁଟ ଉଦ୍ୟମର ସମସ୍ତ ଭିଡିଓ ସିସିଟିଭି କଏଦ ହୋଇଛି । ବାରମ୍ବାର ସିମୁଳିଆ ଥାନା ଅଂଚଳରେ ଅପରାଧ ଘଟୁଥିବାରୁ ପୋଲିସର ମୁଣ୍ଡ ବିନ୍ଧାର କାରଣ ପାଲଟିଛି ।

# ହୀରକ ଜୟନ୍ତୀ ବାସନ୍ତୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ନୀଳଗିରି, ୨୪/୦୩ (ଆ.ପ୍ର) : ଔପଦା ବ୍ଲକ ଈଶ୍ୱରପୁର ପଂଚାୟତରେ ବାସନ୍ତୀ ପୂଜା ମଣ୍ଡପ ସଭା ଗୃହ ରେ ଅପରାହ୍ନ ୫ ଘଟିକା ସମୟରେ ମା ବାସନ୍ତୀ ପୂଜା କମିଟି ତରଫରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଆସନ୍ତା ୪ ତାରିଖ ରୁ ୧୦ ତାରିଖ ମଧ୍ୟରେ ସାର୍ବଜନୀନ ମା ବାସନ୍ତୀ ପୂଜାର ହୀରକ ଜୟନ୍ତୀ ସମାରୋହ ଆୟୋଜନ ଉଦ୍ଦେଶ୍ୟରେ ପ୍ରସ୍ତୁତି ବୈଠକ ଅନନ୍ତ କିଶୋର ବାରିକଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିବା ବେଳେ ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ଭାଗିରଥି ବେହେରା, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ ଅଜିତ କୁମାର ମହାପାତ୍ରଙ୍କ ସମେତ କମଳାକାନ୍ତ ମଡଗଜ, ଲକ୍ଷ୍ମୀକାନ୍ତ ମହାଳିକ, ରବିନାରାୟଣ ଦାଶ, ପ୍ରଫୁଲ୍ଲ ମହାପାତ୍ର, ପ୍ରଦୀପ କୁମାର ବିଶ୍ୱାଳ, ଅଜୟ ମଲୁଆଳ, ଭାସ୍କର ମହାପାତ୍ର, କରୁଣାକର ବିଶ୍ୱାଳ, ଅଜୟ ରାଉତ, ଅନାଦି ବାରିକ ପ୍ରମୁଖ କମିଟି ସଦସ୍ୟ ଉପସ୍ଥିତ ରହି ମାଙ୍କ ପୂଜାକୁ ଆଡମ୍ବର ପୂର୍ଣ୍ଣ କରିବା ସହିତ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ନେଇ ବିଭିନ୍ନ ଆଲୋଚନା କରିଥିଲେ । ଦୀର୍ଘ ୬ ଦିନ ଧରି ଏହି ସମାରୋହରେ ବିଭିନ୍ନ ସାଂସ୍କୃତିକ, ସାମାଜିକ ଏବଂ ପାରମ୍ପରିକ କାର୍ଯ୍ୟକ୍ରମ ସହିତ ମେଲୋଡି ଅର୍କେଷ୍ଟ୍ରା, ଯାତ୍ରା, ମିନା ବଜାର ଭଳିବିଭିନ୍ନ ଆୟୋଜନ କରି ଅଂଚଳ ବାସୀଙ୍କୁ ମୁଗ୍ଧ କରିବା ପାଇଁ ଯୋଜନା ରହିଥିବା ସଙ୍ଘ ତରଫରୁ ସୂଚନା ମିଳିଛି ।

# ଉତର ପିଢ଼ୀଙ୍କ ପାଇଁ ଜଳ ସଂରକ୍ଷଣ କରିବା ଆମର ଦାୟୀତ୍ୱ

ଭଦ୍ରକ, ୨୪/୦୩ (ଆ.ପ୍ର) : ପ୍ରକୃତିର ଦାନ ଜଳ ଆମ ପାଇଁ ଏକ ଅମୂଲ୍ୟ ସମ୍ପଦ । ଜଳ ବିନା ଜୀଇଁବା ଅସମ୍ଭବ । ଆମର ଦୈନିନ୍ଦିନ ଜୀବନରେ ଜଳର ବ୍ୟବହାର କେତେ ଅପରିହାର୍ଯ୍ୟ ଆମେ ସମସ୍ତେ ଜାଣୁ । କେବଳ ସେତିକି ନୁହେଁ ରାଷ୍ଟ୍ର କାର୍ଯ୍ୟଠାରୁ ଆରମ୍ଭ କରି କଳ କାରଖାନା, ନିର୍ମାଣ କାର୍ଯ୍ୟ ଆଦି ସମସ୍ତ କ୍ଷେତ୍ର ରେ ଜଳର ଆବଶ୍ୟକ ରହିଛି । ନଦନଦୀ, ଗଡିଆ, ପୋଖରୀ, ସମୁଦ୍ର ଭଳି ପ୍ରକୃତି କୋଳରେ ଅନେକ ଜଳ ଉତ୍ସ ଥିଲେ ବି ଆଜି ଜଳ ବିସ୍ଫୋରଣ ହେଉ କି ଦୂଷିତ ପରିବେଶ ପାଇଁ ବର୍ଷାର ଅଭାବ କି ଜଳ ବ୍ୟବହାରର ଦୁରୁପଯୋଗ ଆଦି ବିଭିନ୍ନ କାରଣରୁ ଜଳର ଅଭାବ ପରିଲକ୍ଷିତ ହେଉଛି । ଭୂତଳ ଜଳ ସ୍ତର ଦିନ କୁ ଦିନ ହ୍ରାସ ହେବାର ଲାଗିଛି । ପୁଣି ସ୍ୱଚ୍ଛ ଜଳ ବିନା ସୁସ୍ଥ ଶରୀର ମଧ୍ୟ ସମ୍ଭବ ନୁହେଁ । ତେଣୁ ନିଜ ଚାହିଦା ମେଂଟାଇବା ସହ ଉତର ପିଢ଼ୀଙ୍କ ଚାହିଦା ପାଇଁ ଜଳ ସଂରକ୍ଷଣ କରିବା ଏବଂ ସମସ୍ତ ଜଳ ଉତ୍ସକୁ ପ୍ରଦୂଷଣ ମୁକ୍ତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଏନ୍. ସି. ସି. କାର୍ଯ୍ୟାଳୟ ର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଥିବା ବିଶ୍ୱଜଳ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ନିଜ ବକ୍ତବ୍ୟ ଜରିଆରେ ପ୍ରକାଶ କରିଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA
ମଙ୍ଗଳବାର,୨୫ ମାର୍ଚ୍ଚ,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

# ସମ୍ପାଦକୀୟ...

## ଗ୍ରାମ୍ୟ ଜୀବନ

ଭୂଗର୍ଭରୁ ମାତୃଗର୍ଭକୁ ଏବଂ ମାତୃଗର୍ଭରୁ ଭୂଗର୍ଭକୁ ଯାତ୍ରା କରିବା ଭିତରେ ଜୀବନଟିଏ ଗଢ଼ିଉଠେ । ଭାରତୀୟ ଦର୍ଶନରେ ମଣିଷ ବଦଳେ କିନ୍ତୁ ମାଟି ବଦଳେ ନାହିଁ । ଏପରିକି ମାଟିରୁ ଜନ୍ମଲାଭ କରୁଥିବା ସାଂସ୍କୃତିକ ବାର୍ତ୍ତା ପରିବର୍ତ୍ତିତ ହୁଏ ନାହିଁ । ଚିହ୍ନାମାଟିର ସନ୍ତାନ ବାହ୍ୟ ଔଜ୍ଜଲ୍ୟରେ ଅନ୍ଧ ହୋଇ କ୍ରମେ ଅଚିହ୍ନା ମନେ ହୁଅନ୍ତି । ଏହାହିଁ ହୋଇଛି ସାଂପ୍ରତିକ କାଳର ଏକ ନିଖୁଣ ସତ୍ୟ । ଏକଦା ସାମୂହିକ ସୂତ୍ରରେ ଆବଦ୍ଧ ମଣିଷ ପାଇଁ ସୁଖ ଦୁଃଖ ଉଭୟ ଥିଲା ସାମୂହିକ । ଆଜି କିନ୍ତୁ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଉତ୍ସବ ମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । କେଉଁଠି ନିଜ ପିଲାଙ୍କୁ ଗାଁ ସ୍କୁଲରେ ପାଠ ନ ପଢ଼ାଇ ସହରରେ ପାଠ ପଢ଼ାଇବାର ମୋହ ପାରିବାରିକ ସଂପର୍କରେ ଠିଆ କରାଇଛି ପାଚେରୀ ତ ଆଉ କେଉଁଠି ଭାଇ ଭାଇ ଭିତରେ ଭାଗ ବଣ୍ଟାକୁ ନେଇ ଚୂଡ଼ାନ୍ତ ଫଇସଲା ପାଇଁ ଭଦ୍ରଲୋକଙ୍କୁ ଡକା ଯାଉଛି । ଲାଗୁଛି ସ୍ୱାର୍ଥ ସର୍ବସ୍ୱ ଏ ଦୁନିଆରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର । ଏକ ମନ ହୋଇ ଚଳୁଥିବା ଗାଁ ଲୋକ ଆଜି ରକ୍ତମୁଖା ଦିଶୁଛନ୍ତି । ଆଜି ଗାଁରେ ବାପା-ମାଆ, କକା-ଖୁଡ଼ି, ମଉସା-ମାଉସୀ, ପିଉସା-ପିଉସି, ଭାଇନା-ଭାଉଜ, ମାମୁ-ମାଇଁ, ସଙ୍ଗାତ, ମଇତ୍ର ଭଳି ଆତ୍ମୀୟତାର ଗହୀରଣ ଭିତରେ ପରସ୍ପର ଡକାଡକି ହେଉଥିବା ସଂପର୍କ ସବୁ ଶିଥିଳ ହୋଇ ପଡ଼ିଛି । ଏପରିକି ଅନେକ ଘଟଣାରେ ଗାଁ ମାମଲତକାରମାନଙ୍କର ଅଦ୍ଭୁତ ନ୍ୟାୟନିଶାପ ଗ୍ରାମ୍ୟ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଛି । ଏହାସହ ଗାଁରେ ସରକାରଙ୍କ ଦ୍ୱାରା ପ୍ରଚଳିତ ସବୁ ବ୍ୟବସ୍ଥା କିପରି ଉପହସିତ ତାହା କଣ୍ଟ୍ରୋଲ ଦୋକାନର ଚିତ୍ର ଭିତରୁ ସ୍ପଷ୍ଟ ହୋଇପଡୁଛି । ଗାଁର ଶିକ୍ଷିତ ଗୋଷ୍ଠୀ କୌଳିକ ବୃତ୍ତି ବିମୁଖ ହୋଇ ସହର ଅଭିମୁଖେ ଅନ୍ଧଭାବରେ ଯାତ୍ରା ଗାଁ ପ୍ରତି ଥିବା ସୂକ୍ଷ୍ମ ସଂପର୍କର ଡୋରୀକୁ ଶିଥିଳ କରିଦେଇଛି । ଏପରିକି ସହରର ଚାକଚକ୍ୟ ଅନେକ ପରିବାରରେ ଆଣିଛି ଦାରୁଣ ବିଡ଼ମ୍ବନା । କାରଣ ବାପାମାଆ ଯେଉଁ ପୁଅର ପାଠପଢ଼ାରେ ସମଗ୍ର ଜୀବନକୁ ସମର୍ପି ଦେଇଛନ୍ତି ସେହି ପୁଅ ଏକ ଧନୀ ଦୁଲାଳୀକୁ ବାହା ହେବା ପରେ ଭୁଲିଯାଉଛି ଆପଣାର ଅତୀତ ଓ ବାପାମାଆଙ୍କୁ । ବସ୍ତୁତଃ ଏହାହିଁ ହେଉଛି ଆଜି ପ୍ରତି ଗାଁର ନିଚ୍ଛକ ପ୍ରତିରୂପ । ପରିଶେଷରେ କେବଳ ଏତିକି କହିବି- ଆଜି ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି ଯେଉଁ ମୁହୂର୍ତ୍ତକ ପାଇଁ ସେ ସଂପର୍କର ପୃଥିବୀ କଥା ଚିନ୍ତା କରେ ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ । ପ୍ରଗତିର ଶେଷ ବିନ୍ଦୁରେ ଜଗତୀକରଣର ଗୀତ ଗାଉଥିବା ଏ ମଣିଷ ପରମ୍ପରାଠାରୁ ବିଛିନ୍ନ ହେବା ସମ୍ଭବ ନୁହେଁ । ଆପଣା ମାଟି, ପାଣି, ପବନ ଓ ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ସବୁ ମଣିଷ ପାଇଁ ମାଟି ହିଁ ହେଉଛି ମା'ର ରୂପାନ୍ତର । ଖୁବ୍ ନିବିଡ଼ ଓ ଆତ୍ମୀୟ । କିନ୍ତୁ ଏ ମାଟିରେ ଚଳପ୍ରଚଳ କରୁଥିବା ମଣିଷ ଗୁଡ଼ିକ ଭାବରେ ଓ ରକ୍ତରେ ଆତ୍ମୀୟ ହେବା ସତ୍ତ୍ୱେ ଭୋଗ ସର୍ବସ୍ୱ ମନୋବୃତ୍ତି ନେଇ ଅଚିହ୍ନା ପାଲଟି ଯାଉଛନ୍ତି। ଏହାହିଁ ହେଉଛି ଚଳନ୍ତି ସମୟର ଦୁଃଖ ।

# ପାପମୋଚନୀ ଏକାଦଶୀ

## ॥ ଅଜୟ କୁମାର ବେହେରା ॥

ଚୈତ୍ର ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥିକୁ ପାପମୋଚନୀ ଏକାଦଶୀ କୁହାଯାଏ । ଏହି ଦିନ ମହାପ୍ରଭୁ ବିଷ୍ଣୁଙ୍କ ପ୍ରତିକାତ୍ମକ ରୂପ ଶାଳଗ୍ରାମଙ୍କୁ ପୂଜା କରାଯାଇଥାଏ ଏବଂ ବ୍ରତ ମଧ୍ୟ କରାଯାଇଥାଏ । ଏହି ବ୍ରତ କଲେ ମନୁଷ୍ୟ ସମସ୍ତ ପାପରୁ ମୁକ୍ତି ପାଏ ଏବଂ ସେ ବୈକୁଣ୍ଠରେ ସ୍ଥାନ ପାଏ ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି । ଏହାଛଡ଼ା ଏହି ବ୍ରତ କଲେ ପିତୃପୁରୁଷଙ୍କୁ ମଧ୍ୟ ସ୍ୱର୍ଗରେ ସ୍ଥାନ ମିଳେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ଏହି ଦିନରେ ଶାଳଗ୍ରାମଙ୍କୁ ବିଧି ପୂର୍ବକ ପୂଜାର୍ଚ୍ଚନା କରି ତାଙ୍କ ସମ୍ମୁଖରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ କରି ଶ୍ରାଦ୍ଧରୁ ବଂଚିଥିବା ଦ୍ରବ୍ୟକୁ ଗାଈକୁ ଖାଇବାକୁ ଦେବାକୁ ହୋଇଥାଏ । ଏହି ପବିତ୍ର ଦିନରେ ରାତ୍ରରେ ମୌନ ରହି ସ୍ତ୍ରୀ ପୁତ୍ରାଦିଙ୍କ ସହିତ ଭୋଜନ କରିବା ବିଧି ରହିଛି । ଏହି ଦିନ ଶ୍ରୀବିଷ୍ଣୁ ସହସ୍ରନାମ ପାଠ କଲେ ବିଶେଷ ସୁଫଳ ମିଳିଥାଏ ।

କଥୋପ କଥନ ଛଳରେ ଗୀତାରେ ଭଗବାନ କୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ ପାପମୋଚନୀ ଏକାଦଶୀ ସଂପର୍କରେ ସୂଚାଇଥିଲେ । ଏହି ଏକାଦଶୀ ଚୈତ୍ର କୃଷ୍ଣପକ୍ଷ ଏଗାର ଦିବସରେ ପଡ଼େ । ଏହି ଏକାଦଶୀର ମହାତ୍ମ୍ୟ ଏକଦା ଲୋମସରଷୀ ରାଜା ମାନ୍ଧାତାଙ୍କୁ ବୁଝାଉଥିଲେ । ଲୋମଶଂଙ୍କ କହିବା ଅନୁଯାୟୀ ଚିତ୍ରର୍ଥ ନାମରେ ଏକ ସୁନ୍ଦର ବନ ଥିଲା । ଏହା ଦେବ ରାଜ ଇନ୍ଦ୍ରଙ୍କର କ୍ରୀଡ଼ାସ୍ଥଳୀ ଥିଲା । ଏଠାରେ ମେଧାବୀ ନାମକ ଜଣେ ମୁନୀ ତପସ୍ୟା କରୁଥିଲେ । ସେ ଥିଲେ ମହାଦେବଙ୍କର ଭକ୍ତ । ଏହା ଏକ ସତ୍ୟ ଘଟଣା ଯେ ଯେଉଁମାନେ ମହାଦେବଙ୍କର ଭକ୍ତ ବା ସେବକ ସେମାନେ କାମ ଦେବଙ୍କର ଭୟଙ୍କର ଶତ୍ରୁ । ସେହି ଜଙ୍ଗଲରେ କାମ ଦେବ ଅପ୍ସରାଙ୍କୁ ଧରି ଉପସ୍ଥିତ ହେଲେ ଏବଂ ନିଜର ମନମୋହନକାରୀ କାମର ପାଂଚ ବାଣକୁ ପ୍ରୟୋଗ କଲେ । ଏଥିରେ ମୁନି କାମାତୁର ହୋଇଉଠିଲେ । ଏହି ସମୟରେ ମଂଜୁଷା ନାମକ ଏକ ଅପ୍ସରୀ ମୁନିଙ୍କର ମନ ହରଣ କରିନେଲା । ସେ ଭଗବାନ ଶଙ୍କରଙ୍କୁ ଧ୍ୟାନରୁ ଭୁଲି ଗଲେ । ମୁନି ମନ ମନ୍ଦିରରେ ମଂଜୁଷାଙ୍କୁ ଭଲପାଇ ବସିଲେ ଏବଂ ମଂଜୁଷା ପ୍ରେମରେ ସେ ପୁରା ପାଗଳ ହୋଇ ରାସ ବିଳାସରେ ମାତି ରହିଲେ । ଦିନେ ମଂଜୁଷା ଋଷିଙ୍କୁ ସ୍ୱର୍ଗ ଫେରିଯିବା ପାଇଁ ଅନୁମତି ଭିକ୍ଷାକଲା । ସେ କହିଲେ ଯେ ସେ ତ ସେଇ ଦିନ ସଂଧ୍ୟାରେ ଆସିଥିଲେ, ଏତେ ଶୀଘ୍ର ଫେରିଯିବେ କିପରି ? ଏଥିକୁ ମଂଜୁଷା କହିଲା ଯେ ତାଙ୍କୁ ଯାହା ଗୋଟିଏ ଦିନ ତା' ପାଇଁ ଏହା ଅନେକ ବର୍ଷ । ମୁନି ଜାଣନ୍ତୁ ଯେ ତାଙ୍କ ସହିତ ରତୀ କ୍ରୀଡ଼ାରେ ଏ ଭିତରେ ଯେତେ ସମୟ କଟିଛି ସେ ସମୟର ପରିମାଣ ୫୭ ବର୍ଷ ୭ ମାସ ଏବଂ ୩ ଦିନ । ତଥାପି ଋଷି ଆଜି ନୁହେଁ କାଲି ଯିବ କଥାଟି ଆରମ୍ଭ କଲେ । ଏଥିକୁ ଅପ୍ସରା ତାର ପଂଚାଙ୍ଗ ଉନ୍ମୁକ୍ତ କରି ମୁନିଙ୍କୁ ଯେତେବେଳେ ଦେଖାଇଲା, ସେତେବେଳେ ସେ ଜାଣିଲେ ଯେ ସେହି ମାୟାବିନୀ ମଂଜୁଷା ତାଙ୍କର ତପସ୍ୟା ଭଙ୍ଗ କରିଦେଇଛି । ସେ କ୍ରୋଧିତ ହୋଇଗଲେ ଏବଂ ସେ ମଂଜୁଷା ପିଶାଚନୀ ହୋଇଯାଇ ବୋଲି ଅଭିଶାପ ଦେଲେ । ଏଥିକୁ ସେ ଅପ୍ସରୀ କହିଲା : ଅଭିଶାପ ତ ଦେଇ ଦେଲେ ମୁନି, ଏଥିରୁ ମୁଁ ଉଦ୍ଧାର ପାଇବି କିପରି କୁହନ୍ତୁ ? ଏଥିକୁ ମୁନି ଉତ୍ତର ଦେଲେ ପାପମୋଚନୀ ଏକାଦଶୀ କର । ତା'ରି ପ୍ରଭାବରେ ପୁଣି ତୁମେ ତୁମ ଦିବ୍ୟ ଶରୀର ପ୍ରାପ୍ତ ହେବ । ଏହା କହି ମୁନି ନିଜ ପିତା ଚ୍ୟବନ ଋଷିଙ୍କ ପାଖକୁ ଚାଲିଗଲେ ଏବଂ ନିଜର ପାପ କର୍ମ କଥା ସେ ତାଙ୍କୁ କହିଲେ ସେଥିରୁ କିପରି ମୁକ୍ତି ପାଇବେ ତା ମଧ୍ୟ ଭିକ୍ଷା କଲେ । ନିଜେ ଋଷି ଯେଉଁ ଉପାୟରେ ମଂଜୁଷା ଅପ୍ସରୀ ପିଶାଚନୀକୁ ମୁକ୍ତି ପାଇବେ ବୋଲି ବାଟ ବତାଇଥିଲେ, ପିତା ଚ୍ୟବନ ମଧ୍ୟ ସେହି କଥା କହିଲେ ଯେ ସେ ପାପମୋଚନୀ ଏକାଦଶ କରନ୍ତୁ । ସେ ତାହା ହିଁ କଲେ । ପାପମୋଚନୀ ଏକାଦଶୀ କରିବା ଫଳରେ ଉଭୟ ମୁନି ଏବଂ ମଂଜୁଷା ପାପମୁକ୍ତ ହେଲେ ।

ପାପମୋଚନୀ ଏକାଦଶୀ ବ୍ରତ ଯେଉଁମାନେ କରନ୍ତି ସେମାନେ ସୁବର୍ଣ୍ଣ ଚୋରୀ ଏବଂ ବ୍ରହ୍ମ ହତ୍ୟା ଇତ୍ୟାଦି ମହାପାପରୁ ମୁକ୍ତି ପାଆନ୍ତି ପ୍ରେମ ଜନିତ ମୋହ ଏବଂ ଅପରାଧରୁ ମୁକ୍ତି ନିମନ୍ତେ ପାପମୋଚନୀ ଏକାଦଶୀ ଏକମାତ୍ର ହିଁ ଆଶ୍ରୟ । ଓଡ଼ିଆ ଆଧ୍ୟାତ୍ମିକ ଓ ସାମାଜିକ ଚେତନାରେ ପାପମୋଚନୀ ଏକାଦଶୀ ଏକ ପବିତ୍ର ଓ ପୁଣ୍ୟ ଦିବସ । ଏହି ଦିନ ପୁରୀ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜା ବ୍ୟବସ୍ଥା ରହିଛି । ଅନେକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରି ମହାପ୍ରସାଦ ସେବନ କରନ୍ତି ଓ ଦାନଧର୍ମ ପୁଣ୍ୟ କାର୍ଯ୍ୟରେ ନିଜକୁ ସେ ଦିନଟି ଅତିବାହିତ କରିଥାନ୍ତି । ଓଡ଼ିଶାର ବିଶେଷକରି ଗ୍ରାମାଂଚଳରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ଅନେକ ଶ୍ରଦ୍ଧାଳୁ ବିଷ୍ଣୁ ସହସ୍ର ନାମ ପାଠନ କରିଥାନ୍ତି ।

ବରେଣ୍ୟ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ଦୂରଭାଷ :
୯୪୩୭୦୩୧୨୫୩

# ପାପମୋଚନ କରୁଥିବା ଏକାଦଶୀ ବ୍ରତ

## ॥ ଡକ୍ଟର ତପନ କୁମାର ପାଳ ॥

ହିନ୍ଦୁଧର୍ମରେ ବର୍ଷକୁ ୨୪ଟି ଏକାଦଶୀ ପାଳନ କରିବାର ପରମ୍ପରା ରହିଛି । ଚୈତ୍ରମାସର କୃଷ୍ଣ ପକ୍ଷ ଏକାଦଶୀକୁ ପାପମୋଚନୀ ଏକାଦଶୀ କୁହାଯାଏ । ମାନ୍ୟତା ଅନୁଯାୟୀ ଏହି ଦିନ ଯେଉଁ ମନୁଷ୍ୟ ଭକ୍ତି ଭାବରେ ବ୍ରତ ରଖିଥାଏ, ତାର ସମସ୍ତ ପାପ ନଷ୍ଟ ହୋଇଯାଏ । ଏଥର ଏହି ଏକାଦଶୀ ୧୩ ମାର୍ଚ୍ଚରେ ପଡୁଛି । ଏହି ଏକାଦଶୀ ପାପକୁ ନଷ୍ଟ କରିବା ସହିତ ମନୁଷ୍ୟ ପୁଣ୍ୟର ଅଧିକାରୀ କରିଥାଏ । ବ୍ରତଧାରୀମାନଙ୍କ ପାଇଁ ମୋକ୍ଷର ଦ୍ୱାର ଖୋଲିଯାଇଥାଏ । ଏହି ଏକାଦଶୀର ମହତ୍ୱ ବିଷୟରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ । ଏହି ଏକାଦଶୀ ବିଷୟରେ ଶ୍ରୀକୃଷ୍ଣ କହିଛନ୍ତି ଯେ ଯେଉଁ ମନୁଷ୍ୟ କୃଷ୍ଣ ପକ୍ଷ ଏକାଦଶୀ ବ୍ରତ ରଖିଥାଏ ତାର ଜନ୍ମଜନ୍ମାନ୍ତର ପାପ ନଷ୍ଟ ହୋଇଯାଏ । ଏହି ଏକାଦଶୀ ଦିନ ଭକ୍ତକୁ ଭଗବାନ ବିଷ୍ଣୁଙ୍କ ପୂଜା କରିବା ଆବଶ୍ୟକ । ଏପରି କରିବା ଦ୍ୱାରା ଭଗବାନଙ୍କ ଆଶୀର୍ବାଦ ମିଳିଥାଏ । ଥରେ ଜଣେ ଋଷି କଠୋର ତପସ୍ୟାରେ ଲୀନ ଥିଲେ । ତାଙ୍କର ତପସ୍ୟା ପ୍ରଭାବ ଦେଖି ଦେବରାଜ ଇନ୍ଦ୍ର ଭୟଭୀତ ହୋଇପଡ଼ିଲେ । ଋଷିଙ୍କ ତପସ୍ୟା ଭଙ୍ଗ କରିବା ଲାଗି ଇନ୍ଦ୍ର ମଞ୍ଜୁଘୋଷା ନାମ୍ନୀ ଅପସରାଙ୍କୁ ପଠାଇଲେ । ମେଧାବୀ ଋଷି ଅପସରାର ହାବଭାବ ଦେଖି ମୁଗ୍ଧ ହୋଇଗଲେ ।

ମେଧାବୀ ଋଷି ଶିବଭକ୍ତି ଛାଡ଼ି ମଞ୍ଜୁଘୋଷା ସହିତ ରହିବାକୁ ଲାଗିଲେ । ଅନେକ ବର୍ଷ ବିତିଯିବା ପରେ ମଞ୍ଜୁଘୋଷା ସ୍ୱର୍ଗକୁ ଫେରିଯିବା ଲାଗି ଋଷିଙ୍କ ଆଜ୍ଞା ଚାହିଁଲେ । ଏହି ସମୟରେ ଋଷିଙ୍କର ଭକ୍ତିମାର୍ଗରୁ ହଟିବାର ବୋଧ ହେଲା ଏବଂ ନିଜ ପ୍ରତି ଗ୍ଲାନି ଉତ୍ପନ୍ନ ହେଲା । ଋଷିଙ୍କ ଧର୍ମଭ୍ରଷ୍ଟ କରିଥିବାରୁ ଅପସରାଙ୍କୁ ସେ ଅଭିଶାପ ଦେଲେ । ଅଭିଶାପ ଫଳରେ ଅପସରା ପିଶାଚିନୀରେ ପରିଣତ ହେଲା । ସେ ନିଜର ଅବସ୍ଥା ପାଇଁ ଦୁଃଖିତ ହେଲା ଏବଂ ଅଭିଶାପରୁ ମୁକ୍ତି ନିମନ୍ତେ ଋଷିଙ୍କୁ ପ୍ରାର୍ଥନା କଲା । ସେହି ସମୟରେ ଦେବର୍ଷି ନାରଦ ସେଠାକୁ ଆସିଲେ ଏବଂ ଅପସରା ଏବଂ ଋଷି ଉଭୟଙ୍କୁ ପାପରୁ ମୁକ୍ତି ଲାଗି ପାପମୋଚିନୀ ଏକାଦଶୀ ବ୍ରତ କରିବା ଲାଗି ପରାମର୍ଶ ଦେଲେ । ନାରଦଙ୍କ ଦ୍ୱାରା କୁହାଯାଇଥିବା ମାର୍ଗରେ ବିଧିବିଧାନ ପୂର୍ବକ ଉଭୟ ପାପମୋଚନୀ ଏକାଦଶୀ ବ୍ରତ କଲେ ଯାହାଦ୍ୱାରା ସେମାନଙ୍କ ପାପମୋଚନ ହୋଇଥିଲା । ଋଷି ପୁଣିଥରେ ନିଜର ତପୋବଳ ଫେରିପାଇଲେ ଏବଂ ଅପସରା ଅଭିଶାପ ମୁକ୍ତ ହୋଇ ପିଶାଚିନୀ ଯୋନିରୁ ଅପସରା ଯୋନିରେ ପ୍ରକଟ ହେଲା । ଶାସ୍ତ୍ରରେ କୁହାଯାଇଛି ଯେ ଏହି ଏକାଦଶୀ ବ୍ରତ କଥା ପଢ଼ିଲେ ଏବଂ ଶୁଣିଲେ ଏକ ହଜାର ଗୋଦାନର ପୁଣ୍ୟଫଳ ମିଳିଥାଏ । ବ୍ରହ୍ମହତ୍ୟା, ସୁବର୍ଣ୍ଣ ଚୋରି ଏବଂ ସୁରାପାନ କରୁଥିବା ମହାପାପୀ ମଧ୍ୟ ଏହି ବ୍ରତ କରି ପାପମୁକ୍ତ ହୋଇଯାନ୍ତି । ଏହି ବ୍ରତ ଅତ୍ୟନ୍ତ ପୁଣ୍ୟଦାୟୀ ଅଟେ । ତେବେ ବ୍ରତ ପାଇଁ ନିୟମ ହେଉଛି ପ୍ରାତଃ ସ୍ନାନ କରି ଉଠିବା ପରେ ଭଗବାନ ବିଷ୍ଣୁଙ୍କ ପୂଜା କରିବା ଉଚିତ । ଘିଅର ଦୀପ ଜଳାଇବା ଉଚିତ । ଭଗବାନ ବିଷ୍ଣୁଙ୍କୁ ଅଜାଣତରେ ହୋଇଥିବା ପାପ ଲାଗି ପ୍ରାର୍ଥନା କରିବା ଆବଶ୍ୟକ । ଯେତେ ଅଧିକ ସମ୍ଭବ ଓମ ନମୋ ଭଗବତେ ବାସୁଦେବାୟ ମନ୍ତ୍ରର ଜପ କରନ୍ତୁ ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ
କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ଦୂରଭାଷ :
୯୯୩୭୬୫୮୩୬୨ /
୭୯୭୮୭୯୬୬୩୩

# ଚୈତ୍ର ନବରାତ୍ରୀରେ ନବଦୁର୍ଗାଙ୍କ ଉପାସନା

## ॥ ଅଲେଖ ଚନ୍ଦ୍ର ସାମଲ ॥

ଦୈବୀ ପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ ସୃଷ୍ଟି ଆରମ୍ଭରୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡରେ ଅନ୍ଧକାର ବିରାଜମାନ କରୁଥିଲା । ସେହି ସମୟରେ ଆଦିଶକ୍ତିଙ୍କ ମନରେ ସୃଷ୍ଟି ନିର୍ମାଣ ଇଚ୍ଛା ପ୍ରକଟ ହେଲା । ଆଦିଶକ୍ତି, ଦେବୀ କୁଷ୍ମାଣ୍ଡାଙ୍କ ରୂପରେ ପୂର୍ବ ସୃଷ୍ଟିର ଅନ୍ତ ପୂର୍ବରୁ ହିଁ ବନସ୍ପତି ଏବଂ ସୃଷ୍ଟିର ରଚନା ନିମନ୍ତେ ଆବଶ୍ୟକ ସାମଗ୍ରୀ ସାଇତି ରଖି ସୂର୍ଯ୍ୟ ମଣ୍ଡଳର ମଧ୍ୟଭାଗରେ ବିରାଜମାନ କରିଥିଲେ । ସୃଷ୍ଟି ରଚନାରେ ସମୟ ଆସିବା ମାତ୍ରେ ସେ ବ୍ରହ୍ମା, ବିଷ୍ଣୁ ଏବଂ ଭଗବାନ ଶିବଙ୍କୁ ପ୍ରକଟ କଲେ । ଏହାପରେ ସତ୍ତ୍ୱ, ରଜ ଓ ତମୋ ଗୁଣ ସମ୍ପନ୍ନ ତ୍ରୀଦେବୀ ସରସ୍ୱତୀ, ଲକ୍ଷ୍ମୀ ଏବଂ କାଳୀଙ୍କୁ ପ୍ରକଟ କଲେ । ସୃଷ୍ଟି ପରିଚାଳନାରେ ସହାୟତା ପ୍ରଦାନ କରିବା ନିମନ୍ତେ ଆଦି ଶକ୍ତି ବ୍ରହ୍ମାଙ୍କୁ ଦେବୀ ସରସ୍ୱତୀ, ବିଷ୍ଣୁଙ୍କୁ ଦେବୀ ଲକ୍ଷ୍ମୀ ଏବଂ ମହାଦେବଙ୍କୁ ଦେବୀ କାଳୀ ପ୍ରଦାନ କଲେ । ଆଦିଶକ୍ତିଙ୍କ କୃପାରୁ ବ୍ରହ୍ମଦେବ ସୃଷ୍ଟିର ରଚୟିତା ହେଲେ । ବିଷ୍ଣୁ ପାଳନ କର୍ତ୍ତା ଏବଂ ମହାଦେବ ହେଲେ ସଂହାରକର୍ତ୍ତା । ଶାସ୍ତ୍ରରେ ଥିବା ବର୍ଣ୍ଣନା ଅନୁଯାୟୀ, ଯେଉଁଦିନ ବ୍ରହ୍ମଦେବ ସୃଷ୍ଟି ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ ସେଦିନ ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ଥିଲା । ସେଥିପାଇଁ ଭାରତୀୟ ନବବର୍ଷର ଆରମ୍ଭ ଏହି ଦିନ ଠାରୁ ହୋଇଥାଏ । ଦେବୀଙ୍କ କୃପାରୁ ବ୍ରହ୍ମଦେବ ସୃଷ୍ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରିଥିବା ଯୋଗୁଁ ଏହି ଦିନ ଠାରୁ ନଅ ଦିନ ପର୍ଯ୍ୟନ୍ତ ଆଦିଶକ୍ତିଙ୍କ ନଅଟି ରୂପର ପୂଜା କରାଯାଇଥାଏ । ଯାହା ଚୈତ୍ର ନବରାତ୍ରୀ ପର୍ବ ଭାବେ ପ୍ରସିଦ୍ଧ । ସୃଷ୍ଟି ନିର୍ମାଣର କାର୍ଯ୍ୟ ସଫଳ ହେବା ପରି ନବବର୍ଷ ମଧ୍ୟ ସମସ୍ତଙ୍କ ପାଇଁ ସଫଳତା ଆଣୁ ବୋଲି ଏହି ଅବସରରେ ଦେବୀଙ୍କ ନିକଟରେ ପ୍ରାର୍ଥନା କରାଯାଇଥାଏ । ମାତା ଶୈଳପୁତ୍ରୀ : ନବରାତ୍ରୀର ପ୍ରଥମ ଦିନରେ ମା' ଶୈଳପୁତ୍ରୀଙ୍କ ଉପାସନା କରାଯାଇଥାଏ । ମାର୍କଣ୍ଡେୟ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ପର୍ବତରାଜ ହିମାଳୟଙ୍କ ପୁତ୍ରୀ ରୂପରେ ଜନ୍ମ ନେଇଥିବାରୁ ଦେବୀଙ୍କ ନାମ ଶୈଳପୁତ୍ରୀ ହୋଇଥିଲା । ହିମାଳୟ ହେଉଛନ୍ତି ଶକ୍ତି, ଦୃଢ଼ତା, ଆଧାର ଏବଂ ସ୍ଥିରତାର ପ୍ରତୀକ । ଏହି କାରଣରୁ ମା'ଶୈଳପୁତ୍ରୀଙ୍କୁ ଅଖଣ୍ଡ ସୌଭାଗ୍ୟର ପ୍ରତୀକ ଭାବେ ବିବେଚନା କରାଯାଇଥାଏ । ନବରାତ୍ରୀର ପ୍ରଥମ ଦିନରେ ଯୋଗୀ ଜନମାନେ ନିଜ ଶକ୍ତିକୁ ମୂଳାଧାରରେ ସ୍ଥିର କରି ଯୋଗ ସାଧନା କରିଥାନ୍ତି । ମନୁଷ୍ୟ ଜୀବନରେ ଦୃଢ଼ତା, ସ୍ଥିରତା ଏବଂ ଆଧାରର ବିଶେଷ ମହତ୍ତ୍ୱ ରହିଛି । ଏଣୁ ଏହି ଦିନରେ ନିଜ ସ୍ଥାୟିତ୍ୱ ବଜାୟ ରଖିବା ତଥା ଶକ୍ତି ହାସଲ କରିବା ନିମନ୍ତେ ମାତା ଶୈଳପୁତ୍ରୀଙ୍କ ପୂଜା କରାଯାଇଥାଏ । ମାତାଙ୍କ ଆରାଧନା ଦ୍ୱାରା ଜୀବନରେ ସ୍ଥିରତା ଆସିଥାଏ । ହିମାଳୟଙ୍କ ପୁତ୍ରୀ ହୋଇଥିବା କାରଣରୁ ଦେବୀଙ୍କୁ ପ୍ରକୃତିସ୍ୱରୂପା କୁହାଯାଏ । ତାଙ୍କର ପୂଜା ଶ୍ରେଷ୍ଠ ଏବଂ ମଙ୍ଗଳକାରୀ ହୋଇଥାଏ । ପ୍ରତିପଦା ବା ନବରାତ୍ରୀର ପ୍ରଥମ ଦିନ ମାତା ଶୈଳପୁତ୍ରୀଙ୍କୁ ଘିଅ ଅର୍ପଣ କରି ଭୋଗ ଲଗାନ୍ତୁ । ଏହି ଉପାୟ ଦ୍ୱାରା ରୋଗ କଷ୍ଟରୁ ମୁକ୍ତି ମିଳିଥାଏ ଏବଂ ଶରୀର ନିରୋଗ ହୋଇଥାଏ । ମାତା ବ୍ରହ୍ମଚାରିଣୀ : ନବରାତ୍ରୀର ଦ୍ୱିତୀୟ ଦିନରେ ମା' ବ୍ରହ୍ମଚାରିଣୀଙ୍କ ପୂଜା ହୋଇଥାଏ । ଦେବୀ ବ୍ରହ୍ମଚାରିଣୀ ବ୍ରହ୍ମ ଶକ୍ତି ଅର୍ଥାତ୍ ତପଶକ୍ତିର ପ୍ରତୀକ । ଏହାଙ୍କ ଆରାଧନା ଦ୍ୱାରା ଭକ୍ତ ଠାରେ ତପ ଶକ୍ତି ବୃଦ୍ଧି ହୋଇଥାଏ । ଏଥିସହିତ ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ । ମା' ବ୍ରହ୍ମଚାରିଣୀ ସମଗ୍ର ସଂସାରକୁ ତପସ୍ୟାର ଶିକ୍ଷା ଦେଇଥାନ୍ତି । କଠିନ ତପସ୍ୟା ଅର୍ଥାତ୍ ପରିଶ୍ରମ ବିନା ସଫଳତା ପ୍ରାପ୍ତ କରିବା ଅସମ୍ଭବ । ବିନା ପରିଶ୍ରମରେ ସଫଳତା ଆଶା କରିବା ଈଶ୍ୱରଙ୍କ ବିଧିର ବୀପରିତ । ଏଣୁ ବ୍ରହ୍ମଶକ୍ତି ବୃଦ୍ଧିବା ଏବଂ ତପସ୍ୟା କରିବା ନିମନ୍ତେ ମାତା ବ୍ରହ୍ମଚାରିଣୀଙ୍କ ଉପାସନା କରିବା ଜରୁରୀ । ଯୋଗ ଶାସ୍ତ୍ରରେ ବ୍ରହ୍ମଶକ୍ତି ସ୍ୱାଧୀଷ୍ଠାନ ଚକ୍ରରେ ନିହିତ ରହିଛି । ଏଣୁ ସମସ୍ତ ଧ୍ୟାନ ସିଦ୍ଧିଷ୍ଠାନ ଚକ୍ରରେ ସ୍ଥିର କରି ଏହ ଦିନରେ ଦେବୀ ବ୍ରହ୍ମଚାରିଣୀଙ୍କ ଆରାଧନା କରିବା ଆବଶ୍ୟକ । ନବରାତ୍ରୀର ଦ୍ୱିତୀୟ ଦିନରେ ମାତା ବ୍ରହ୍ମଚାରିଣୀଙ୍କୁ ଚିନିଭୋଗ ଲଗାନ୍ତୁ ତଥା ଦାନ କରନ୍ତୁ । ଏହାଦ୍ୱାରା ସାଧକଙ୍କୁ ଲମ୍ବା ଆୟୁ ପ୍ରାପ୍ତ ହୋଇଥାଏ । ମାତା ଚନ୍ଦ୍ରଘଣ୍ଟା : ନବରାତ୍ରୀର ତୃତୀୟ ଦିନରେ ମାତା ଚନ୍ଦ୍ରଘଣ୍ଟାଙ୍କ ଉପାସନା କରାଯାଇଥାଏ । ଏହି ଦେବୀଙ୍କୁ ଶକ୍ତି ମାତାଙ୍କ ଶିବଦୂତୀ ସ୍ୱରୂପ କୁହାଯାଏ । ମାତାଙ୍କ ମସ୍ତକରେ ଘଣ୍ଟା ଆକାରର ଅର୍ଦ୍ଧଚନ୍ଦ୍ର ରହିଛି । ଏହି କାରଣରୁ ସେ ଦେବୀ ଚନ୍ଦ୍ରଘଣ୍ଟା ହୋଇଛନ୍ତି । ଅସୁରଙ୍କ ସହ ଯୁଦ୍ଧ ସମୟରେ ଦେବୀଙ୍କ ଚନ୍ଦ୍ରଘଣ୍ଟାର ଟଙ୍କାରରେ ଅସୁରଙ୍କ ନିପାତ ହୋଇଥିଲା । ନବରାତ୍ରୀର ତୃତୀୟ ଦିନରେ ଏହି ଦେବୀଙ୍କୁ ଉପାସନା କରାଯାଇଥାଏ । ଦେବୀ ପୂଜା ଦ୍ୱାରା ସାଧକର ମଣିପୁରଚକ୍ର ଜାଗ୍ରତ ହୋଇଥାଏ । ଫଳରେ ମନୁଷ୍ୟ ସ୍ୱୟଂ ସିଦ୍ଧି ପ୍ରାପ୍ତ କରି ସାଂସାରିକ କଷ୍ଟରୁ ମୁକ୍ତି ପ୍ରାପ୍ତ କରିଥାଏ । ନବରାତ୍ରୀର ତୃତୀୟା ତିଥିରେ ମାତାଙ୍କୁ କ୍ଷୀର ଚଢ଼ାଇ ଭୋଗ କରନ୍ତୁ ଏବଂ କ୍ଷୀର ଦାନ କରନ୍ତୁ । ଏହାଦ୍ୱାରା ସମସ୍ତ ପ୍ରକାର ଦୁଃଖରୁ ମୁକ୍ତି ମିଳିଥାଏ । ଦେବୀ କୁଷ୍ମାଣ୍ଡା : ନବରାତ୍ରୀର ଚତୁର୍ଥ ଦିନରେ ଦେବୀ କୁଷ୍ମାଣ୍ଡାଙ୍କ ପୂଜା କରାଯାଇଥାଏ । ଦେବୀ କୁଷ୍ମାଣ୍ଡା ରୋଗରୁ ତୁରନ୍ତ ମୁକ୍ତି ଦେଇଥାନ୍ତି । ତାଙ୍କୁ ରୋଗ ନଷ୍ଟ କରିବାର ଦେବୀ ରୂପରେ ପୂଜା କରାଯାଇଥାଏ । ଦେବୀଙ୍କ ପୂଜା କରୁଥିବା ଶ୍ରଦ୍ଧାଳୁ ଧନଧାନ୍ୟ ଲାଭ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିଥାଏ । ମା'ଦୁର୍ଗାଙ୍କ ଏହି ଚତୁର୍ଥ ରୂପ କୁଷ୍ମାଣ୍ଡା ନିଜ ଉଦରରୁ ଅଣ୍ଡ ତଥା ବ୍ରହ୍ମାଣ୍ଡର ଉତ୍ପନ୍ନ କରିଥିଲେ ବୋଲି ପୁରାଣରେ ବର୍ଣ୍ଣନା ରହିଛି । ସେଥିପାଇଁ ଦେବୀଙ୍କ ନାମ କୁଷ୍ମାଣ୍ଡା ହୋଇଛି । ନବରାତ୍ରୀର ଚତୁର୍ଥ ଦିନରେ ଦେବୀ କୁଷ୍ମାଣ୍ଡାଙ୍କ ପୂଜା କରିବା ଦ୍ୱାରା ମନୁଷ୍ୟ ଶରୀରରେ ଅନାହତ ଚକ୍ର ଜାଗ୍ରତ ହୋଇଥାଏ । ତାଙ୍କ ଉପାସନା ଦ୍ୱାରା ସମସ୍ତ ରୋଗ ଏବଂ ଶୋକ ଦୂର ହୋଇଥାଏ । ଏଥି ସହିତ ଭକ୍ତଙ୍କୁ ଆୟୁ, ଯଶ, ବଳ ଏବଂ ଆରୋଗ୍ୟ ପ୍ରାପ୍ତି ହୋଇଥାଏ । ଭକ୍ତ ଭୌତିକ ଏବଂ ଆଧ୍ୟାତ୍ମିକ ସୁଖ ପ୍ରାପ୍ତି କରିଥାଏ । ନବରାତ୍ରୀର ଚତୁର୍ଥୀ ତିଥିରେ ଦେବୀ କୁଷ୍ମାଣ୍ଡାଙ୍କୁ ମାଲପୁଆ ଚଢ଼ାନ୍ତୁ ଏବଂ ଗରିବଙ୍କୁ ଦାନ କରନ୍ତୁ । ଏହାଦ୍ୱାରା ଜୀବନର ସମସ୍ତ ସମସ୍ୟା ସ୍ୱତଃ ସମାପ୍ତ ହୋଇଯିବ । ସ୍କନ୍ଦମାତା : ନବରାତ୍ରୀର ପଂଚମ ଦିନରେ ସ୍କନ୍ଦମାତାଙ୍କ ପୂଜା କରାଯାଇଥାଏ । ସ୍କନ୍ଦମାତା ଭକ୍ତଗଣଙ୍କୁ ସୁଖ-ଶାନ୍ତି ପ୍ରଦାନ କରିଥାନ୍ତି । ଦେବାସୁର ସଂଗ୍ରାମରେ ଭଗବାନ ସ୍କନ୍ଦ (କାର୍ତ୍ତିକେୟ) ଦେବତାମାନଙ୍କ ସେନାପତି ହୋଇଥିଲେ । ତାଙ୍କ ମାତା ହୋଇଥିବା କାରଣରୁ ଦେବୀ ଦୁର୍ଗାଙ୍କୁ ସ୍କନ୍ଦମାତା କୁହାଯାଏ । ପଂଚମ ଦିନରେ ଏହି ଶକ୍ତିସ୍ୱରୂପିଣୀଙ୍କ ଉପାସନା ଭକ୍ତକୁ ଅଶେଷ ସିଦ୍ଧି ପ୍ରଦାନ କରିଥାଏ । ଦେବାସୁର ସଂଗ୍ରାମ ଭଳି ଜୀବନରେ ଭଲ ଏବଂ ମନ୍ଦ ମଧ୍ୟରୁ ମନୁଷ୍ୟଙ୍କୁ ସର୍ବଦା ଭଲର ପକ୍ଷରେ ରହିବା ଉଚିତ । ସ୍କନ୍ଦମାତାଙ୍କ ଆରାଧନା ଦ୍ୱାରା ମନୁଷ୍ୟ ସତ୍‌ମାର୍ଗରେ ଅଗ୍ରସର ହୋଇଥାଏ । ଦେବୀଙ୍କ ଉପାସନା ମାଧ୍ୟମରେ ମନୁଷ୍ୟର ମନ ବିଶୁଦ୍ଧଚକ୍ରରେ ଅବସ୍ଥିତ ହୋଇଥାଏ । ଏହାଦ୍ୱାରା ଧ୍ୟାନ ଅଧିକ ଏକାଗ୍ର ହୁଏ । ଫଳରେ ମନୁଷ୍ୟ ପରମ ସୁଖ ଏବଂ ଶାନ୍ତି ଅନୁଭବ କରିଥାଏ । ନବରାତ୍ରୀର ପଂଚମ ଦିନରେ ମାତା ଦୁର୍ଗାଙ୍କୁ କଦଳୀ ଭୋଗ ଲଗାନ୍ତୁ ଏବଂ ଗରିବ ଲୋକମାନଙ୍କୁ କଦଳୀ ଦାନ କରନ୍ତୁ । ଏହାଦ୍ୱାରା ପରିବାରରେ ସୁଖ-ଶାନ୍ତି ବିରାଜମାନ କରିଥାଏ । ମା'କାତ୍ୟାୟିନୀ : ନବରାତ୍ରୀର ଷଷ୍ଠ ଦିନରେ ଆଦିଶକ୍ତି ଶ୍ରୀଦୁର୍ଗାଙ୍କ ଷଷ୍ଠ ସ୍ୱରୂପ ମା'କାତ୍ୟାୟିନୀଙ୍କ ପୂଜା କରାଯିବାର ନିୟମ ରହିଛି । ମହର୍ଷି କାତ୍ୟାୟନଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ଆଦିଶକ୍ତି ତାଙ୍କ କନ୍ୟା ରୂପରେ ଜନ୍ମ ଗ୍ରହଣ କରିଥିଲେ । ସେଥିପାଇଁ ଦେବୀଙ୍କୁ କାତ୍ୟାୟିନୀ ରୂପରେ ପୂଜା କରାଯାଏ । ନବରାତ୍ରୀର ଷଷ୍ଠ ଦିନରେ ଦେବୀ କାତ୍ୟାୟିନୀଙ୍କ ପୂଜା କରିବା ଦ୍ୱାରା ଆଜ୍ଞା ଚକ୍ର ଜାଗ୍ରତ ହୋଇଥାଏ । ଏହାର ଫଳସ୍ୱରୂପ ସାଧକ ସ୍ୱୟମେବ ପ୍ରାପ୍ତ କରିଥାଏ । ଏହି ସିଦ୍ଧି ପ୍ରାପ୍ତ କରିବା ଦ୍ୱାରା ମନୁଷ୍ୟ ଇହଲୋକରେ ରହି ମଧ୍ୟ ଅଲୌକିକ ତେଜ ଏବଂ ପ୍ରଭାବଯୁକ୍ତ ହୋଇଯାଇଥାଏ । ଏହାଦ୍ୱାରା ମନୁଷ୍ୟ ରୋଗ, ଶୋକ, ସନ୍ତାପ, ଭୟ ଆଦି ନଷ୍ଟ ହୁଏ । ଷଷ୍ଠୀ ତିଥିରେ ମାତା ଦୁର୍ଗାଙ୍କୁ ମହୁ ଭୋଗ ଲଗାନ୍ତୁ ଏବଂ ମହୁ ଦାନ କରନ୍ତୁ । ଏହି ଉପାୟ ଦ୍ୱାରା ଧନ ଆଗମନର ଯୋଗ ହୋଇଥାଏ । ଦେବୀ କାଳରାତ୍ରୀ : ମହାଶକ୍ତି ମା'ଦୁର୍ଗାଙ୍କ ସପ୍ତମ ସ୍ୱରୂପ ହେଉଛି କାଳରାତ୍ରୀ । ମାତା କାଳରାତ୍ରୀ କାଳର ନାଶ କରିଥାନ୍ତି । ଏହି କାରଣରୁ ତାଙ୍କ ନାମ କାଳରାତ୍ରୀ ହୋଇଛି । ନବରାତ୍ରୀର ସପ୍ତମ ଦିନରେ ଦେବୀ କଳରାତ୍ରୀଙ୍କର ପୂଜା କରାଯାଇଥାଏ । ମାତା କାଳରାତ୍ରୀଙ୍କ ଆରାଧନା ସମୟରେ ଭକ୍ତର ମନ ଭାନୁଚକ୍ରରେ କେନ୍ଦ୍ରିତ ହୋଇଥାଏ । ଏହି ଭାନୁ ଚକ୍ର ଲଲାଟ ଅର୍ଥାତ୍ ମସ୍ତିଷ୍କର ମଧ୍ୟ ଭାଗରେ କେନ୍ଦ୍ରୀତ ହୋଇଥାଏ । ଦେବୀଙ୍କ ଆରାଧନାର ଫଳସ୍ୱରୂପ ଭାନୁଚକ୍ରର ଶକ୍ତି ଜାଗ୍ରତ ହୋଇଥାଏ । ମା'କାଳରାତ୍ରୀଙ୍କ ଭକ୍ତି ଦ୍ୱାର ମନରୁ ସମସ୍ତ ପ୍ରକାରର ଭୟ ନଷ୍ଟ ହୋଇଯାଇଥାଏ । ଜୀବନର ପ୍ରତ୍ୟେକ ସମସ୍ୟା କ୍ଷଣିକେ ଦୂରେଇ ଯାଇଥାଏ । ଶତ୍ରୁ ନାଶ କରୁଥିବା ଦେବୀ କାଳରାତ୍ରୀ ନିଜ ଭକ୍ତକୁ ସମସ୍ତ ପ୍ରକାରର ପରିସ୍ଥିତିରୁ ମୁକ୍ତି ଦେଇଥାନ୍ତି । ନବରାତ୍ରୀର ସପ୍ତମୀ ତିଥିରେ ମାତାଙ୍କୁ ଗୁଡ଼ରେ ପ୍ରସ୍ତୁତ ଭୋଗ ଲଗାନ୍ତୁ ତଥା ଦାନ ମଧ୍ୟ କରନ୍ତୁ । ଏହାଦ୍ୱାରା ଦରିଦ୍ରତା ନାଶ ହୋଇଥାଏ । ଦେବୀ ମହାଗୌରୀ : ନବରାତ୍ରୀର ଅଷ୍ଟମ ଦିନରେ ମାତା ମହାଗୌରୀଙ୍କୁ ପୂଜା କରାଯାଇଥାଏ । ଆଦିଶକ୍ତି ଶ୍ରୀଦୁର୍ଗାଙ୍କ ଅଷ୍ଟମ ସ୍ୱରୂପ ହେଉଛନ୍ତି ମହାଗୌରୀ । ମହାଗୌରୀଙ୍କ ବର୍ଣ୍ଣ ଅତ୍ୟନ୍ତ ଗୌର ହୋଇଥିବାରୁ ତାଙ୍କୁ ମହାଗୌରୀ ନାମରେ ଉପାସନା କରାଯାଇଥାଏ । ନବରାତ୍ରୀର ଅଷ୍ଟମ ଦିନରେ ମା'ଗୌରୀଙ୍କ ଉପାସନା ଦ୍ୱାରା ଶରୀରର ସୋମ ଚକ୍ର ଜାଗ୍ରତ ହୋଇଥାଏ । ଏହି ଚକ୍ର ଉର୍ଦ୍ଧ୍ୱ ଲଲାଟରେ ଅବସ୍ଥିତ । ଅଷ୍ଟମ ଦିନରେ ସାଧନା ପୂର୍ବକ ଏହି ଚକ୍ରରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ । ସୋମ ଚକ୍ରରେ ଧ୍ୟାନ କେନ୍ଦ୍ରିତ କରି ମହାଗୌରୀଙ୍କ ଉପାସନା ଦ୍ୱାରା ଶ୍ରଦ୍ଧାଳୁ ଏହି ଚକ୍ର ସମ୍ବନ୍ଧୀୟ ସମସ୍ତ ଶକ୍ତି ପ୍ରାପ୍ତ କରିଥାଏ । ଏଥିସହିତ ମହାଗୌରୀଙ୍କ ଭକ୍ତି ଦ୍ୱାରା ମନ ଶାନ୍ତ ହୋଇଥାଏ । ନବରାତ୍ରୀର ଅଷ୍ଟମ ତିଥିରେ ମାତାଙ୍କୁ ନଡ଼ିଆ ଅର୍ପଣ କରି ଭୋଗ ଲଗାନ୍ତୁ । ନଡ଼ିଆ ଦାନ କରନ୍ତୁ । ଏହାଦ୍ୱାରା ଶାନ୍ତି ଏବଂ ସୁଖ-ସମୃଦ୍ଧି ପ୍ରାପ୍ତ ହେବ । ମାତା ସିଦ୍ଧିଦାତ୍ରୀ : ଚୈତ୍ରମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଦେବୀ ଦୁର୍ଗାଙ୍କ ନବଦିନାତ୍ମକ ଉପାସନା ଶେଷ ହୋଇଥାଏ । ଏହି ଅନ୍ତିମ ଦିବସରେ ମାତା ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଇଥାଏ । ମାତା ସିଦ୍ଧିଦାତ୍ରୀ ଭକ୍ତମାନଙ୍କୁ ସମସ୍ତ ସିଦ୍ଧି ପ୍ରଦାନ କରିଥାନ୍ତି । ଅନ୍ତିମ ଦିନରେ ଭକ୍ତମାନଙ୍କୁ ପୂଜା ସମୟରେ ନିଜର ସମସ୍ତ ଧ୍ୟାନ ନିର୍ବାଣ ଚକ୍ରରେ କେନ୍ଦ୍ରିତ କରିବାକୁ ହୋଇଥାଏ । ଏହି ଚକ୍ର କପାଳର ମଧ୍ୟ ଭାଗରେ ରହିଛି । ତେବେ ଏହି ଚକ୍ରରେ ଧ୍ୟାନ କେନ୍ଦ୍ରିତ କରିବାକୁ ହେଲେ ଅଧିକ ଦିନର ଅଭ୍ୟାସ ଆବଶ୍ୟକ । ଏପରି କରିବା ଦ୍ୱାରା ଦେବୀ ସିଦ୍ଧିଦାତ୍ରୀଙ୍କ ସମସ୍ତ ଶକ୍ତି ସ୍ୱତଃ ଭକ୍ତକୁ ପ୍ରାପ୍ତ ହୋଇଥାଏ । ସିଦ୍ଧିଦାତ୍ରୀଙ୍କ ଉପାସନା ଦ୍ୱାରା ଶ୍ରଦ୍ଧାଳୁ ପକ୍ଷେ କୌଣସି କାର୍ଯ୍ୟ ଅସମ୍ଭବ ରହିଥାଏ । ଶ୍ରଦ୍ଧାଳୁ ସୁଖ-ସୁବିଧା ପ୍ରାପ୍ତ କରିଥାଏ । ନବମୀ ତିଥିରେ ମାତା ସିଦ୍ଧିଦାତ୍ରୀଙ୍କୁ ଶସ୍ୟ ଅର୍ପଣ କରନ୍ତୁ ଏବଂ ଯଥାଶକ୍ତି ଗରିବଙ୍କୁ ଶସ୍ୟ ଦାନ କରନ୍ତୁ । ଏହି ପୁଣ୍ୟ ବଳରେ ଇହଲୋକ ଏବଂ ପରଲୋକରେ ଆନନ୍ଦ ଏବଂ ବୈଭବ ମିଳିବା ସମ୍ଭବପର ହୋଇପାରିବ । ନବଦୁର୍ଗାଙ୍କ ଅବତାରର କାରଣ : ସଂସାରରେ ଶୁମ୍ଭନିଶୁମ୍ଭଙ୍କ ଅତ୍ୟାଚାର ବଢ଼ି ବଢ଼ି ଚାଲିଥିଲା । ଦେବଗଣ ତ୍ରୀଦେବଙ୍କ ଶରଣପନ୍ନ ହେବାରୁ ସେମାନଙ୍କ ଅନୁରୋଧକ୍ରମେ ଆଦିଶକ୍ତି ଦେବୀ ଦୁର୍ଗାଙ୍କ ସ୍ୱରୂପ ଧାରଣ କରିଥିଲେ । ଦେବୀ ଦୁର୍ଗାଙ୍କ ଦିବ୍ୟ ସ୍ୱରୂପ ଦେଖି ଦେବାସୁର ସମସ୍ତେ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ । ଦେବୀ ଦୁର୍ଗାଙ୍କ ରୂପ ବିଷୟରେ ଆଭାସ ପାଇ ଶୁମ୍ଭ-ନିଶୁମ୍ଭ ବିବାହ ପ୍ରସ୍ତାବ ଦେଇ କିଛି ଦୂତଙ୍କୁ ପଠାଇଲେ । ରାକ୍ଷସ ଦୂତ ଯାଇ ଶୁମ୍ଭ-ନିଶୁମ୍ଭଙ୍କ ବିବାହ ପ୍ରସ୍ତାବ ଦେବୀଙ୍କୁ ଦେଲେ । ମାତ୍ର ଦେବୀ କହିଲେ, ମୁଁ ପ୍ରତିଜ୍ଞା କରିଛି ଯେ ଯିଏ ମୋତେ ଯୁଦ୍ଧରେ ପରାସ୍ତ କରିବ, ତାଙ୍କୁ ହିଁ ମୁଁ କେବଳ ବିବାହ କରିବି । ଏହାଶୁଣି ଶୁମ୍ଭ-ନିଶୁମ୍ଭ କ୍ରୋଧିତ ହୋଇ ଧୂମ୍ରଲୋଚନ ନାମକ ରାକ୍ଷସଙ୍କୁ ଦେବୀଙ୍କ ନିକଟକୁ ପଠାଇଲେ । ଧୂମ୍ରଲୋଚନ ୬୦ ହଜାର ରାକ୍ଷସଙ୍କୁ ନେଇ ଦେବୀଙ୍କ ସହ ଯୁଦ୍ଧ କରିବାକୁ ଆସିଲା । ଦେବୀଙ୍କ ହୁଁ ଶବ୍ଦ ଶୁଣି କ୍ଷଣିକେ ଧୂମ୍ରଲୋଚନର ନିପାତ ହେଲା । ଏହାର କିଛି କ୍ଷଣ ମଧ୍ୟରେ ଦେବୀ ସମସ୍ତ ରାକ୍ଷସଙ୍କୁ ନିପାତ କଲେ । ଏହାଜାଣି ଶୁମ୍ଭ-ନିଶୁମ୍ଭ ଅନ୍ୟ ଦୁଇ ରାକ୍ଷସ ଚଣ୍ଡା ଏବଂ ମୁଣ୍ଡଙ୍କୁ ଦେବୀଙ୍କ ସହ ଯୁଦ୍ଧ ନିମନ୍ତେ ପଠାଇଲେ । ମାତ୍ର ଦେବୀ ଦୁର୍ଗତିନାଶିନୀ ଚାମୁଣ୍ଡା ରୂପ ଧାରଣ କରି ଚଣ୍ଡ-ମୁଣ୍ଡଙ୍କ ବିନାଶ କଲେ । ଶେଷରେ ଶୁମ୍ଭ ଏବଂ ନିଶୁମ୍ଭ ସମସ୍ତ ରାକ୍ଷସ ସେନାଙ୍କୁ ଏକତ୍ର କରି ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ କରିବାକୁ ଆଗେଇ ଆସିଲେ । ଏହା ଜାଣିବା ପରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସମେତ ସମସ୍ତ ଦେବଗଣ ଦେବୀଙ୍କୁ ନିଜ ନିଜର ଶକ୍ତି ପ୍ରଦାନ କରିଥିଲେ । ସେହି ଶକ୍ତିରୁ ଦେବୀ ଦୁର୍ଗାଙ୍କ ନଅଟି ସ୍ୱରୂପ ପ୍ରକଟ ହୋଇ ଶୁମ୍ଭ-ନିଶୁମ୍ଭଙ୍କ ବିନାଶ କରିଥିଲେ । ଦେବୀ ମାହାତ୍ମ୍ୟ : ଦେବୀ ମାହାତ୍ମ୍ୟରେ ଦେବୀ ଦୁର୍ଗାଙ୍କ ମହିମା ବିଷୟରେ ବର୍ଣ୍ଣନା ରହିଛି । ଏହି ଗ୍ରନ୍ଥରେ ଦେବୀ ମହିଷାସୁର ନାମକ ରାକ୍ଷସର ବଧ କରିଥିବା ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଦେବୀ ମାହାତ୍ମ୍ୟ ହେଉଛି ମାର୍କଣ୍ଡେୟ ପୁରାଣର ଏକ ଅଂଶବିଶେଷ । ଏଥିରେ ମୋଟ ୭୦୦ଟି ଶ୍ଳୋକ ରହିଛି । ଏହାକୁ ଦୁର୍ଗା ସପ୍ତଶତି ମଧ୍ୟ କୁହାଯାଏ । ଏହି ଗ୍ରନ୍ଥରେ ସୃଷ୍ଟିର ପ୍ରତିକାତ୍ମକ ବ୍ୟାଖ୍ୟା କରାଯାଇଛି । ଏଥିରେ ଥିବା ବର୍ଣ୍ଣନା ଅନୁଯାୟୀ ଜଗତର ସମସ୍ତ ଶକ୍ତିର ଦୁଇଟି ସ୍ୱରୂପ ରହିଛି । ଗୋଟିଏ ସଂବୃତ ଶକ୍ତି ଏବଂ ଅନ୍ୟଟି କ୍ରିୟାତ୍ମକ ଶକ୍ତି । ନବରାତ୍ରୀ ସମୟରେ ଏହି ମହାନଗ୍ରନ୍ଥର ପାଠ କରାଯାଇଥାଏ । ଏଥିରେ ସୃଷ୍ଟି କର୍ତ୍ତା ବ୍ରହ୍ମଦେବ ଦେବୀଙ୍କ ଦୁର୍ଗାଙ୍କ ଉଦ୍ଦେଶ୍ୟରେ କରିଥିବା ସ୍ତୁତି ଅତି ଚମତ୍କାର ଢ଼ଙ୍ଗରେ ବର୍ଣ୍ଣନା କରାଯାଇଛି । ଦେବୀମହାତ୍ମ୍ୟରେ ରହିଥିବା ଶ୍ଳୋକର କାବ୍ୟିକ ସୁଷମା ଏବଂ ଦାର୍ଶନିକତା ଏହାର ମହାନତାକୁ ବର୍ଣ୍ଣନା କରିଥାଏ । ଦେବୀ ମହାତ୍ମ୍ୟରେ ଦେବୀଙ୍କ ଦ୍ୱାରା ମହିଷାସୁର ଏବଂ ଶୁମ୍ଭ-ନିଶୁମ୍ଭ ନାମକ ରାକ୍ଷସର ବଧ କଥା ବର୍ଣ୍ଣନା କରାଯାଇଛି ।

ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ:୯୪୩୭୨୫୭୧୨୩

ସେଇଠୁ
# ଆରମ୍ଭ
SEITHO ARAMBHA

## ଶିଶୁ ସୁରକ୍ଷା ସମ୍ପର୍କିତ ବ୍ଲକସ୍ତରୀୟ ସଚେତନତା ସଭା

ଭଦ୍ରକ, ୨୪/୦୩ (ଆ.ପ୍ର) : ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ,ଭଦ୍ରକ ପକ୍ଷରୁ ଭଦ୍ରକ ପଂଚାୟତ ସମିତି ସଭା ଗୃହ ପରିସରରେ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଂଜନ ମଲ୍ଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ରୂପେ ପଂଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ, ସମ୍ମାନିତ ଅତିଥି ରୂପେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ନିର୍ଯାତନା ନିମନ୍ତେ ସମବେତ ଉଦ୍ୟମ ଲୋଡା, ସେଥିପାଇଁ ଶିଶୁ ଟିଏ ବିପଦରେ ଥିଲେ ବା ଆଶଙ୍କା ଥିଲେ ତୁରନ୍ତ ନିଶୁଳ୍କ ନମ୍ବର, ୧୧୨ ପୋଲିସ ବା ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ ସହ ଯୋଗାଯୋଗ କରନ୍ତୁ ବୋଲି ପ୍ରମୁଖ ବକ୍ତା ମାନେ ମତ ପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଡି ପିଓ, ଭଦ୍ରକ ନର୍ମଦା ବେହେରା, ଫେଲୋସିପର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ପରିବାର ଶିଶୁ ପାଇଁ ସବୁଠୁ ପ୍ରକୃଷ୍ଟ ସ୍ଥାନ ଓ ପିତାମାତା ଶିଶୁକୁ ଉତ୍ତମ ମାର୍ଗ ଦର୍ଶାଇବା ଉଚିତ୍ ବୋଲି ଉଲ୍ଲେଖ କରିଥିଲେ । ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ପୃଷ୍ଟପୋଷକତା, ଆଶୀର୍ବାଦ ଓ ଯଶୋଦା ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରା ଯାଇଥିଲା । ଏହି ସଭାରେ ଶିଶୁ ବିକାଶର ସୁପର ଭାଇଜର, ମିଶନ ଶକ୍ତି ମହିଳା, ସ୍ୱାସ୍ଥ୍ୟ କର୍ମୀ ସମେତ ବିଭିନ୍ନ

ଡ଼.ଦେବରାଜ ପାଣିଗ୍ରାହୀ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ସଂଯୋଜନା ସଭାରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରାରମ୍ଭିକ ସୂଚନାରେ ଶିଶୁଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମତ ପ୍ରଦାନ କରିଥିଲେ । ବାଲ୍ୟବିବାହ, ଶିଶୁ ଶ୍ରମିକ ଓ ଶିଶୁଙ୍କୁ ଯୌନ ଚାଇଲ୍ଡ ଲାଇନ ସଂଯୋଜୀକା ଶୁଭଶ୍ରୀ ପଢିଆରୀ, ସହରାଂଚଳ ଥାନା ମହିଳା ଓ ଶିଶୁ ଅଧିକାରିଣୀ ଅରୁନ୍ଧତୀ ପରିଡ଼ା ସମେତ ମହିଳା ପରିଦର୍ଶିକା ସତ୍ୟଭାମା ସାହୁ,ସସ୍ମିତା ଜେନା, ପ୍ରମୁଖ ଯୋଗଦାନ କରି ମତବ୍ୟକ୍ତ କରିଥିଲେ । ଗୋଷ୍ଠି ଉନ୍ନୟନ ଅଧିକାରୀ ନିଜ ବକ୍ତବ୍ୟରେ ଶିଶୁର ମାନସିକତାକୁ ଭଲଭାବେ ନିରୀକ୍ଷଣ କରିବା ଉଚିତ୍ ବୋଲି ମତ ଦେଇଥିଲେ । ବିଭାଗର କର୍ମକର୍ତା ଅଂଶ ଗ୍ରହଣ କରିଥିଲେ । ଶିଶୁ ସୁରକ୍ଷା ଶାଖାର ବାହ୍ୟ କର୍ମୀ ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୟୁନିଟର କର୍ମକର୍ତା, ଚାଇଲ୍ଡ ଲାଇନର କର୍ମୀ ସମସ୍ତ ସହଯୋଗ କରି ଥିଲେ । ପରିଶେଷରେ ଶିଶୁ ବିକାଶର ମହିଳା ପରିଦର୍ଶିକା ଉର୍ବଶୀ ମହାନ୍ତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## କୋମନା ବ୍ଲକ୍‌ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

କୋମନା, ୨୪/୦୩ (ଆ.ପ୍ର) : କୋମନା ବ୍ଲକ୍ ସଭାଗୃହ ଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୧୦୬ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି । ଏଥିରୁ ୯୩ ଟି ବ୍ୟକ୍ତିଗତ ୧୩ଟି ଗୋଷ୍ଠୀଗତ ଅଭିଯୋଗ ଶୁଣାଣୀ କରି ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ବୁଦ୍ଧିକୋମନା ଗ୍ରାମପଂଚାୟତ ଦୁର୍ଗୁଚିପାଲି ଗ୍ରାମ ଅସହାୟ ମହିଳା ହିରାବାଇ ଜଗତ ଦଶ ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିଥିଲେ । ଯାଇଥିଲା କ୍ଷ ୮୪ ଜଣ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସ୍ୱିକୃତୀ ପଟ୍ଟା, ୩ ଟି ଗୋଷ୍ଠୀଙ୍କୁ ଅଧିକାର ପଟ୍ଟା, ୭ଟି ଗୋଷ୍ଠୀଙ୍କୁ ଜଙ୍ଗଲ ସମ୍ବଳ ଅଧିକାର ପଟ୍ଟା ଜିଲ୍ଲାପାଳ, ଡି ଏଫ୍.ଓ, ଡି ଡବ୍ଲୁଓ ଏବଂ ଉପସ୍ଥିତ ଅଧିକାରୀ ପ୍ରଦାନ କରିଥିଲେ ।

## ଚଗାଁ ପଂଚାୟତର ଘଂଟବାହାଲି ଗ୍ରାମବାସି ମାନଙ୍କ ପାଇଁ ରାସ୍ତା ସାତସପନ

ଭବାନୀପାଟଣା, ୨୪/୦୩ (ଆ.ପ୍ର) : ଆମ ଓଡିଶା ରାଜ୍ୟରେ କଳାହାଣ୍ଡି ଜିଲ୍ଲାର ଏକ ସ୍ୱତନ୍ତ୍ର ପରିଚୟ ରହିଅଛି । କଳାହାଣ୍ଡି ମାଟି ହେଉଛି ଜଗତର ମାଁ ମାଁ ମାଣିକେଶ୍ୱରୀର ମାଟି, ଏହି ମାଟି ହଉଛି ମାଁ ଲଙ୍କେଶ୍ୱରୀ ମାଟି, ବୀର ରେଣ୍ଡୋ ମାଝୀର ମାଟି । ଗୋଟେ ପଟେ କଳାହାଣ୍ଡି ଜିଲ୍ଲାର ଘୁମୁରା ବାଦ୍ୟ ବିଶ୍ୱ ଦରବାରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । କିନ୍ତୁ ଅପରପକ୍ଷେ ଜିଲ୍ଲାର ସଦର ମହକୁମା, ଭବାନୀପାଟଣା ଠାରୁ ମାତ୍ର ୨୫ କିଲୋମିଟର ଦୂରରେ ଅବସ୍ଥିତ ଚଗାଁ ପଂଚାୟତର ଘଂଟବାହାଲି ଗ୍ରାମ ସ୍ୱାଧୀନତାକୁ ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ସୁଧା ଆଜି ବିକାଶରୁ ବଂଚିତ ହୋଇଅଛି । ଘଂଟବାହାଲି ଗ୍ରାମକୁ ଯିବା ପାଇଁ ଆଜି ମଧ୍ୟ ଭଲ ରାସ୍ତା ଟେ ନାହିଁ । ଭବାନୀପାଟଣା - ରାୟପୁରକୁ ସଂଯୋଗ କରୁଥିବା SH -୧୬ ମୁଖ୍ୟ ସଡକ ଠାରୁ କିଛି ଦୂରରେ ଅବସ୍ଥିତ ଘଂଟବାହାଲି ଗ୍ରାମ । କଳାହାଣ୍ଡି ଜିଲ୍ଲା ସଦର ମହକୁମା ଠାରୁ ଅଳ୍ପ ଦୂରରେ ଥାଇ ମଧ୍ୟ ଆଜି ଏହି ଗ୍ରାମର ଜନସାଧାରଣ ରାସ୍ତା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟତଃ ବର୍ଷାର ଆଗମନରେ ଗାଁ ରାସ୍ତା ପାଲଟିଯାଏ ମରଣଯନ୍ତା ସଦୃଶ । ରୋଗୀ ପାଇଁ ଆମ୍ବୁଲେନ୍ସ ଆସିବାରେ ଅନେକ ବିଳମ୍ବ ହୋଇଥାଏ ଏହି ଖରାପ ରାସ୍ତା ପାଇଁ । ବାରମ୍ବାର ବିଭାଗୀୟ କର୍ତୃପକ୍ଷ ଙ୍କୁ ସାକ୍ଷାତ କରି ସମସ୍ୟାର ଅଭିଯୋଗ କରି ମଧ୍ୟ କୌଣସି ସୁଫଳ ପାଇଁ ପାରି ନାହାନ୍ତି ଘଂଟବାହାଲି ଗ୍ରାମବାସିବୃନ୍ଦ । ସବୁ ସରକାରୀ ଯୋଜନା ଯେମିତି ମୁହଁ ଆଡେଇ ଦେଉଛି ଏହି ଗାଁ ପାଇଁ । ଆଜିର ଦୁନିୟା ହଉଛି ସ୍ମାର୍ଟ ଫୋନ ଆଉ ସ୍ମାର୍ଟ ଲୋକଙ୍କ ଦୁନିୟା, ବର୍ତମାନ ଏହି ଗ୍ରାମର ଯୁବପିଢ଼ି କିନ୍ତୁ ପ୍ରଶ୍ନ କରୁଛି ସରକାରକୁ " ଆମର ଭୁଲ କ'ଣ ? ? କାହିଁକି ଗୋଟେ ଭଲ ରାସ୍ତାରୁ ଦୁରେଇ ରଖାହେଉଛି ଘଂଟବାହାଲି ଗ୍ରାମବାସୀଙ୍କୁ ? ? ବର୍ତମାନ କିନ୍ତୁ ଓଡିଶା ରାଜ୍ୟରେ ନୂତନ ସରକାର । ଘଂଟବାହାଲି ଗ୍ରାମବାସି ମଧ୍ୟ ନୂତନ ସରକାରଙ୍କଠୁ ନୂତନ ଆଶା କରିଛନ୍ତି । ଏହି ସରକାର ପୂରଣ କରିବେ ତାଙ୍କର ସ୍ୱପ୍ନ ଆଉ ସେମାନେ ପାଇପାରିବେ ସେମାନେ ତାଙ୍କର ହକ । ଆଜି ସମସ୍ତ ଗ୍ରାମବାସୀ ସରକାର ଆଉ ସ୍ଥାନୀୟ ନେତୃତ୍ୱ କୁ ଉନ୍ନତମାନର ରାସ୍ତା ଯଥାଶୀଘ୍ର ନିର୍ମାଣ ପାଇଁ ଅନୁରୋଧ କରୁଛନ୍ତି । ଦେଖିବାକୁ ବାକି ରହିଲା ସରକାର ଆଉ ବିଭାଗୀୟ ଅଧିକାରୀ କେତେ ଶୀଘ୍ର ଘଂଟବାହାଲି ଗାଁରେ ନୂତନ ରାସ୍ତା ନିର୍ମାଣ କରିବେ ।

## ମାନବ ଚଲାଣ ଓ ନାବାଳିକା ବିବାହ ବିରୋଧ ଆଇନ ଉପରେ ସଚେତନତା ଶିବିର

ଭଦ୍ରକ, ୨୪/୦୩ (ଆ.ପ୍ର) : ଭଦ୍ରକ ସାନନ୍ଦୀ ବାଇପାସ ସ୍ଥିତ ସୋସାଇଟି ଫର ୱିକର କମ୍ୟୁନିଟି 'ଆସିଆନା' ଶକ୍ତି ସଦନପ୍ରକଳ୍ପ ଦ୍ୱାରା ସାନନ୍ଦୀ ବାଇପାସ ସ୍ଥିତ ଆସିଆନା କନଫରେନ୍ସ ହଲରେ ମାନବ ଚଲାଣ ଓ ନାବାଳିକା ବିବାହ ନିରୋଧ ଆଇନ ଉପରେ ଏକ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇ ଯାଇଛି । ସଭ୍ୟ ସମାଜରେ ମାନବ ଚାଲାଣ ଏକ ପ୍ରମୁଖ ସମସ୍ୟା ଭାବରେ ଜନ୍ମା ହୋଇଛି । ଦଲାଲ ମାନେ ଦାରିଦ୍ର୍ୟତା, ସ୍ୱଚ୍ଛ ଶିକ୍ଷା ଓ ବେରୋଜଗାରର ଫାଇଦା ନେଇ ମାନବ ଚାଲାଣରେ ସକ୍ରିୟ ଅଛନ୍ତି । ବିଶେଷତଃ ନାବାଳିକା ଓ ମହିଳା ମାନଙ୍କୁ ରାଜ୍ୟ ତଥା ଦେଶ ବାହାରକୁ ଚାଲାଣ କରି ସେମାନଙ୍କୁ ଅନୈତିକ କାମ, ଯୌନ ଶୋଷଣ, ଅଙ୍ଗ ତସ୍କରୀ ଆଦି, ଭିକ୍ଷା ବୃତି ଆଦି କାମରେ ଲଗାଇ ଥାନ୍ତି । ମହିଳାମାନେ ଏ ଦିଗରେ ସଚେତନ ହେବା ଉଚିତ ବୋଲି ବକ୍ତା ମାନେ ମତ ରଖିଛନ୍ତି । ଏହି ସଚେତନତା ଶିବରକୁ ଯମୁନାଲାଲ ବାଜାଜ ଶାନ୍ତି ପୁରସ୍କାର

ପ୍ରାପ୍ତ ସମାଜସେବୀ ତଥା ଆସିୟାନାର ନିର୍ଦ୍ଦେଶିକା ସୋଫିଆ ସେକ ଉଦଘାଟନ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ସମାଜସେବୀ ତଥା ଅବସରପ୍ରାପ୍ତ ପ୍ରାଧାପିକା ଡ. ରାଧାରାଣୀ ମହାପାତ୍ର, ବରିଷ୍ଠ ଅଧିବକ୍ତା ଗଦାଧର ବଳ, ଗ୍ରାମାଂଚଳ ଥାନା ସହକାରୀ ଥାନା ଅଧିକାରୀ ଇନ୍ସପେକ୍ଟର ସଂଘମିତ୍ରା ମହାନ୍ତି ଯୋଗ ଦେଇ ଆଲୋଚିତ ବିଷୟ ଉପରେ ନିଜ ମତ ରଖିଥିଲେ । ଆସିଆନାର ସଂଯୋଜକ ଶିଆଡ଼ ଅହମ୍ମଦଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ସାମାଜିକ କର୍ମୀ ଭାଗ୍ୟଶ୍ରୀ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଆସିଆନାର ଅନ୍ତେବାସୀ ଓ ନୂଆ ଓଡିଶା ଟେକ୍ନୋ ଇଣ୍ଡିଆ ଟ୍ରେନିମାନେ ଯୋଗ ଦେଇ ଆଲୋଚିତ ବିଷୟ ଉପରେ ବିଭିନ୍ନ ପ୍ରଶ୍ନ ପଚାରି ଆଇନଗତ ଦିଗ ଉପରେ ସଚେତନ ହୋଇଥିଲେ ।

## ଜିଲ୍ଲା ସାମ୍ବାଦିକ ସଂଘର ଚତୁର୍ଥ ବାର୍ଷିକ ସଂଗଠନିକ ସମିଳନୀ

ଜଗତସିଂହପୁର, ୨୪/୦୩ (ଆ.ପ୍ର) : ମହାନ ବିପ୍ଲବୀ ସହିଦ ଭଗତ ସିଂ ଙ୍କ ସ୍ମରଣ ଦିବସ ଏବଂ ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ଓଡିଶା ସହବନ୍ଧିତ ଜ଼ିଲ୍ଲା ସାମ୍ବାଦିକ ସଂଘ(ଡି ୟୁ ଜେ) ଜଗତସିଂହପୁରର ଚତୁର୍ଥ ବାର୍ଷିକ ସାଙ୍ଗଠନିକ ସମ୍ମିଳନୀ ସ୍ଥାନୀୟ ନିମାଇଁ ଭବନ ପରିସରରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଜ଼ିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଯୋଗଦେଇ ପ୍ରଦୀପ୍ ପ୍ରଜ୍ୱଳନ କରି ଜଗନ୍ନାଥଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଚତୁର୍ଥ ବାର୍ଷିକ ଉଛବକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତାଭାବେ ରାଜ୍ୟ ସମ୍ବାଦିକ ସଂଘ (ଏସ ୟୁ ଜେ )ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ସ୍ୱତନ୍ତ୍ର ଅତିଥିଭାବେ ରାଜ୍ୟ ସାମ୍ବାଦିକ କଲ୍ୟାଣ ପଣ୍ଡି ଅଧ୍ୟକ୍ଷ ଗଗନ ବିହାରୀ ସାହୁ, ବିଶିଷ୍ଟ ଅତିଥିଭାବେ ଜ଼ିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ । ସମ୍ମାନିତ ବକ୍ତା ଭାବେ ରାଜ୍ୟ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି କୀର୍ତି ଚନ୍ଦ୍ର ସାହୁ । ସମ୍ମାନୀତ ଅତିଥିଭାବେ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚନା ସିଂ, ବିଶେଷ ଅତିଥିଭାବେ ରାଜ୍ୟ ସାମ୍ବାଦିକ ସଙ୍ଘ(ଏସ ୟୁ ଜେ)ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢୀ, ସମ୍ମାନୀତ ଅତିଥିଭାବେ ରାଜ୍ୟ ସାମ୍ବାଦିକ ସଂଘ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଚିନ୍ତାମଣି ପାଢୀ । କଟକ ଜ଼ିଲ୍ଲା ସାମ୍ବାଦିକ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଏହା ପରେ କ୍ରିଷ୍ଣା କଳଚରାଲ ଗ୍ରୁପ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷିତ ହୋଇଥିଲା । ଜଗତସିଂହପୁର ଜ଼ିଲ୍ଲା ରେ ଦିବଂଗତ ସାମ୍ବାଦିକ ମାନଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଜ଼ିଲ୍ଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା ବାର୍ଷିକ ବିବରଣୀ ପ୍ରଦାନ କରିବା ପରେ ମଂଚାସିନ ଅତିଥି ଏବଂ ଉପଦେଷ୍ଟା ମଣ୍ଡଳୀ କର୍ମକର୍ତା ମାନଙ୍କୁ ପୁଷ୍ପ ଗୁଛ, ଉତରୀୟ, ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା । ଜ଼ିଲ୍ଲା ସାମ୍ବାଦିକ ସଂଘ (ଏସ ୟୁ ଜେ)ର ସମସ୍ତ ସଦସ୍ୟ ମାନଙ୍କୁ ମୁଖ୍ୟ ଅତିଥି ପୁଷ୍ପ ଗୁଚ୍ଛ, ଉତରୀୟ, ସହିତ ସଂଘର ପରିଚୟ ପତ୍ର ପ୍ରଦାନ କରିଥିଲେ । ରାଜ୍ୟ ସାମ୍ବାଦିକ ସଂଘ ସଭାପତି କୈଳାସ ଚନ୍ଦ୍ର ନାୟକ କାର୍ଯ୍ୟରତ ସମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଉଦବୋଧନ ଦେଇଥିଲେ । ଶେଷରେ ଜ଼ିଲ୍ଲା ସାମ୍ବାଦିକ ସଂଘ(ଏସ ୟୁ ଜେ)ଜଗତସିଂହପୁର ପକ୍ଷରୁ ସମାଜରେ ଉଲେଖନୀୟ କାର୍ଯ୍ୟ ପାଇଁ ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ମଧୁସୂଦନ ସାହୁ, କ୍ରିଷ୍ଣା ଦତ, ସୋମ୍ୟ ରଞ୍ଜନ ନାୟକ ଙ୍କୁ ଜ଼ିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜ଼ିଲ୍ଲା ସାମ୍ବାଦିକ ସଂଘ (ଡି ୟୁ ଜେ)ର କାର୍ଯ୍ୟକାରୀ ସଭାପତି ତପନ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଜ଼ିଲ୍ଲାର ସମସ୍ତ ବ୍ଲକରୁ ଶତାଧିକ ସାମ୍ବାଦିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଗୋପାଳପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା, ୨୪/୦୩ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ମୋଟ ୧୮୦ଗୋଟି ଆପତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୨୯ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୪୮ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା । ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୦୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ମିଳିତ ଜନଶୁଣାଣି ଅବସରରେ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେହେରା, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ, ଉପ - ଜିଲ୍ଲାପାଳ, କିଶୋର କୁମାର ପଣ୍ଡା, ସ୍ଥାନୀୟ ସରପଂଚ, ତହସିଲଦାର, ବିଡ଼ିଓ, ସିଡି ଏମ୍ଓ, ରାଜଲକ୍ଷ୍ମୀ ପଟ୍ଟନାୟକ, ଡେପୁଟି କଲେକ୍ଟର ଆର୍ତତ୍ରାଣ ମଲିକ, ଆସିଷ୍ଟାଂଟ କଲେକ୍ଟର ଓ ଅନ୍ୟ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମାରୱାଡ଼ି ପରିବାର ତରଫରୁ ଜିଲ୍ଲାସ୍ତରୀୟ ହୋଲି ମିଳନ ସମାରୋହ

ଧର୍ମଗଡ଼, ୨୪/୦୩ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ଜଯପାଲ ସିଂହ ଫାର୍ମ ହାଉସ ଠାରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ପରିବାର ତରଫରୁ ହୋଲି ମିଳନ ସମାରୋହ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟ କ୍ରମରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ମଂଚର ଜିଲ୍ଲା ସଭାପତି ସୁବାସ ଚନ୍ଦ୍ର ଅଗ୍ରୱାଲ, ଦେବକ ଗୁପ୍ତା ଜୋନ୍ ଉପ-ନିର୍ବାଚନ ଅଧିକାରୀ, କିଶୋର ଅଗ୍ରୱାଲ ଜୋନ୍ ସମ୍ପାଦକ, ଲାଲଚାନ୍ଦ ଚୌଧୁରୀ ଜିଲ୍ଲା ସମ୍ପାଦକ, ରାଜ କୁମାର ଅଗ୍ରୱାଲ ଜିଲ୍ଲା କୋଷାଧ୍ୟକ୍ଷ, ନରେନ୍ଦ୍ର ଅଗ୍ରୱାଲ ଭବାନୀ ପାଟନା ଶାଖା ସଭାପତି, ହନୁମାନ ପ୍ରସାଦ ଅଗ୍ରୱାଲ ଅତିରିକ୍ତ ନିର୍ବାଚନ ଅଧିକାରୀ, ଶ୍ରବଣ ଅଗ୍ରୱାଲ ଆଡଭୋକେଟ୍ ଜିଲ୍ଲା ଉପ-ନିର୍ବାଚନ ଅଧିକାରୀ, ଜୟଭଗବାନ ଜୈନ୍ ଜିଲ୍ଲା ଉପ-ନିର୍ବାଚନ ଅଧିକାରୀ ଏବଂ ଲଳିତ ଅଗ୍ରୱାଲ ଜିଲ୍ଲା ଉପ-ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଜିଲ୍ଲା ସଭାପତି ସୁବାସ ଚନ୍ଦ୍ର ଅଗ୍ରୱାଲ ଏବଂ ଜୋନ୍ ରିପୋର୍ଟିଂ ଅଧିକାରୀ ସିଏ ଦେବକ ଗୁପ୍ତା ଏବଂ କିଶୋର ଅଗ୍ରୱାଲଙ୍କ ଦ୍ୱାରା ୨ ବର୍ଷ ପାଇଁ ଆରମ୍ଭ ହୋଇଛି । ଜିଲ୍ଲା କ୍ୟାସିୟର ରାଜ କୁମାର ଅଗ୍ରୱାଲ ଦ୍ୱାରା ହିସାବ ପ୍ରସ୍ତୁତ କରାଯାଇଛି ଏବଂ ଜିଲ୍ଲା କମିଟି ଦ୍ୱାରା ଅନୁମୋଦିତ ହୋଇଛି । ଗୋଲାମୁଣ୍ଡା ବ୍ଲକରୁ ଶ୍ୟାମ ସୁନ୍ଦର ଅଗ୍ରୱାଲ ଉପସ୍ଥିତ ଥିଲେ । ନିର୍ବାଚନ କମିଟି ଦ୍ୱାରା ସର୍ବସମ୍ମତିକ୍ରମେ ନିର୍ବାଚିତ ସୁବାସ ଚନ୍ଦ୍ର ଅଗ୍ରୱାଲ ଆଡଭୋକେଟ୍ ଭାବରେ ଜିଲ୍ଲା ସଭାପତି ଘୋଷଣା କରାଯାଇଥିବା ଫଳାଫଳ । ଏହି କାର୍ଯ୍ୟ କ୍ରମରେ ଖେଳ, କ୍ରୀଡା, କୁଇଜ୍ ଇତ୍ୟାଦି ପ୍ରତିଯୋଗିତା ଦେଖିବାକୁ ମିଳିଥିଲା ।

## କର୍ଲାପଡ଼ାକୁ ନୂତନ ବ୍ଲକ ଦାବି ନେଇ ରାଜସ୍ୱମନ୍ତ୍ରୀ ସୁରେଶ ପୂଝାରୀଙ୍କୁ ଦାବିପତ୍ର ପ୍ରଦାନ

କଳାହାଣ୍ଡି, ୨୪/୦୩ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ସଦର ମହକୁମା କର୍ଲାପଡା ଅଂଚଳକୁ ନେଇ ଏକ ବ୍ଲକ ଗଠନ କରିବା ନିମନ୍ତେ ଅଂଚଳ ବାସୀମାନଙ୍କ ପକ୍ଷରୁ ଆମର ମାଟି ଆମର ଦାବି ଯୁବ ସଂଗଠନ ଦ୍ୱାରା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଝାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । କର୍ଲାପଡା ଠାରେ ସଂପ୍ରସାରଣ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ଜିଲ୍ଲା ପ୍ରଶାସନକୁ ଅଂଚଳବାସୀ ଦାବି କରି ଆସୁଛନ୍ତି । ଭୌଗଳିକ ଦୃଷ୍ଟୀକୋଣରୁ ସ୍ଥାନୀୟ କର୍ଲାପଡା ଧନୁପଂଚାନ ଭୂଅର୍ଜନ ଭୀର୍ତିଭୂମି, ତେଲନଦୀ ଅବବାହିକା ଓ ଏହି ଅଂଚଳ କପା ଉତ୍ପାଦନ ନିମନ୍ତେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । କଳାହାଣ୍ଡି ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣ କ୍ୟାମ୍ପସ ନିମନ୍ତେ ଧନୁପଂଚାନ ଠାରେ ୯୭.୪୭ ଏକର ଜମି ରାଜସ୍ୱ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଛି । କର୍ଲାପଡା ଜିଲ୍ଲାପରିଷଦ ଜୋନ୍-୨ କର୍ଲାପଡା -୪୩୪୦, ଚହଗାଁ -୪୯୨୯ ଛେଲିଆମାଳ-୫୮୧୦, ପଜନା -୧୨୦୭୯, ପାଲସିଝରଣ - ୨୮୮୩ କଲମ -୫୮୭୧, କର୍ଲାଗୁଡା -୬୦୯୫ ଥୁଆପଦର-୭୪୭୨ । ସେହିଭଳି ଏହି ଅଂଚଳରେ ପ୍ରାୟ ୮ ଶହ ଏକର ଗୋଚର ଜମି ମଧ୍ୟ ରହିଛି । ତେଣୁ ଏହାକୁ ବ୍ଲକ ଘୋଷଣା କରାଗଲେ ଆଗାମୀ ଦିନରେ ଏହି ଅଂଚଳର ଉନ୍ନତି ହୋଇପାରିବ ବୋଲି ସଂଗଠନର ସଭାପତି ନୀଳାମ୍ବର ସାହୁ କହିଛନ୍ତି । ସମୟ ଆସିଲେ ଏହାର ବିଚାର କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଝାରୀ କହିଥିଲେ ।

## ସାମ୍ବାଦିକ ଓ ପୋଲିସ ମଧ୍ୟରେ କ୍ରିକେଟ ମ୍ୟାଚ, ଜିତିଲା ପୋଲିସ

ଟାଙ୍ଗୀ ଚୌଦ୍ୱାର, ୨୪/୦୩ (ଆ.ପ୍ର) : ଚୌଦ୍ୱାର ଥାନା ଓ ସ୍ଥାନୀୟ ସାମ୍ବାଦିକ ମାନଙ୍କ ମଧ୍ୟରେ ଅନୁଷ୍ଠିତ ଏକ ପ୍ରଦର୍ଶନୀ ରାତ୍ରି କ୍ରିକେଟ ମ୍ୟାଚରେ ଶେଷ ବଲରେ ରୋମାଂଚକର ଭାବେ ବିଜୟୀ ହୋଇଛି ଚୌଦ୍ୱାର ପୋଲିସ । ସ୍ଥାନୀୟ ଓଟିଏମ କଲୋନୀସ୍ଥିତ ଖେଳ ପଡିଆରେ ଚାଲିଥିବା ଗୋପବନ୍ଧୁ ପ୍ରିମିୟର ଲିଗ କ୍ରିକେଟ ଅବସରରେ ଅନୁଷ୍ଠିତ ଏହି ପ୍ରଦର୍ଶନୀ ମ୍ୟାଚରେ ସାମ୍ବାଦିକ ଏକାଦଶ ଅଧିନାୟକ ସତ୍ୟବ୍ରତ ଦାସ ଟସ ଜିଣି ପ୍ରଥମେ ବ୍ୟାଟିଙ୍ଗ ନିଷ୍ପତି ନେଇଥିଲେ । ଦଳର ସୁଶୀଲ ରାଉତଙ୍କ ବିସ୍ଫୋରକ ୫୨ ରନ ସହାୟତାରେ ଦଳ ନିର୍ଦ୍ଧାରିତ ୬ ଓଭରରେ ୩ ୱିକେଟ ହରାଇ ୯୧ ରନ

ସଂଗ୍ରହ କରିଥିଲା । ୯୨ ରନର ବିଜୟ ଲକ୍ଷ ପିଛା କରି ପୋଲିସ ଦଳ ଧିମା ଗତିରେ ଆରମ୍ଭ କରିଥିଲେ ମଧ୍ୟ ଶେଷ ଦୁଇ ଓଭରରେ ରୀତିକ ସାହୁଙ୍କ ତୁଫାନୀ ବ୍ୟାଟିଙ୍ଗ ବଳରେ ପୋଲିସ ଦଳ ଶେଷ ବଲରେ ରୋମାଂଚକର ଭାବେ ବିଜୟୀ ହାସଲ କରିଥିଲା । ମ୍ୟାଚ ବିଜୟୀ ଇନିଂସ ପାଇଁ ରୀତିକ ଶ୍ରେଷ୍ଠ ଖେଳାଳି ଓ ସାମ୍ବାଦିକ ଟିମର ସୁଶୀଲ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଂଜନ ସାହୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥଲେ । ପୋଲିସ ଟିମର ଅଧିନାୟକ ସୋମ୍ୟ ପାଣି ବିଜୟୀ ଟ୍ରଫି ଓ ସତ୍ୟବ୍ରତ ଦାସ ଉପ ବିଜେତା ଟ୍ରଫି ଗ୍ରହଣ କରିଥିଲେ । ଏହି ମ୍ୟାଚ ପୂର୍ବରୁ ବିଧାୟକ ସୌଭିକ ବିଶ୍ୱାଳ ଉପସ୍ଥିତ ରହି ଉଭୟ ଦଳ ଖେଳାଳି ମାନଙ୍କ ସହ ପରିଚିତ ହୋଇଥିଲେ ।

## ଡୁମେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ

ସିନାପାଲି, ୨୪/୦୩ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଘାଟମାଳ ସାଧନ କେନ୍ଦ୍ର ଅଧିନସ୍ଥ ଡୁମେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡୁମେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଦହନାପାଲି ବିଦ୍ୟାଳୟର ସହ ଶିକ୍ଷକ ଲୋକେନ୍ଦ୍ର ମାଝୀ ମଂଚ ପରିଚାଳନା କରି ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ମୁଖ୍ୟଅତିଥି ରୂପେ ସେଖରଚନ୍ଦ୍ର ବାଗ (ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଘାଟମାଳ, ମୁଖ୍ୟବକ୍ତା ଭାବେ ଶୁଶିଳ ମାଝୀ ପ୍ରଧାନ ଶିକ୍ଷକ ଗେଣ୍ଡୁଲପାଣି ପ୍ରାଥମିକ ବିଦ୍ୟାଳୟ ଓ ସମ୍ମାନିତ ଅତିଥି ଭାବେ ଭୁବନାନନ୍ଦ ମାଝୀ ପ୍ରଧାନ ଶିକ୍ଷକ ଭାନସିପଡା ପ୍ରାଥମିକ ବିଦ୍ୟାଳୟ, ବସନ୍ତ ହେର୍ଣ୍ଣା, କୋଦଣ୍ଡ ପାଣି ମାଝୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବିଳାସ ଚିନ୍ଦା, ସମିତି ସଭ୍ୟ ଶୁଶାନ୍ତ ଚିନ୍ଦା, ସିମା ଚିନ୍ଦା, ଆସାର୍କମି ଧନମତି ଚିନ୍ଦା, ଅଙ୍ଗନବାଡ଼ି କର୍ମୀ ଅଷ୍ଟମୀ ହଂସ ଓ ଗ୍ରାମର ସମସ୍ତ ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଂସ୍କୃତି ପରମ୍ପରାକୁ କଭଳି ବଜାୟ ରଖିବା ସେ ସଂପର୍କରେ ଆଲୋଚନା କରାଯାଇଥିବା ବେଳେ ୨୦୨୪ ୨୫ ଶିକ୍ଷାବର୍ଷ ର ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷୟତ୍ରୀ ରୁକ୍ମିଣୀ ମାଝୀ, ଶିକ୍ଷକ ଦେବସିଂ ମାଝୀ, ବିଶେଷ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ପରିଶେଷରେ ବସନ୍ତ ହେର୍ଣ୍ଣା ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାପନ କରିଥିଲେ ।

ସିଥୋ ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୫ ମାର୍ଚ୍ଚ, ୨୦୨୫ : ବାଲେଶ୍ୱର : ପୃଷ୍ଠା -୬

# ବିହାର, ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ମେଗା ଭିତିଭୂମି ପ୍ରକଳ୍ପଗୁଡ଼ିକର ସମୀକ୍ଷା କଲା ପିଏମଜି

ନୂଆଦିଲ୍ଲୀ, ୨୪/୦୩ (ପିଆଇବି) : ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି)ର ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍ (ପିଏମଜି) ବିହାର, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ପ୍ରମୁଖ ଭିତିଭୂମି ପ୍ରକଳ୍ପଗୁଡ଼ିକର ଏକ ସବିଶେଷ ସମୀକ୍ଷା କରିଛି । ପିଏମଜିର ଅଧିକାରୀମାନେ ୧୯ଟି ପ୍ରମୁଖ ପ୍ରକଳ୍ପର ୨୩ଟି ପ୍ରସଙ୍ଗ ଉପରେ ଯାଂଚ କରିଥିଲେ, ଯେଉଁଥିରେ ମୋଟ ୬୩,୮୫୮ କୋଟି ଟଙ୍କାରୁ ଅଧିକ ନିବେଶ ହୋଇଛି । ଏଥିରେ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ପାଂଚଟି ପ୍ରକଳ୍ପ ଅନ୍ତର୍ଭୁକ୍ତ, ବିଶେଷକରି ତିନୋଟି ରାଜ୍ୟର କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି) ହସ୍ପିଟାଲ ଉପରେ ଫୋକସ କରାଯାଇଥିଲା । ଏହି ହସ୍ପିଟାଲଗୁଡ଼ିକର ଉଦ୍ଦେଶ୍ୟ ହେଉଛି ବୀମାକୃତ ନାଗରିକ ଏବଂ ସେମାନଙ୍କ ପରିବାରକୁ ସ୍ୱତନ୍ତ୍ର ଚିକିତ୍ସା, ଔଷଧ ଏବଂ ହସ୍ପିଟାଲରେ ଭର୍ତ୍ତି ସମେତ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ସୁବିଧା ପ୍ରଦାନ କରିବା । ଏହା ସହିତ, ଇସ୍ପାତ, କୋଇଲା, ସଡ଼କ ପରିବହନ ଏବଂ ରାଜପଥ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍, ରେଳ ଏବଂ ଶକ୍ତି ମନ୍ତ୍ରଣାଳୟ ସହ ଜଡିତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା ଯାହାଦ୍ୱାରା ପ୍ରତିବନ୍ଧକଗୁଡ଼ିକୁ ଚିହ୍ନଟ କରି ଦୂର କରାଯାଇପାରିବ ଏବଂ ସେଗୁଡ଼ିକୁ ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରାଯାଇପାରିବ । ଉଲ୍ଲେଖନୀୟ, ବିହାରର ବକ୍ସର ଥର୍ମାଲ ପାୱାର ପ୍ଲାଂଟ (୧୩୨୦ ମେଗାୱାଟ) ପ୍ରକଳ୍ପ, ଯାହାର ଆନୁମାନିକ ମୂଲ୍ୟ ୧୦,୪୩୯.୦୯ କୋଟି ଟଙ୍କା, ସମୀକ୍ଷାର ମୁଖ୍ୟ କେନ୍ଦ୍ର ଥିଲା । ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା ପ୍ରବୀଣ ମାହାତୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର ଏବଂ ପ୍ରକଳ୍ପ ସମ୍ବନ୍ଧୀୟ ସଂସ୍ଥାଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ଚିହ୍ନଟ ଏବଂ ଆଲୋଚନା କରିଥିଲେ । ପ୍ରବୀଣ ମାହାତୋ ପ୍ରକଳ୍ପ ତଦାରଖ ପାଇଁ ସଂସ୍ଥାଗତ ଢାଂଚାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ ଏବଂ ପଡ଼ି ରହିଥିବା ସମସ୍ୟାଗୁଡ଼ିକର ସମାଧାନରେ ତତ୍ପରତା ଦେଖାଇବାକୁ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ । ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରକଳ୍ପ ମନିଟରିଂ ଗ୍ରୁପ୍ (ପିଏମଜି) ମେକାନିଜିମ୍ (https://pmg.dpiit.gov.in)କୁ ଉପଯୋଗ କରିବାରେ ସେ ଘରୋଇ ଅଂଶୀଦାରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ଉଲ୍ଲେଖନୀୟ ଯେ ଏହି ଭିତିଭୂମି ପ୍ରକଳ୍ପଗୁଡ଼ିକର ସମୟସୀମା ଏବଂ ଦକ୍ଷ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର, ରାଜ୍ୟ କର୍ତ୍ତୃପକ୍ଷ ଏବଂ ଘରୋଇ କ୍ଷେତ୍ର ମଧ୍ୟରେ ଉତ୍ତମ ସମନ୍ୱୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଡିପିଆଇଆଇଟି ଏହାର ପ୍ରକଳ୍ପ ମନିଟରିଂ ଗୋଷ୍ଠୀ ମାଧ୍ୟମରେ ଉଚ୍ଚ ପ୍ରଭାବଶାଳୀ ଭିତିଭୂମି ପ୍ରକଳ୍ପଗୁଡ଼ିକୁ ସହଜ କରିବା ଜାରି ରଖିବ । ଏହା ସେମାନଙ୍କର ସମୟସୀମା ସମାପ୍ତିକୁ ସୁନିଶ୍ଚିତ କରିବ ଏବଂ ଭାରତର ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ଦେବ ।

# ବରିଷ୍ଠ ନାଗରିକ ଆଇନଗତ ସଚେତନତା ଶିବିର

ଭୁବନେଶ୍ୱର, ୨୪/୦୩ (ଆ.ପ୍ର) : ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ସ୍ଥିତ ବରିଷ୍ଠ ନାଗରିକ ସଙ୍ଘ ଗୃହଠାରେ ବରିଷ୍ଠ ନାଗରିକ ଆଇନଗତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି କୃଷ୍ଣଚନ୍ଦ୍ର ସୁଆରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଆଇନ ଅଭିଯୋଗ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାରୀ ସ୍ତରରେ ମିଳୁଥିବା ବିଭିନ୍ନ ଆଇନଗତ ସୁବିଧା ସୁଯୋଗ ସମ୍ପର୍କରେ କହିବା ସହିତ ଆଇନଗତ ସମସ୍ୟାର ସମାଧାନ ଉପରେ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଡ. ମଧୁମାଧବ ଜେନା ବରିଷ୍ଠ ନାଗରିକ ମାନଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଡ. ନରେନ୍ଦ୍ର ବେହେରା ଯୋଗଦେଇ ସୁସ୍ଥ ନିରୋଗ ରହିବା ପାଇଁ ଯୋଗ ଓ ପ୍ରାଣାୟାମ କରିବା ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ଅଧିକ ବୟସ୍କ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଙ୍ଘର କର୍ମକର୍ତ୍ତା ପବିତ୍ର ମୋହନ ପରିଡ଼ା, କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ଓ ବଂଶୀଧର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ କଲୋନୀର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

# ପାଲା ମହୋତ୍ସବରେ ଜିଲ୍ଲାପାଳଙ୍କ ଦ୍ୱାରା ଗୁରୁଶ୍ରୀ ସୁବାସ ମଲ୍ଲିକ ସମ୍ବର୍ଦ୍ଧିତ

ଧାମନଗର, ୨୪/୦୩ (ଆ.ପ୍ର) : ପାଲା ଓଡ଼ିଶାର ଏକ ପ୍ରମୁଖ ଲୋକକଳା । କେଉଁ ଆବହମାନ କାଳରୁ ଓଡ଼ିଆ ସଂସ୍କୃତିର ବାର୍ତ୍ତାବହ ସାଜି ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ସହାୟକ ଭୂମିକା ଗ୍ରହଣ କରିଆସିଛି । ଓଡ଼ିଶାରେ ବହୁତ ଗୁଡିଏ ଅନୁଷ୍ଠାନ ଶହ ଶହ ବର୍ଷଧରି ପାଲା ପରିବେଷଣକୁ ବଞ୍ଚାଇ ରଖିଛନ୍ତି । ଧାମନଗର ବ୍ଲକର ଭଗବାନପୁର ଗ୍ରାମର ମା ବୁଢ଼ୀ ଜାଗୁଳାଇ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ବାଦିପାଲା ମଂଚ ଅନ୍ୟତମ । ଗତ ୨୨/୩ ଠାରୁ ଆରମ୍ଭ ହୋଇଥିବା ବେଳେ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦାନ କରି ଉକ୍ତ ପୁରାତନ ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ । ପରିଷଦର ସ୍ଥାୟୀ ସଭାପତି ସନ୍ତୋଷ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁ ସୁବାସ ମଲ୍ଲିକ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଧାମନଗର ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ ନାୟକ, ସ୍ଥାନୀୟ ସମିତି ସଭ୍ୟ ସୁଦୀପ୍ତ ଖଟୁଆ, ଭାରତ ବିଜୟ ଦଳାଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ଗୁରୁଶ୍ରୀ ସୁବାସ ମଲ୍ଲିକଙ୍କୁ 'ସଙ୍ଗୀତ ଜ୍ୟୋତି' ସମ୍ମାନରେ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା । ଏତଦ୍ ଭିନ୍ନ ଅନୁଷ୍ଠାନଟିକୁ ଗଢିତୋଳିବାରେ ସହାୟକ ଭୂମିକା ଗ୍ରହଣ କରିଥିବା କିଛି ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପଂଚାୟତର ଆଖପାଖ ଅଂଚଳରୁ ବହୁ ଲୋକମାନେ ଯୋଗ ଦେଇ ପାଲା ଉପଭୋଗ କରିଥିବା ବେଳେ ପରିଷଦର ସଂପାଦକ ସୋମନାଥ ଶଙ୍ଖୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ଇସ୍ପାତ କାରଖାନାରେ ୧୩ ଜଣ ନୂତନ ମ୍ୟାନେଜମେଣ୍ଟ ଟ୍ରେନିଙ୍କ ଯୋଗଦାନ

ରାଉରକେଲା, ୨୪/୦୩ (ଆ.ପ୍ର) : ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ବର୍ଷ ୨୦୨୫ ନିମନ୍ତେ ୧୩ ଜଣ ମ୍ୟାନେଜମେଂଟ ଟ୍ରେନି (ବୈଷୟିକ) (ଏମ ଟି ଟି)ଙ୍କ ଏକ ନୂତନ ବ୍ୟାଚ୍‌କୁ ସ୍ୱାଗତ କରାଯାଇଛି, ଯେଉଁମାନେ ଚଳିତ ବର୍ଷ ମାର୍ଚ୍ଚ ୨୨ ରେ ଭିଲାଇ ଇସ୍ପାତ କାରଖାନାରେ କେନ୍ଦ୍ରୀୟ ପ୍ରବେଶିକା ପ୍ରଶିକ୍ଷଣ ସମାପ୍ତ କରିବା ପରେ ଆର ଏସପି ରେ ଯୋଗ ଦେଇଛନ୍ତି । ଗେଟ ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇଥିବା ଏହି ନବ ନିଯୁକ୍ତ ଯୁବ ଇଞ୍ଜିନିୟରମାନେ ବିଭିନ୍ନ ବିଭାଗର ସେମାନଙ୍କର ବୈଷୟିକ ଏବଂ ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବା ପାଇଁ ସଂରଚିତ ତାଲିମ ପାଇବେ, ଯାହା ସେମାନଙ୍କୁ ସଂଗଠନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ପାଇଁ ପ୍ରସ୍ତୁତ କରିବ । ଏହି ପରିପ୍ରେକ୍ଷୀରେ ଆର ଏସ ପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱାଗତ ଅଧିବେଶନରେ ନବନିଯୁକ୍ତ ପରିଚାଳନା ପ୍ରଶିକ୍ଷାର୍ଥୀଙ୍କ ସହିତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଚ ଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏବଂ ଏଚ ଆର ଏଲ ଏଣ୍ଡ ଡି ବିଭାଗର ସିଜିଏମ ପିକେ ସାହୁ ଏବଂ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ଇଞ୍ଜିନିୟର ମାନଙ୍କୁ ସମ୍ବୋଧିତ କରି ଶ୍ରୀ ବର୍ମା ତାଙ୍କର ଅନ୍ତର୍ଦୃଷ୍ଟି ଏବଂ ବ୍ୟକ୍ତିଗତ ଅଭିଜ୍ଞତା ବ୍ୟକ୍ତ କରିବା ସହିତ ସେମାନଙ୍କୁ ଇସ୍ପାତ କ୍ଷେତ୍ରରେ ନବସୃଜନକୁ ଗ୍ରହଣ କରିବା ସହ ସଂଗଠନରେ ନୂତନ ଚିନ୍ତାଧାରା ସହିତ କାର୍ଯ୍ୟାରମ୍ଭ କରିବାକୁ ଉତ୍ସାହିତ କରିଥିଲେ । ସେ ସେମାନଙ୍କୁ ସେଲ ଭଳି ଏକ ମହାରତ୍ନ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥିବା ବିସ୍ତୃତ ସୁବିଧା ସୁଯୋଗର ସଦୁପଯୋଗ କରିବା ସଙ୍ଗେ ସଙ୍ଗେ କାରଖାନାର ଅଭିବୃଦ୍ଧିରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଶ୍ରୀ ମିଶ୍ର କର୍ମଚାରୀମାନଙ୍କୁ ପ୍ରଦାନ କରାଯାଇଥିବା ବିଭିନ୍ନ ସୁବିଧା ଏବଂ ସୁଯୋଗ ଯେପରିକି ଘର, ଚିକିତ୍ସା ସୁବିଧା ଏବଂ ଅନ୍ୟ ସାମାଜିକ ସୁରକ୍ଷା ଆଦି ପଦକ୍ଷେପ ଉପରେ ଆଲୋକପାତ କରିଥିଲେ, ଯାହା ସେମାନଙ୍କ ବୃତିଗତ କାର୍ଯ୍ୟ ଏବଂ ବ୍ୟକ୍ତିଗତ ବିକାଶ ଦିଗରେ ଏକ ଅନୁକୂଳ କାର୍ଯ୍ୟ ପରିବେଶକୁ ସୁନିଶ୍ଚିତ କରିବ । ଉଲ୍ଲେଖଯୋଗ୍ୟ ଯେ, ଏ ବର୍ଷର କାରଖାନା-ସ୍ତରୀୟ ପ୍ରବେଶିକା ତାଲିମରେ ଏକ ସଂରଚିତ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ହେବ ଯେଉଁଥିରେ ଏକ ମାସର ଶ୍ରେଣୀଗୃହ ଅଧିବେଶନ, ତା'ପରେ ଦୁଇ ମାସର କାରଖାନା ସମ୍ବନ୍ଧୀୟ ଜ୍ଞାନ ସହିତ ଅବଶିଷ୍ଟ ଅବଧି ସେମାନଙ୍କର ନିର୍ଦ୍ଦିଷ୍ଟ ବିଭାଗ ରେ ହ୍ୟାଣ୍ଡ୍ସ-ଅନ୍ ତାଲିମ ପାଇଁ ଉତ୍ସର୍ଗୀକୃତ ହେବ । ସମ୍ପୂର୍ଣ୍ଣ ତାଲିମ କାର୍ଯ୍ୟକ୍ରମକୁ ଆର ଏସ ପି ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଦ୍ୱାରା ସମନ୍ୱିତ କରାଯାଇଛି ।

# ଫଳକ ଭଙ୍ଗା ଘଟଣାରେ ବିଜେଡି ସମିତିସଭ୍ୟ ଓ ଦୁଇ ସହଯୋଗୀ ଗିରଫ

ଭଦ୍ରକ, ୨୪/୦୩ (ଆ.ପ୍ର) : ଦୁଇ ଦିନ ତଳେ ଅର୍ଥାତ ୨୨ ତାରିଖରେ ଭଦ୍ରକ ବ୍ଲକ ଅଧିନସ୍ଥ ଅଣ୍ଡେଇପଲ୍ଲୀ ଗ୍ରାମର ଥିବା ମିନତୀ ଦେବୀ ଉଚ୍ଚ ବାଳିକା ବିଦ୍ୟାଳୟ ଶ୍ରେଣୀ ଗୃହର ଶୁଭ ଭିତି ପ୍ରସ୍ତର ସ୍ଥାପନାର ଉନ୍ନତି ମୂଳକ କାର୍ଯ୍ୟର ଶୁଭ ଭିତି ପ୍ରସ୍ତର କାର୍ଯ୍ୟର ଫଳକ ଉନ୍ମୋଚନ କରିଥାନ୍ତେ ସ୍ଥାନୀୟ ବିଧାୟକ । ଯାହାର ଆନୁମାନିକ ମୂଲ୍ୟ ୩୫ ଲକ୍ଷ ଟଙ୍କା ଥିଲା । ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯିବା ପୂର୍ବରୁ ସ୍ଥାନୀୟ ବିଜେଡ଼ି ସରପଂଚ ଗୌରୀ ମଲ୍ଲିକ ଓ ସମିତି ସଭ୍ୟ ଦଶରଥ ସେଠୀ ଓ ତାଙ୍କ ସହଯୋଗୀ ମାନେ ମିଶି ଫଳକରେ ସରପଂଚଙ୍କ ନାମ ନଥିବା ନେଇ ଅଭିଯୋଗ କରି ଫଳକକୁ ଭାଙ୍ଗି ଦେଇଥିଲେ । ଯାହା ଫଳରେ ଆଇନକୁ ହାତକୁ ନେଇଥିଲେ ଏହି ଗ୍ରାମର ବିଜେଡ଼ି ସରପଂଚ ଓ ସମିତିସଭ୍ୟ ଓ ସ୍ଥାନୀୟ ବିଜେଡ଼ିର କିଛି କର୍ମୀ ମାନେ । ଏହି ଘଟଣା କୁ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଗ୍ରାମାଂଚଳ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଆଜି ଗ୍ରାମାଂଚଳ ପୋଲିସ ଫଳକ ଭଙ୍ଗା ଘଟଣାରେ ବିଜେଡ଼ି ସମିତି ସଭ୍ୟ ଦଶରଥ ସେଠୀ ଓ ତାଙ୍କ ଦୁଇ ସହଯୋଗୀ ମହେଶ୍ୱର ଜେନା ଓ ତପନ ବାରିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏହି ଫଳକ ଭାଙ୍ଗିବା ଘଟଣାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ବୋଲି ଗ୍ରାମାଂଚଳ ପୋଲିସ ସୂଚନା ଦେଇଛି.ଅନ୍ୟପଟେ ରାଜ୍ୟରେ ନୂତନ ସରକାର ଆସିବାର ୮ ମାସ ଭିତରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରୁଥିବାରୁ ତାହାକୁ ସହ୍ୟ କରି ପାରୁନାହାନ୍ତି ବିଜେଡ଼ି ଦଳ । ଯାହା ଫଳରେ ଏହିଭଳି ଫଳକ ଭାଙ୍ଗୁଛନ୍ତି । ଏହା ଏକ ନିନ୍ଦନୀୟ ଘଟଣା । ପୋଲିସ ଏ ବାବଦରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି ବିଜେପି ଦଳର ପୂର୍ବତନ ଜିଲ୍ଲା ଉପସଭାପତି ବିଦ୍ୟାଧର ସାହୁ କହିଛନ୍ତି ।

# ମହିଳା ସମିତି ଦ୍ୱାରା ବସ୍ତ୍ର ବଂଟନ

ଚନ୍ଦାହାଣ୍ଡି, ୨୪/୦୩ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ସଦର ଥିବା ମାଁ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣ ଠାରେ ଏକଲ ଅଭିଯାନ ନବରଙ୍ଗପୁର ଅଂଚଳ ସଂଚ ଚନ୍ଦାହାଣ୍ଡି ଠାରେ ମହିଳା ସମିତି ଦ୍ୱାରା ବସ୍ତ୍ର ବଂଟନ କାର୍ଯ୍ୟକ୍ରମ ହୋଇଯାଇଛି । ଉକ୍ତ ବସ୍ତ୍ର ବଂଟନ ବୈଠକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶ୍ରୀମତୀ ସରୋଜ ଜୈନ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆରଏସଏସ ଖଣ୍ଡ କାର୍ଯ୍ୟବାହୀ କଣ୍ଡେଶ୍ୱର ନାୟକ ଏକଲ ସଂଚ ପ୍ରମୁଖ ସୁବଳ ବାଘ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଦ୍ୱାରା ମହିଳାମାନଙ୍କୁ ବସ୍ତ୍ର ବଂଟନ କରାଯାଇଥିଲା.ଆଚାର୍ଯ୍ୟଆଚାର୍ଯ୍ୟା ମାନେ ଯୋଗଦେଇଥିଲେ । ହଳିତା ଗୌଡ଼, ସାବେତ୍ରୀ ଗୋପାଳ, ଦଣ୍ଡଧର ବାଘ, ନିର୍ମଳା ମାଝୀ, ନକୁଳ ମନଦ୍ଧିରା, ଯାଦୁରାମ ପାଣ୍ଡେ, ଖିଲନ୍ଦ୍ରି ମାଝୀ, ହୁରେନ ଗୌଡ଼, ନାରାୟଣ ମାଝୀ, ଟିକେରାମ ସୁନାନୀ, ଟିକିଶ୍ୱର ସୁନାନୀ, କ୍ଷିତୀରାମ ଗୋପାଳ, ଭୂମିସୁତା ପଟେଲ, ଯାଦବ ବିଶି, ବିଘ୍ନେଶ୍ୱର ପଟେଲ, ଭଗବାନ ନାୟକ, କେଦାରନାଥ ମାଝୀ, ସବିତା ହାତୀ, ପୁଷ୍ପାଞ୍ଜଳି ଖରସେଲ, ସୁମନି ସୋରି, ତୁଷାରକାନ୍ତି ବାଉ, କୁମୁଦ ମାଝୀ, ଦୁର୍ଯ୍ୟୋଧନ ମନଦ୍ଧିରା, ଆଚାର୍ଯ୍ୟ / ଆଚାର୍ଯ୍ୟା ମାନେ ଯୋଗଦେଇଥିଲେ ।

# ଦୁର୍ଗାପୁରରେ ଅନୁଷ୍ଠିତ ଏସପିଏସବି ଆନ୍ତଃ ଇସ୍ପାତ ଚେସ୍ ଚାମ୍ପିଅନସିପ୍ – ୨୦୨୫ରେ ଆର ଏସପି ଦଳର ଉଜ୍ଜ୍ୱଳ ଅର୍ଜନ



ରାଉରକେଲା, ୨୪/୦୩ (ଆ.ପ୍ର) : ଚଳିତ ବର୍ଷ ଦୁର୍ଗାପୁରର ଷ୍ଟିଲ୍ କ୍ଲବ୍‌ରେ ମାର୍ଚ୍ଚ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏସ ପି ଏସ ବି ଆନ୍ତଃ ଇସ୍ପାତ ଚେସ୍ ଚାମ୍ପିଅନସିପରେ ସେଲ ଆର ଏସପି ଚାମ୍ପିଅନ ଭାବରେ ଉଭା ହୋଇଛି । ଏହି ଟୁର୍ଣ୍ଣାମେଂଟଟି ଆଲୟ ଷ୍ଟିଲ୍ ପ୍ଲାଂଟ ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ଏଥିରେ ବୋକାରୋ ଷ୍ଟିଲ୍ ପ୍ଲାଂଟ, ଭିଲାଇ ଷ୍ଟିଲ୍ ପ୍ଲାଂଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଂଟ, ଆଲୟ ଷ୍ଟିଲ୍ ପ୍ଲାଂଟ, ଇସ୍କୋ, ବର୍ନପୁର, ସାଲେମ୍ ଷ୍ଟିଲ୍ ପ୍ଲାଂଟ, ଆରଆଇଏନଏଲ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଂଟ ଅଂଶଗ୍ରହଣ କରିଥିଲେ । ଏହି ଚାମ୍ପିଅନସିପ୍ ରାଉଣ୍ଡ ରବିନ୍ ଲିଗ୍ ଫର୍ମାଟ୍ ଅନୁସରଣ କରିଥିଲା, ଯେଉଁଠାରେ ପ୍ରତ୍ୟେକ ଦଳ ଅନ୍ୟ ସମସ୍ତ ଦଳ ସହିତ ପ୍ରତିଯୋଗିତା କରିଥିଲା । ଆର ଏସପି ଦଳ ପକ୍ଷରୁ ଟିଏଣ୍ଡଆର ଏମ ବିଭାଗର ସିନିୟର ମ୍ୟାନେଜର ବିନାୟକ ଜେନା, କୋକ ଓଭେନ ବିଭାଗର ସିନିୟର ଟେକ୍ନିସିଆନ୍, ଏନଏନ ବେହେରା, ଏସ ଏମ ଏସ -୨ ବିଭାଗର ଏମ ଓ ଏମଟି ଗୋବର୍ଦ୍ଧନ ବେହେରା, ପ୍ଲେଟ ମିଲ ବିଭାଗର ଏମଓଏମଟି, ଆଇସି ଭୂୟାଁ, ଏବଂ ଏଫଏମଏମ ବିଭାଗର ମାଷ୍ଟର୍ ଟେକ୍ନିସିଆନ୍, ଏସକେ ନାୟକ, ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ । ଆର ଏସପି ଟିମ ସହିତ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ମାଷ୍ଟର୍ ଟେକ୍ନିସିଆନ୍ କୋଚ ତଥା ଖେଳ ମ୍ୟାନେଜର ପିସି ସାହୁ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ, ଟୁର୍ଣ୍ଣାମେଂଟରେ ସ୍ଥିରତା ଏବଂ ଦକ୍ଷତା ପ୍ରଦର୍ଶନ ପୂର୍ବକ ଟିମ୍ ଆର ଏସ ପି ପ୍ରଥମ ରାଉଣ୍ଡରୁ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲା । ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ସହିତ ଶେଷ ରାଉଣ୍ଡରେ ଦୁର୍ଗାପୁର ଷ୍ଟିଲ୍ ପ୍ଲାଂଟ ଉପରେ ନିର୍ଣ୍ଣାୟକ ବିଜୟ ହାସଲ କରି ଚାମ୍ପିଅନସିପ୍ ଟାଇଟଲ ହାସଲ କରିଥିଲା । ଏଥିରେ ଦୁର୍ଗାପୁର ଷ୍ଟିଲ୍ ପ୍ଲାଂଟକୁ ରନର୍ସ-ଅପ୍ ଘୋଷଣା କରାଯାଇଥିଲା । ଏଥିସହିତ ବିନାୟକ ଜେନା, ଗୋବର୍ଦ୍ଧନ ବେହେରା ଏବଂ ଏନ ଏନ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବୋର୍ଡରେ ବ୍ୟକ୍ତିଗତ ବୋର୍ଡ ପୁରସ୍କାର ପାଇଥିଲେ । ପରିଶେଷରେ ପୁରସ୍କାର ବିତରଣ ସମାରୋହରେ ଏ ଏସ ପିର ନିର୍ବାହୀ ନିର୍ଦ୍ଦେଶକ ଏସ ସୁବରାଜ, ଅଧ୍ୟକ୍ଷତା କରିବା ସହିତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଟ୍ରଫି ପ୍ରଦାନ କରିଥିଲେ ।

# ନୂଆପଡା କୋମନା ବ୍ଲକ୍‌ରେ ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ଯୋଗଦାନ

ନୂଆପଡା, ୨୪/୦୩ (ଆ.ପ୍ର) : ନୂଆପଡା ଜିଲ୍ଲା କୋମନା ବ୍ଲକ୍ ସୁଆବାହାଲ ଗ୍ରାମରେ ଆଜି ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୁଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଖରିଆର ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବିଡ଼ିଓ ବିନୟ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ । ନବଜାତକ ଶିଶୁ କନ୍ୟା ଦେବିକା, ପିତାମାତା କ୍ଷମା ସାଗର ଦାସ ଓ କ୍ଷିରମତୀ ଦାସ ଘରକୁ ଜିଲ୍ଲାପାଳ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ସହିତ ଯାଇ ନବ ଜାତକକୁ କୋଳରେ ଧରି ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କନ୍ୟାର ବାପା ମାଙ୍କୁ ଉପହାର ପ୍ରଦାନ କରି ସେମାନଙ୍କ ଦ୍ୱାରା ନୂତନ ବୃକ୍ଷ ରୋପଣ କରାଇଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଲେଯେ ଝିଅର ନାଁ ଦେବିକା ହେଲେ ରୋପିଥିବା ଆମ୍ବଗଛର ନାମ ରାଧିକା ହେବ । ସମାଜରେ ଉଭୟ ଝିଅ ଏବଂ ଗଛର ବହୁତ ଆବଶ୍ୟକତା ଅଛି । ଏହି ସୁନ୍ଦର ଯୋଜନାରେ ଝିଅଙ୍କ ସହ ଗଛର ମଧ୍ୟ ସଂଖ୍ୟା ବୃଦ୍ଧି ହେବ । ଏହାଦ୍ୱାରା ସମାଜର କଲ୍ୟାଣ ସାଧିତ ହେବା ସହ ପରିବେଶର ସନ୍ତୁଳନ ରକ୍ଷା ହେବ । ଆମେ ସମସ୍ତେ ଜଣେ ଜଣେ ଗଛ ମଣିଷ ହେବା । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଗର୍ଭବତୀ ମହିଳା ଲକ୍ଷ୍ମୀ ଦାଶଙ୍କୁ ଜିଲ୍ଲାପାଳ ଏହି ସମାରୋହରେ ଫଳମୂଳ, ପନିପରିବା, ପୁଷ୍ଟିକର ମାଣ୍ଡିଆ ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ । ସଭାରେ କୁନି କୁନି ଝିଅ ମାନେ ସୁନ୍ଦର ନୃତ୍ୟ ସଂଗୀତ ପରିବେଷଣ କରିଥିଲେ । ଆଜିର ଏହି ନିଆରା କାର୍ଯ୍ୟକ୍ରମ ପାଇଁ ସୁଆବାହାଲ ଗାଁ ଆନନ୍ଦ ମୁଖର ହୋଇ ଉଠିଥିଲା । ଏହାକୁ କୋମନା ବିଡ଼ିଓ ବିନୟ କୁମାର ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, କୋମନା ସିଡିପିଓ ବିମଳିନୀ ପ୍ରଧାନ ପ୍ରମୁଖ ଅୟୋଜନ କରିଥିଲେ ।

# କାମରେ ଆସୁ ନାହିଁ ଅଳିଆ ଆବର୍ଜନା କୁଣ୍ଡ



ଭବାନୀପାଟଣା, ୨୪/୦୩ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ କାମଠନା ଗ୍ରାମ ପଂଚାୟତ ଅଧୀନ ବୋରଭଟା ଗ୍ରାମରେ ନିର୍ମିତ ଅଳିଆ ଆବର୍ଜନା କୁଣ୍ଡ ଗ୍ରାମବାସୀଙ୍କ କାମରେ ଆସୁ ନାହିଁ, ଲୋକଙ୍କ ଘରୁ ପ୍ରତିଦିନ ବାହାରୁ ଥିବା ଅଳିଆ ଆବର୍ଜନାକୁ ଲୋକେ ଏଣେ ତେଣେ ନ ପକେଇ ସରକାରଙ୍କ ତରଫରୁ ନିର୍ମିତ ଅଳିଆ ଆବର୍ଜନା କୁଣ୍ଡରେ ପକେଇବା ପାଇଁ ଓ ପରିବେଶକୁ ସ୍ୱଚ୍ଛ ନିର୍ମଳ କରିବା ପାଇଁ କିନ୍ତୁ ପରିତାପର ବିଷୟ ବୋର୍ ଭଟା ଗ୍ରାମରେ ଦୁଇ ଗୋଟି ଅଳିଆ ପକେଇବା କୁଣ୍ଡ ତିଆରି କରାଯାଇଛି । ଗୋଟାଏ ଅଙ୍ଗନୱାଡ଼ି କେନ୍ଦ୍ର ଆଗରେ ଆଉ ଗୋଟିଏ ଗାଁରୁ ଦେଢ କିଲୋମିଟର ଯାଗାରେ ଯାହାକି ଦୁଇ ଗୋଟି ଆବର୍ଜନା କୁଣ୍ଡ ଲୋକଙ୍କ ବ୍ୟବହାରରେ ଆସୁ ନାହିଁ ତଥା କୁଣ୍ଡ ଫାଟି ଆଁ କଲାଣି । ଗ୍ରାମବାସୀଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ ନ କରି ଠିକା ନେଇଥିବା ସଂସ୍ଥା ମନମୁଖୀ କାର୍ଯ୍ୟ କରିଥିବାରୁ ଗ୍ରାମବାସୀଙ୍କ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ବିରୁଦ୍ଧରେ ଥାନାରେ ଅଭିଯୋଗ, ସୁଧାଂଶୁ ଶେଖର ରାଉତଙ୍କୁ ଗିରଫ ଦାବି

ଧାମନଗର, ୨୪/୦୩ (ଆ.ପ୍ର) : ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ବିରୁଦ୍ଧରେ ଧାମନଗର ବିଜୁ ଯୁବ ଜନତା ଦଳ ତରଫରୁ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଖବରଦାତା ସୁଧାଂଶୁ ଶେଖର ରାଉତଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦଳ ପକ୍ଷରୁ ଦାବି କରିଛନ୍ତି । ପ୍ରକାଶ ଥାଉକି ଚଳିତ ମାସ ତଥା ଗତ ୨୦/୦୩/୨୫ ତାରିଖ ପଖାଳ ଦିବସ ଉପଲକ୍ଷେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଖାଳ ଖାଇବାର ଏକ ଭିଡ଼ିଓ ପୋଷ୍ଟ କରିଥିଲେ । କିନ୍ତୁ ଏଥିପ୍ରତି ଅସହିଷ୍ଣୁ ମନୋଭାବ ନେଇ ଫୋକସ୍ ପ୍ଲସ ନାମକ ଏକ ଗଣମାଧ୍ୟମରେ ନିଜକୁ ସାମ୍ବାଦିକ ବୋଲାଉଥିବା ସୁଧାଂଶୁ ଶେଖର ରାଉତ, ସା/ପୋଷ୍ଟ - ମଙ୍ଗଳପୁର, ଜିଲ୍ଲା- ଯାଜପୁର, ଅତ୍ୟନ୍ତ କଟୁ ଓ ଅଶାଳୀନ ମନ୍ତବ୍ୟ ଦେଇ ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତି ଉଦ୍ଦେଶ୍ୟ ମୂଳକ ଭାବେ ଅପମାନିତ କରିଛନ୍ତି । ସେତାଙ୍କ ଗଣମାଧ୍ୟମ ଜରିଆରେ କହିଛନ୍ତି 'ନବୀନ ପଟ୍ଟନାୟକଙ୍କ ବାପା ଚୌଦ ପୁରୁଷରେ କେହି ପଖାଳ ଖାଇ ନାହାନ୍ତି 'ଓଡ଼ିଶାର ବ ର ପ_ତ_, ମ ହ । ନ ଜନନାୟକ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ଏପ୍ରକାର କଟୁ ମନ୍ତବ୍ୟରେ ଆମେ ମର୍ମାହତ ଏବଂ ଏଭଳି ଘଟଣା ସାରା ଓଡ଼ିଶାର କୋଟି କୋଟି ଯୁବକଙ୍କ ମନରେ ଆଘାତ ଦେଇଛି । ବିଜୁ ପଟ୍ଟନାୟକ କେବଳ ଏକ ନାମ ନୁହେଁ ସେ ସମଗ୍ର ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର ତାଙ୍କ ପ୍ରତି ଅପମାନକୁ ଏ ଓଡ଼ିଆ ଜାତି କଦାପି ସହ୍ୟ କରି ପାରିବ ନାହିଁ । ତେଣୁ ଆମେ ଆପଣଙ୍କୁ ଲିଖିତ ଅଭିଯୋଗ କରୁଅଛୁ କି ଉକ୍ତ ଅଭଦ୍ର ଖବର ଦାତା ସୁଧାଂଶୁ ଶେଖର ରାଉତଙ୍କୁ ଗିରଫ କରି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଫୋକସ ପ୍ଲସ ନାମକ ଗଣମାଧ୍ୟମ ଯାହାଦ୍ୱାରା ବାରମ୍ବାର ମିଥ୍ୟା ଖବର ପ୍ରସାରିତ ହୋଇ ଓଡିଶାରେ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଅଛି । ସେହିଭଳି ଗଣମାଧ୍ୟମକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ଭାରତ ବିଜୟ ଦଳାଇଙ୍କ ନେତୃତ୍ୱରେ ସମିତି ସଭ୍ୟ ସୁଦୀପ୍ତ ଖଟୁଆ, ସୂର୍ଯ୍ୟ କାନ୍ତ ନାୟକ, ନଗର ସଭାପତି ସୁଶାନ୍ତ କୁମାର ରାଉତ, ବିଜେଡି ସୋସିଆଲ ମିଡିଆ ବ୍ଲକ ସଂଯୋଜକ ଜ୍ୟୋତି ପ୍ରକାଶ ସାମଲ, ଯୁବ ନେତା ରଞ୍ଜନ କୁମାର ଦାସ, କୃଷ୍ଣ ଚନ୍ଦ୍ର ପତି, ସତ୍ୟ ପ୍ରକାଶ ନାୟକ, ଲଳଟ ପ୍ରଧାନ, ବିରଂଚି ମହାଳିକ, ସୁଶାନ୍ତ କୁମାର ନାୟକ, ତପ୍ତଦର୍ଶୀ ମହାନ୍ତି, ଦ୍ୱାରିକା ନାଥ, ସୈନ୍ୟ ରଞ୍ଜନ ପ୍ରଧାନଙ୍କ ସମେତ ବହୁ ଯୁବ ଛାତ୍ର ପ୍ରମୁଖ ଉପସ୍ଥିତ ରହି ଆଇଆଇସି ଗୋପାଳ କୃଷ୍ଣ ଜେନାଙ୍କୁ ଉକ୍ତ ଖବରଦାତାଙ୍କ ବିରୋଧରେ ଲିଖିତ ଅଭିଯୋଗ ସହ ଗିରଫ କରିବା ପାଇଁ ଦାବି କରିଛନ୍ତି । ଅଭିଯୋଗ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶ୍ରୀ ଜେନା ପ୍ରତିଶ୍ରୁତି ଦେଇଛନ୍ତି ।

## କାଠି ଲଉଡିରେ କମ୍ପିଲା ଜଗତସିଂହପୁର ସହର

ଜଗତସିଂହପୁର, ୨୪/୦୩ (ଆ.ପ୍ର) : ଆମ ଅଧିକାର ପ୍ରତି ଆମେ ସଚେତନ ହେବା ଆବଶ୍ୟକ । ଏଥିପାଇଁ ଆମକୁ ସଙ୍ଗଠିତ ହେବାକୁ ପଡିବ । ମୋଟ ଜନସଂଖ୍ୟାର ପାଖାପାଖି କୋଡ଼ିଏ ପ୍ରତିଶତ ଯାଦବ ଓଡ଼ିଶାରେ ବସବାସ କରନ୍ତି । ଜଗତସିଂହପୁର ଜିଲ୍ଲାରେ ମଧ୍ୟ ଆମର ସଂଖ୍ୟା ଅନ୍ୟମାନଙ୍କ ତୁଳନାରେ ସର୍ବାଧିକ । ତେଣୁ ଆମକୁ ଏବେ ଏକାଠି ହେବାର ସମୟ ଆସିଛି ବୋଲି ରବିବାର ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଯାଦବ ସମାବେଶ ଓ ଲଉଡ଼ି ମହୋତ୍ସବରେ ଅତିଥି ମାନେ ମତପ୍ରକାଶ କରିଛନ୍ତି । ଏହି ଅବସରରେ ଆୟୋଜିତ ସଭାରେ ଜଗତସିଂହପୁର ଜିଲ୍ଲା ଯୁବ ଯାଦବ ମହାସଭାର ସଭାପତି ଆଇନଜୀବି ନରେଶ ଦାସ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଯାଦବ ନେତା ଚିତରଞ୍ଜନ କଂସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଲୋକ କ୍ରାନ୍ତି ଅଭିଯାନର ଆବାହକ ଗୋବିନ୍ଦ ଯାଦବ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିବା ଯାଦବ ନେତା ଅଶ୍ୱିନୀ ଦାସ, ପାଣ୍ଡବ କୁମାର ପ୍ରଧାନ, ପ୍ରସାଦ ଦାସ, ରବିନ୍ଦ୍ର ଦାସ ଓ ଉତ୍କଳ ଯାଦବ ମହାସଭାର କର୍ମକର୍ତ୍ତା ତୀର୍ଥବାସୀ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥି ମାନେ ଜାତିଭିତ୍ତିକ ଜନଗଣନା ପ୍ରସଙ୍ଗ ସହିତ ଜଗତସିଂହପୁର ଜିଲ୍ଲାରେ ଗୋଚର ଜମିର ସୁରକ୍ଷା ଓ ଗୋପାଳକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ଏହାର ସମାଧାନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାପାଇଁ ମତ ଦେଇଥିଲେ । ଯୁବ ଯାଦବ ମହାସଭାର ସଂପାଦକ ସୁକାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଂଚଳର ଯାଦବ ଜନପ୍ରତିନିଧି ମାନଙ୍କ ସହିତ ବରିଷ୍ଠ ଯାଦ୍ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବାହ୍ନରେ ଏକ ବିଶାଳ ଶୋଭାଯାତ୍ରା କଲେଜ ଛକରୁ ବାହାରି ସଂସ୍କୃତି ଭବନରେ ପହଂଚିଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଯାଦବ ଭାଇମାନଙ୍କ ସହିତ ପାଖାପାଖି ୨୦ଟି କାଠିଲଉଡି ଦଳ ଅଂଶଗ୍ରହଣ କରିଥିଲେ । ନରେଶ ଦାସଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ସୁବାଷ ବେହେରା, ସୁକାନ୍ତ ଦାସ,ପ୍ରଣବ ଦାସ, ଆଶିଷ ମାଣିଆ, ରଶ୍ମିରଞ୍ଜନ ଦାସ, ଅକ୍ଷୟ ଦାସ, ହାପିନା ଦାସ, ସୁନୀଲ୍ ମାଟିଆ, ସୁନୀଲ୍ ଦାସ୍, ଭାଗୀରଥି ଦାସ,ପ୍ରଭାକର ଦାସ, ବସନ୍ତ ଦାସ, କମଳାକାନ୍ତ ପରିଡ଼ା, ଆଶୁତୋଷ ଦାସ, ବାବୁଲି ବେହେରା, ଅଜୟ କାଠୁଆ, ରବୀନ୍ଦ୍ର ସେନାପତି, ଧର୍ମାନନ୍ଦ ଦାସ, ବାବାଜୀ ଚରଣ ଦାସ, ସଞ୍ଜୁ ଦାସ, ମନୋଜ ଦାସ, ଲକ୍ଷ୍ମୀଧର ଦାସ, ଦିଲ୍ଲୀପ ମହାକୁଡ଼, ଲୋକନାଥ ଦାସ, କମଳଲୋଚନ ଦାସ, ଦିଲ୍ଲିପ ଦାସ, ଓମ୍ ପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଆଜିର ବୈଠକ ପରେ ଲଉଡି ମହୋତ୍ସବ ଚିତାକର୍ଷକ ଥିଲା । ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ୧୭ ଟି କାଠି ଲଉଡି ଦଳ ସେମାନଙ୍କର କାଠି ଲଉଡି ଖେଳ ମାଧ୍ୟମରେ ଦର୍ଶକ ମାନଙ୍କୁ ମନୋରଞ୍ଜନ ଯୋଗାଇ ଥିଲେ ।

## ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା ଏବଂ ଆନ୍ତର୍ଜାତୀକ ସମବାୟ ବର୍ଷ ୨୫ ଅନୁଷ୍ଠିତ

ଜି.ଉଦୟଗିରି, ୨୪/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଲ୍ୟାମ୍ପ ସମବାୟ ସମିତି ଲିଃ ରେ ଚଳିତ ବର୍ଷ ବାର୍ଷିକ ସାଧାରଣ ସଭା ଓ ଅନ୍ତର୍ଜାତୀକ ସମବାୟ ବର୍ଷ ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ କାର୍ଯ୍ୟକ୍ରମରେ ଅଧିକାରୀ ସୁମନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଫୁଲବାଣୀ ଲ୍ୟାମ୍ପ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭୀମସେନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୁଦୃଢ଼ ସମାଜ ଗଠନରେ ସମବାୟ କାର୍ଯ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି କହିବା ସହ ଅଂଚଳ ବାସୀଙ୍କ ଉନ୍ନତି କାମନା କରିଥିଲେ ଓ ଲ୍ୟାମ୍ପ ସଭାପତି ଜମେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାନେତ୍ରୀ ଯଶୋଦା ପ୍ରଧାନ, କିଶୋରଚନ୍ଦ୍ର ନାୟକ, ସଚ୍ଚିଦାନନ୍ଦ ପ୍ରଧାନ, ବାକିରାମ ନାୟକ, ବିବେକା ନନ୍ଦ ପ୍ରଧାନ, ଯଶିତ କୁମାର ପ୍ରଧାନ, ଦ୍ୱିଜେନ୍ଦ୍ର ନାଥ ପ୍ରଧାନ ମାୟାବନ୍ଧୁ ପ୍ରଧାନ ପ୍ରମୁଖ ମଂଚାସିନ ଅତିଥି ଭାବେ ଯୋଗ ଦେଇଥିଲେ ଓ ଆନ୍ତର୍ଜାତିକ ସମବାୟ ବର୍ଷ ଅବସରରେ ହେଉଥିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ସମବାୟ ମାଧ୍ୟମରେ ମହିଳା ସଶକ୍ତିକରଣ, ସଶକ୍ତ ସମବାୟ, ସୁଦୃଢ଼ ସମାଜ, ଅଂଚଳ ବାସିଙ୍କ ସମୃଦ୍ଧ ଜୀବନ ଇତ୍ୟାଦି ଓ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଲ୍ୟାମ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶିଶିର କାନ୍ତ ତ୍ରିପାଠୀ ମଂଚ ପରିଚାଳନା କରି ସଭାରେ ଉପସ୍ଥିତ ଥିବା ଅଂଚଳବାସୀଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ବୁଥସ୍ତରୀୟ ଏଜେଂଟ ନିଯୁକ୍ତି ନେଇ ରାଜନୈତିକ ଦଳମାନଙ୍କ ସହିତ ବୈଠକ

ଯାଜପୁର, ୨୪/୦୩ (ଆ.ପ୍ର) : ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତ୍ୟେକ ଦଳ ଦ୍ୱାରା ପ୍ରତି ବୁଥରେ ବୁଥ ସ୍ତରୀୟ ଏଜେଂଟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି । ଯାଜପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏଥି ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ୨୧ ତାରିଖରେ ରାଜନୈତିକ ଦଳମାନଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ନିର୍ବାଚନରେ ସ୍ୱଚ୍ଛତା ପାଇଁ ନିର୍ଭୁଲ ଭୋଟର ତାଲିକାର ଭୂମିକା ବିଷୟରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଲୋକପାତ କରିଥିଲେ । ଜିଲ୍ଲାର ପ୍ରତି ବୁଥରେ ରାଜନୈତିକ ଦଳଙ୍କ ଦ୍ୱାରା ବିଏଲଏ ନିଯୁକ୍ତି କରିବା ପ୍ରକ୍ରିୟା ନେଇ ଫର୍ମ ୧ ଓ ଫର୍ମ ୨ ବିଷୟରେ ଜିଲ୍ଲାପାଳ ଶ୍ରୀମତୀ ରେଡ୍ଡୀ ବୁଝାଇଥିଲେ । ଭୋଟର ତାଲିକାରେ ଯୋଗ, ବିୟୋଗ, ସଂଶୋଧନ, ସ୍ଥାନାନ୍ତର ଆଦି ପାଇଁ ବିଏଲଏ ମାନେ ବିଏଲଓ ମାନଙ୍କ ସହ ମିଶି କାର୍ଯ୍ୟ କରିବା ଉପରେ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ବୁଝାଇ ଦିଆଯାଇଥିଲା । କାର୍ଯ୍ୟକ୍ରମର ସଂଯୋଜକ ଡେପୁଟି କଲେକ୍ଟର ତଥା ନିର୍ବାଚନ ଶାଖା ଅଧିକାରୀ ଶ୍ରୀମତୀ ଦିପ୍ତିମୟୀ ବେହେରା ବୈଠକର ଆଭିମୁଖ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରି ବୈଠକର ଉପସ୍ଥିତ ସମସ୍ତ ଦଳୀୟ କର୍ମକର୍ତ୍ତା ମାନଙ୍କୁ ନିର୍ଦ୍ଧାରିତ ଫର୍ମ ଯୋଗାଇ ଦେଇଥିଲେ । ନିର୍ବାଚନ କମିଶନ ଓ ଭାରତର ଏକକ ପରିଚୟ ପତ୍ର ପ୍ରକରଣ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସହମତି କ୍ରମେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ କରାଯିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା । ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଆଗାମୀ ୧୫ ଦିନ ମଧ୍ୟରେ ବିଏଲଏ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ନବକିଶ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ, ଉପ ଜିଲ୍ଲାପାଳ ଶ୍ରୀ ଲମ୍ବୋଦର ଖୁଂଟିଆ, ସମସ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଡେପୁଟି କଲେକ୍ଟର ପ୍ରମୁଖ ବୈଠକରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଦୁର୍ଯ୍ୟୋଧନ ବେହେରା, ଭାରତୀୟ ଜନତା ପାର୍ଟି ର କଳିଙ୍ଗ କେଶରୀ ମହାନ୍ତି, ବିଜୁ ଜନତା ଦଳ ତରଫରୁ ସରୋଜ କୁମାର ମହାପାତ୍ର, ଆପ ତରଫରୁ ପୁଲିନ୍ ବିହାରୀ ଖୁଂଟିଆ, ବିଏସପି ତରଫରୁ ଅକ୍ଷୟ କୁମାର ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଧୋଡ୍ରା ଠାରେ ୩୩/ ୧୧ କେଭି ପ୍ରାଥମିକ ସବ ଷ୍ଟେସନ ଶୁଭ ଉଦଘାଟନ

ଝରୀଗାଁ, ୨୪/୦୩ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଧଡ୍ରା ଟାରେ ଓଡିଶା ସରକାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଝରିଗାଁ ବିଧାୟକ ନରସିଂହ ଭତରା ଓ ନବରଙ୍ଗ ପୁର ଜିଲ୍ଲା ପାଳ ଯୋଗଦେଇ ୩୩/୧୧ କେଭି ପ୍ରାଥମିକ ସବ ଷ୍ଟେସନ ଶୁଭ ଉଦଘାଟନ କାରିଥିଲେଫ ଟାଟାପଓ୍ୱାର ଓ ଓଡିଶା ସରକାରଙ୍କ(ଓଡିଏସଏସ ପି) ପକ୍ଷରୁ ନୂତନ ପ୍ରାଇମେରୀ ସବ ଷ୍ଟେସନ(ପିଏସଏସ )କାର୍ଯ୍ୟକର୍ମ ହଇଛି ଓ ୩୩/୧୧ କେଭି କେମତା ବିଶିଷ୍ଟ ଟ୍ରାନସୋରମର ଥିବା ଏହି ସବ ଷ୍ଟେସନ କାର୍ଯ୍ୟକର୍ମ ହେବା ପରେ ବର୍ତ୍ତମାନ ଝରୀଗାଁ ଓ ଉମରକୋଟ ପିଏସଏସ ଉପରେ ଥିବା ଲୋଡ଼ ହ୍ରାସ ପାଇବା ଫଳରେ ୧୨୦୦୦ ଉର୍ଦ୍ଧ ଉପଭୋକ୍ତାଓ ଗୁଣାତମକ ବିଜୁଳି ସେବା ପାଇ ପାରିବେ ବୋଲି ଜଣା ପଡୁଛି ଝରୀଗାଁ ବ୍ଲକ ଧଡ୍ରା, କିଣ୍ଡା, ବୋକଡାବେଡା, ଛାତିଗୁଡା, କାନାକୋଟ, ଡ଼ଙ୍ଗରିଗୁଡା ଓ ଉମରକୋଟ ବ୍ଲକର ବଡ଼ଭରଣ୍ଡୀ, କାରଓଗାଁ, ମୁଣ୍ଡି ଗୁଡା, ଭଣ୍ଡାରୀ ଗୁଡା ପଂଚାୟତବାସୀ ଭୋଲଟେଜ ସମସ୍ୟା ଦୂର ହେବା ସହ ଘରୋଇ ଉପଭୋକ୍ତା, ବ୍ୟବସାଇ, ଚାଷୀ ଅନ୍ୟାନ୍ୟ ଗୁରୁତ୍ୱ ପୂର୍ଣ୍ଣ ଅନୁଷ୍ଠାନକୁ ଭରସା ଯୋଗ୍ୟ ଏବଂ ଉର୍ନତ ମାନର ବିଜୁଳି ଯୋଗାନ ସମ୍ଭବ ହଇ ପାରିଛି ଏହିଁ କାର୍ଯ୍ୟକର୍ମରେ ମନ୍ତ୍ରୀ ପ୍ରତିନିଧି ଅଶକ ପାଢ଼ୀ, ସାଂସଦ ପ୍ରତିନିଧି ବାସନ୍ତୀ ମାଝୀ, ବିଧାୟକ ପ୍ରତିନିଧି ସୋନା ମାଝୀ, ଇଂ ମନ୍ମଥ ନାଥ ମିଶ୍ର (ଏସ ଇଓସି) ଜୟପୁର, ଇଂ -ଅଶକ କୁମାର ରାଉତ (ଇଇ)ନବରଙ୍ଗପୁର ପୁର, ଏସଡିଓ ସ୍ୱରୂପ କୁମାର ପାତ୍ର ଉମରକୋଟ ସହ ବିଜେପିର କାର୍ଯ୍ୟ କର୍ତା ଯୋଗ ଦେଇ ଥିଲେ

## ମଧୁବୈଶ୍ୟ ସମାଜର ୬୪ତମ ବାର୍ଷିକ ଉତ୍ସବ ପାଳିତ

ଦଶପଲ୍ଲା, ୨୪/୦୩ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଗ୍ରାମ ପଂଚାୟତ ଅଧିନସ୍ଥ କଲ୍ୟାଣୀ ମଣ୍ଡପ ଠାରେ ଦଶପଲ୍ଲା ରାଜ୍ୟ ମଧୁବୈଶ୍ୟ ସମାଜର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ମଧ୍ୟଖଣ୍ଡ ଗ୍ରାମ ପଂଚାୟତ ସରପଂଚ ସସ୍ମିତା ପ୍ରଧାନ, ଦଶପଲ୍ଲା ରାଜ୍ୟ ମଧୁବୈଶ୍ୟ ସମାଜର ସଭାପତି ଚନ୍ଦ୍ରଶେଖର ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ ସମେତ ୧୫ ବେହେରା ଭାଇ ମାନେ ଉପସ୍ଥିତ ଥିଲେ । ବିଧାୟକ ମହୋଦୟ ଦ୍ୱୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ ସଭାଟିକୁ ଉଦଘାଟନ କରିଥିଲେ ।ସମସ୍ତ ମଂଚାସିନ ଅତିଥିଙ୍କୁ ଫୁଲତୋଡ଼ା ଓ ଉତରୀୟ ପ୍ରଦାନ କରାଯାଇଥିଲା । ଏହି ସଭାରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ବିଗତ ବର୍ଷର ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ଆଗାମୀ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରାଯାଇଥିଲା ।ସମସ୍ତ କାର୍ଯ୍ୟକ୍ରମକୁ ସଂଜୀବ କୁମାର ସାହୁ ପରିଚାଳନା କରିଥିଲେ ।

## ସଷ୍ଟେନବୁଲ ଲାଇଫ ଷ୍ଟାଇଲ ଉପରେ ଜିଲ୍ଲାସରରୀୟ ପ୍ରଦର୍ଶନୀ

ଜଗତସିଂହପୁର, ୨୪/୦୩ (ଆ.ପ୍ର) : ସ୍ଥାନୀୟ ବୃନ୍ଦାବନ ବିଦ୍ୟାପୀଠ, ମାର୍କଣ୍ଡପୁର ପରିସରରେ ସଷ୍ଟେନବୁଲ ଲାଇଫଷ୍ଟାଇଲ ଉପରେ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ରାଜ୍ୟଶ୍ରୀ ସାହୁ ମୁଖ୍ୟ ବକ୍ତା, ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଏବଂ ପଂଚସଖା ଶିକ୍ଷା ସେତୁ ଯୋଜନାର ଜିଲ୍ଲା ସଂଯୋଜକ ପଦରାଜ ଉମାକାନ୍ତ ନାୟକ ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇଥିଲେ । ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଶିକ୍ଷୟତ୍ରୀ ମନୀଷା ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । ଏଥିରେ ଜିଲ୍ଲାର ୮ଟି ବ୍ଲକରୁ ୫୨ଟି ଶ୍ରେଷ୍ଠ ପ୍ରକଳ୍ପ ଅଂଶ ଗ୍ରହଣ କରିଥିଲେ । ଅବସର ପ୍ରାପ୍ତ କୃତୀ ପ୍ରଧାନ ଶିକ୍ଷକ ଦାମୋଦର ପଣ୍ଡା, ଶରତ ଚନ୍ଦ୍ର ମହାରଣା ଓ କୈଳାଶ ଚନ୍ଦ୍ର ସ୍ୱାଇଁ ବିଚାରକ ଭାବରେ ଯୋଗ ଦେଇଥିଲେ । ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ସୋହମ ତ୍ରିପାଠୀ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିକୁଦାର ବିଶ୍ୱଜିତ ଜେନା ଦ୍ୱିତୀୟ ଏବଂ ଜୟପ୍ରକାଶ ଶିକ୍ଷା ନିକେତନର ଛାତ୍ରୀ ସୁଶ୍ରୀ ସୋନାଲି ପଣ୍ଡା ତୃତୀୟ ସ୍ଥାନ ଅଧିକାରକରୀ ଅତିଥିଙ୍କ ଠାରୁ ଆର୍ଥିକ ପୁରସ୍କାର, ପ୍ରମାଣପତ୍ର ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସୌଭାଗ୍ୟ ପ୍ରସାଦ ମିଶ୍ର, ମାନସ କୁମାର ବେହେରା, ଏସ. ଡି ପ୍ଲାବନ କୁମାର, ପ୍ରାଚୀପୂର୍ଣ୍ଣ୍ୟତୋୟା ପଟ୍ଟନାୟକ, ସୁମିତ୍ରା ମଲ୍ଲିକ ଓ ନରେନ୍ଦ୍ର ବେହେରା ପ୍ରଭୃତି ସହାୟତା ପ୍ରଦାନ କରିଥିଲେ ।

## ଭାରତର ସ୍ୱାଧୀନତା ପାଇଁ ବିପ୍ଳବୀ ସଂଗ୍ରାମୀମାନେ ଜଣେ ଜଣେ ଅମର ଯୋଦ୍ଧା ଥିଲେ

ଓଡ଼ଗାଁ, ୨୪/୦୩ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଗୋଡିପଡା ଠାରେ ଭାରତର ଯୁବ ଫେଡରେସନ ତରଫରୁ ଗୋଡିପଡା ସହିତ ମଣ୍ଡପ ଠାରେ ମହାନ ଦେଶ ଭକ୍ତ ଲାହୋର ଷଡ଼ଯନ୍ତ୍ର ମାମଲାରେ ବ୍ରିଟିଶ ଦ୍ୱାରା ଫାଶୀ ଖୁଂଟରେ ଝୁଲି ଥିବା ତିନି ସହୀଦଙ୍କ ୯୪ ତମ ଫାଶୀ ଦିବସ ପାଳନ ହୋଇଯାଇଛି । ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ ଦ୍ୱାରା ପ୍ରଥମେ ସଂଗଠନର ପତାକାକୁ ସଂଗଠନର ରାଜ୍ୟ ସଭାପତି ସାଥି ସରୋଜ ନାୟକ ଉତୋଳନ କରି ଭଗତ ସିଂହଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଗୋଡିପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇ ଥିଲା । ଉକ୍ତ ଶିବିରକୁ ଶରଣକୁଳ ମେଡିକାଲର ମୁଖ୍ୟ ଅଧିକାରୀ ଡ଼ାକ୍ତର ତାପସ ରଞ୍ଜନ ସେନାପତି ଉଦଘାଟନ କରିବା ସହିତ ନିଜେ ରକ୍ତଦାନ କରିଥିଲେ । ତାପରେ ଡାକ୍ତର ବିକାଶ ରଞ୍ଜନ ପତିଙ୍କ ସହିତ ଗୋଡିପଡା ଅଂଚଳର ୨୪ ଜଣ ମହିଳା ଏବଂ ଯୁବକ ରକ୍ତଦାନ କରିଥିଲେ । ସନ୍ଧ୍ୟାରେ ଏକ ସାଧାରଣ ସଭା ବିଭୂତି ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କରାଯାଇଥିଲା । ଏଥିରେ ବକ୍ତା ମାନେ ଭଗତ ସିଂ, ସୁଖଦେବ ଏବଂ ରାଜଗୁରୁ ବ୍ରିଟିଶ ସାମ୍ରାଜ୍ୟବାଦୀ ବିରୋଧୀ ସଂଗ୍ରାମର ଜଣେ ଜଣେ ଅମର ଯୋଦ୍ଧା ବୋଲି କହିଥିଲେ. ଏହି ମହାନ ବିପ୍ଳବୀ ମାନେ ଦେଶ ପାଇଁ ସାଲିସ ହୀନ ସଂଗ୍ରାମ କରି ଫାଶୀ ଖୁଂଟରେ ଝୁଲି ଦେଶ ର ସ୍ୱାଧୀନତା ପାଇଁ ଶହୀଦ ହୋଇଥିଲେ. ଭାରତ ଦେଶ ନିର୍ମାଣ ଏମାନଙ୍କ ଯୋଗଦାନ ଅତୁଳନୀୟ ଥିଲା । ସ୍ୱାଧୀନତା ସଂଗ୍ରାମର ଏହି ମହାନ ବିପ୍ଳବୀ ମାନଙ୍କର ତ୍ୟାଗ, ସଂଗ୍ରାମ ଏବଂ ଅମ୍ଳାନସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆଜିର ଦିବସରେ ଯୁବକ ମାନେ ଦେଶର ଗଣତନ୍ତ୍ର, ଧର୍ମନିରପେକ୍ଷ, ସମାଜବାଦ ଓ ସେମାନଙ୍କ ସ୍ୱପ୍ନର ଭାରତବର୍ଷ ଗଠନ ପାଇଁ ଭଗତ ସିଂ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ବକ୍ତା ମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ । ଉକ୍ତସଭାରେ ଅଧାପକ ଅନ୍ତର୍ଯ୍ୟାମୀ ପରିଡା, ଶ୍ରମିକନେତା ଗୋଲକ ମୁଦୁଲି, ଯୁବନେତା ବିଶ୍ୱପ୍ରସାଦ ମିଶ୍ର, କୃଷକ ନେତା ପବିତ୍ର କୁମାର ଇନ୍ଦ୍ରଜିତ, ମହିଳା ନେତ୍ରୀ ଜ୍ୟୋତି ପ୍ରଭା ଜେନା, ଶ୍ରମିକ ନେତା କପିଳ ସାହୁ ଓ ନିରଞ୍ଜନ ସାହୁ ସମ୍ବୋଧିତ କରିଥିଲେ । ଉକ୍ତ ସଭାକୁ ବିଶିଷ୍ଟ ସମାଜ ସେବୀ ସନ୍ତୋଷ କୁମାର ଷଡ଼ଙ୍ଗୀ ପରିଚାଳନା କରିଥିଲେ ।

## ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୨୪/୦୩ (ଆ.ପ୍ର) : ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆଜି ମୋଟ ୧୬୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୨୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୫୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକିଶ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଶ୍ରୀ ଲମ୍ବୋଦର ଖୁଂଟିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶରଥପୁର, ଶ୍ରୀ ଆକାଶ ପଟ୍ଟନାୟକ, ଭାରପ୍ରାପ୍ତ ତହସିଲଦାର, ଦଶରଥପୁର ଶ୍ରୀ ରଶ୍ମି ରଞ୍ଜନ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରକାଶ ଚନ୍ଦ୍ର ବଳ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ । ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସୁସୁଆର ସୁଶାନ୍ତ କୁମାର ସାହୁ, ବିହାରି ର ତୃପ୍ତି ରଞ୍ଜନ ଦେବତାଙ୍କୁ ହୁଇଲ୍ ଚେୟାର, କମାରଡିହର ଗୌରାଙ୍ଗ ବେହେରା, କନିକାପଡାର ଗୋବର୍ଦ୍ଧନ ବେହେରା, ଗ୍ରାମନନ୍ଦୀପୁରର ରୁଦ୍ରପ୍ରତାପ ସେଠୀଙ୍କୁ ଟ୍ରାଇ ସାଇକଲ ଏବଂ ଇଟାପୁରର ଅବିନାଶ ମାଝୀଙ୍କୁ ଏକ ଶ୍ରବଣ ଯନ୍ତ୍ର ବଂଟନ କରାଯାଇଥିଲା ।

## ଦେଶରୁ ଫାଶୀବାଦ ବିରୋଧରେ ଯୁବ ସମାଜ ଆଗେଇଆସୁ

ଭୁବନେଶ୍ୱର, ୨୪/୦୩ (ଆ.ପ୍ର) : ସହୀଦ ଭଗତ ସିଂ ବିଚାର ମଂଚ ପାଖରୁ ନାଗଭୂଷଣ ଭବନ ଠାରେ ଭଗତ ସିଂ ଙ୍କ ସହୀଦ ଦିବସ ପାଳନ କରାଯାଇଅଛି । ଭଗତ ସିଂ ବିଚାର ମଂଚର ସମ୍ପାଦକ ବଂଶୀଧର ପରିଡା ସ୍ୱାଗତ ଭାଷଣ ଦେଇ କହିଲେ ଦେଶରୁ ଫାଶୀବାଦକୁ ବିରୋଧ କରିବା ଲାଗି ଯୁବସମାଜକୁ ଏକାଠି କରି ପାରିଲେ ଭଗତ ସିଂଙ୍କ ପ୍ରତି ଶ୍ରେଠ ଶ୍ରଦ୍ଧାଞ୍ଜଳୀ ହେବ । ମଂଚର କାର୍ଯ୍ୟକାରୀ ସଭାପତି ପ୍ରଫେସର ନୀଳମଣି ସାହୁ ଭଗତସିଂଙ୍କ ଆଦର୍ଶକୁ ଯୁବ ମାନସ ଭିତରେ ପ୍ରଚାର କରି ଦେଶକୁ ପ୍ରଗତିଶୀଳ ରାଜନୀତିକୁ ଆପଣେଇବା ଆଜିର ଦିନରେ ଏକ ଆହ୍ୱାନ । ଅନ୍ୟ ମାନଙ୍କ ମଧ୍ୟରେ ମାନସ ଜେନା ତାଙ୍କର ବକ୍ତ୍ୟବ ରେ କହିଲେ ଗୋଟିଏ ଦେଶ ଏକ ନିର୍ବାଚନ, ନିର୍ବାଚନ ସଂସ୍କାର, ଭାଷାକୁ ନେଇ ଅନ୍ୟ ରାଜ୍ୟ ଉପରେ ଲଦିବା, ଅନ୍ୟ ଧର୍ମ ପ୍ରତି ଘୃଣା ଭାବ ଜନ୍ମାଇବ, corporate ମାନଂକୁ ରାଷ୍ଟ ସମ୍ପତି ଟେକିଦେବା ମାନସିକତା ଆଜି ଦେଶରେ ସଙ୍କଟ ସୃଷ୍ଟି କରୁଛି ବୋଲି ପୂର୍ବତନ ବିଧାୟକ ରାଧାକାନ୍ତ ସେଠି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଶୋକ ପ୍ରଧାନ, ସିପିଆଇ (ଏମ -ଏଲ)ର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ବକ୍ତ୍ୟବ୍ୟ ରଖିଥିଲା ବେଳେ ବିଶିଷ୍ଟ ଶ୍ରମିକ ନେତା ସମସ୍ତଙ୍କୁ ଧନ୍ୟବାଦ ଦେଇ ଭଗତ ସିଂଙ୍କ ଆଦର୍ଶକୁ ଅନୁସରଣ କରି ଦେଶକୁ ଫାଶୀବାଦ କବଳରୁ ମୁକ୍ତାକରିବା ଲାଗି ସମସ୍ତେ ଏକାଠି ହୋଇ ଆନ୍ଦୋଳନକୁ ତୀବ୍ରତାର କରିବା ଲାଗି ଆହ୍ୱାନ ଦେଇଥିଲେ ।

## ଆଠ କ୍ୱିଂଟାଲ ମହୁଲ ପୋଚ ନଷ୍ଟ କଲା ଅବକାରୀ ବିଭାଗ

କଳାହାଣ୍ଡି, ୨୪/୦୩ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ କୁରେଲଗୁଡା ସନ୍ନିକଟରେ ଥିବା ଜଙ୍ଗଲରେ କଳାହାଣ୍ଡି ଜିଲ୍ଲା ଅବକାରୀ ବିଭାଗର ଏସ୍ପି ରଞ୍ଜନ ନାଏକଙ୍କ ନିର୍ଦ୍ଦେଶ କ୍ରମେ ଜୟପାଟଣା ଥାନା ଅଧିକାରୀ ନରେନ୍ଦ୍ର ମିଞ୍ଜଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ଚଢ଼ାଉ କରିଛି । ଜଙ୍ଗଲରୁ ପ୍ରାୟ ୮ କ୍ୱିଟାଲରୁ ଉର୍ଦ୍ଧ ହେବ ମହୁଲ ପୋଚ ଓ ଦେଶୀ ମଦ ତିଆରେ ବ୍ୟବହୃତ ସାମଗ୍ରୀ ନଷ୍ଟ କରାଯାଇଛି । ହେଲେ ଅବକାରୀ ବିଭାଗକୁ ଚକମା ଦେଇ ମଦ ପ୍ରସ୍ତୁତକାରୀମାନେ ଚମ୍ପଟ ମାରିଥିବା ସୂଚନା ମିଳିଛି । ଏହି ଚଢ଼ାଉରେ କନେଷ୍ଟବଳ ବଳଭଦ୍ର ପାତ୍ର, ଆରୁଣୀ ଧଙ୍ଗଡାମାଝୀ, ଖୁସିଦେବ କଟା, ପ୍ରିୟମ୍ବଦା ଜେନା, ପ୍ରମୁଖ ସାମିଲ ହୋଇ ଥିଲେ । ତେବେ କୋକସରା ବ୍ଲକ ସାହାଜଖୋଲ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ବରାଡ଼ଙ୍ଗ, ଅମାପାଣି, ବିରିମୁହାଣ, କୁଟ୍ରୁ, ନୂଆଗାଁ, ଗାଇବନ୍ଧା, ଝୁଲେନବର, ପିଣ୍ଡାପଦର, ଖାଲିଗଡ଼, ଘଂଟିଗୁଡା ଓ ଗୋଦମୁଣ୍ଡା ପଂଚାୟତର ବିଭିନ୍ନ ସ୍ଥାନରେ ମଧ୍ୟ ଅନେକ ଦିନରୁ ହାତଭଟ୍ଟୀ ଦେଶୀ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ଅଂଚଳରେ ଚଢ଼ାଉ କରିବାକୁ ସାଧାରଣରେ ଦାବି ହେଉଛି ।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ନିମାପଡା, ୨୪/୦୩ (ଆ.ପ୍ର) : ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ସଂସ୍କୃତ ସମ୍ମାନ ଓ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ +୩ ତୃତୀୟ ବର୍ଷ ଛାତ୍ରୀମାନଙ୍କ ଉପଲକ୍ଷେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ଏଥିରେ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧାପକ ଡକ୍ଟର ଅଶୋକ ବିଶ୍ୱାଳ ଛାତ୍ରୀମାନଙ୍କୁ ନିରନ୍ତର ଅଧ୍ୟୟନରତ ହୋଇ ସୁନାଗରିକ ହେବାପାଇଁ ଉପଦେଶ ପ୍ରଦାନ କରିଥିଲେ । ସଂସ୍କୃତ ବିଭାଗ ମୁଖ୍ୟ ଡକ୍ଟର ପୂର୍ଣ୍ଣିମା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିତାଧିକାରିଣୀ ତଥା ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ନନ୍ଦ, ମେଜର ପୁଷ୍ପଲତା ଦତ, ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପିକା ସିପ୍ରାରାଣୀ ମହାପାତ୍ର, ଅଧ୍ୟାପିକା ଇତିଶ୍ରୀ ସାହୁ,ବିଜୟଲକ୍ଷ୍ମୀ ମିଶ୍ର, ଅନିତା ବିଶ୍ୱାଳ, ଡକ୍ଟର କିର୍ତ୍ତୀମୟୀ ରାଉତରାୟ, ପୂଜା ବେହେରା, ଅଧ୍ୟାପକ ସମାପ୍ତ ମହାନ୍ତି, ଅଧ୍ୟାପକ ଜଗନ୍ନାଥ ପଣ୍ଡା ପ୍ରଭୃତି ଯୋଗଦେଇ ଛାତ୍ରୀମାନଙ୍କୁ ଶୁଭାଶୀର୍ବାଦ ପ୍ରଦାନ କରିଥିଲେ । ପରିଶେଷରେ ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ

ସେଇଠୁ ଆରମ୍ଭ
SEITHO ARAMBHA
ମଙ୍ଗଳବାର,୨୫ ମାର୍ଚ୍ଚ,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

# ରଚିନଙ୍କ ମ୍ୟାଚ୍ ବିଜୟୀ ଇନିଂସରେ ଚେନ୍ନାଇ ମାରିଲା ବାଜି

ଚେନ୍ନାଇ, ୨୪/୦୩(ନ୍ୟୁ.ଏ):ଆଇପିଏଲ୍ ୨୦୨୫ର ଦ୍ବିତୀୟ ମ୍ୟାଚରେ ବାଜି ମାରି ନେଇଛି ଚେନ୍ନାଇ ସୁପର କିଙ୍ଗସ । ରୋମାଂଚକର ମୁକାବିଲାରେ ସିଏସକେ ୪ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ବିଜୟର ଅଭିଯାନ ଆରମ୍ଭ କରିଛି । ଅନ୍ୟପଟେ ମୁମ୍ବାଇ ନିଜର ପ୍ରଥମ ମ୍ୟାଚ୍ ହାରିବାର ପରମ୍ପରାକୁ ବଜାୟ ରଖିଛି । ମୁମ୍ବାଇ ଲଗାତାର ୧୧ତମ ଥର ନିଜର ପ୍ରଥମ ମ୍ୟାଚରେ ପରାଜୟର ସ୍ୱାଦ ଚାଖିଛି । ଚେନ୍ନାଇ ବିଜୟରେ ରଚିନ ରବୀନ୍ଦ୍ର ହିରୋ ସାଜିଛନ୍ତି । ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୯ ୱିକେଟ୍ ହରାଇ ୧୫୫ ରନ କରିଥିଲା । ଦଳ ପକ୍ଷରୁ ତିଳକ ବର୍ମା ୩୧, ସୂର୍ଯ୍ୟକୁମାର ଯାଦବ ୨୯ ରନ ଓ ଦୀପକ ଚହର ଅପରାଜିତ ୨୮ ରନ କରିଥିଲେ । ଜବାବରେ ଚେନ୍ନାଇ ୬ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଛି । ରଚିନ ରବୀନ୍ଦ୍ର ସର୍ବାଧିକ ୬୫ ରନର୍ ଅପରାଜିତ ମ୍ୟାଚ ବିଜୟୀ ଇନିଂସ ଖେଳିଛନ୍ତି । ଅଧିନାୟକ ଋତୁରାଜ ଗାଏକ୍ୱାଡ ୫୩ ରନର ବିସ୍ଫୋରକ ବ୍ୟାଟିଂ କରିଛନ୍ତି । ୧୫୬ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଚେନ୍ନାଇର ଆରମ୍ଭ ମଧ୍ୟ ନିରାଶ ଜନକ ଥିଲା । ରାହୁଲ ତ୍ରିପାଠୀ(୨ ରନ)ଙ୍କ ରୂପେ ସିଏସକେ ପ୍ରଥମ ୱିକେଟ୍ ହରାଇଥିଲା । ଏହା ପରେ ରଚିନ ରବୀନ୍ଦ୍ର ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ ଜବରଦସ୍ତ ବ୍ୟାଟିଂ କରିଥିଲେ । ଉଭୟ ଦ୍ରୁତ

ବ୍ୟାଟିଂ କରି ଦ୍ୱିତୀୟ ୱିକେଟ ପାଇଁ ୬୭ ରନ ଯୋଡି ବିଜୟର ମୂଳଦୁଆ ପକାଇଥିଲେ । ହେଲେ ଏହି ଯୋଡି ଭାଙ୍ଗିବା ପରେ ମ୍ୟାଚ୍ ରୋଚକ ମୋଡ ନେଇଥିଲେ । ଅଧିନାୟକ ଗାଏକ୍ୱାଡ ଧୂଆଁଧାର ବ୍ୟାଟିଂ କରି ମାତ୍ର ୨୬ ବଲରୁ ୬ ଚୌକା ଓ ୩ ଛକା ସହ ୫୩ ରନ କରିଥିଲେ । ଏହା ପରେ ଚେନ୍ନାଇ ନିୟମିତ ୱିକେଟ୍ ହରାଇବାରୁ ଏକ ତରଫା ଯାଉଥିବା ମ୍ୟାଚ ରୋମାଂଚକର ରୂପ ନେଇଥିଲା । ଗୋଟିଏ ପଟେ ରଚିନ ରବୀନ୍ଦ୍ର ଇନିଂସ ସମ୍ଭାଳିଥିବା ବେଳେ ଅନ୍ୟପଟେ ଶିବମ ଦୁବେ(୯), ଦୀପକ ହୁଡ୍ଡା(୩) ଓ ସାମ କରନ(୪) ନିରାଶ କରିଥିଲେ । ଏହା ପରେ ରଚିନ ରବୀନ୍ଦ୍ର ଓ ଅନୁଭବୀ ରବୀନ୍ଦ୍ର ଜାଡେଜା ନିଜ ଖ୍ୟାତି ଅନୁରୂପ ବ୍ୟାଟିଂ କରିଥିଲେ । ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ, ରଚିନ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଜିତାଇଛନ୍ତି । ଜାଡେଜା ୧୭ ରନ କରି ଆଉଟ୍ ହୋଇଥିଲେ । ରଚିନ ୪୫ ବଲରୁ ୨ ଚୌକା ଓ ୪ ଛକା ସହ ୬୫ ରନରେ ଅପରାଜିତ ଥିଲେ । ଏହି ବାମହାତୀ ବ୍ୟାଟର ଛକା ମାରି ଦଳକୁ ୧୯.୧ ଓଭରରେ ଜିତାଇଛନ୍ତି । ହିଟମ୍ୟାନ ନାମରେ ଖ୍ୟାତି ଅର୍ଜନ କରିଥିବା ରୋହିତ ଶର୍ମା ଆଇପିଏଲ୍ ୨୦୨୫ରେ ନିରାଶ ସହ ନିଜର ଅଭିଯାନ ଆରମ୍ଭ କରିଛନ୍ତି । ମୁମ୍ବାଇ ଇଣ୍ଡିଆନ୍ସର ପୂର୍ବତନ ଅଧିନାୟକ ୧୮ତମ ସିଜିନରେ ନିଜର ପ୍ରଥମ ମ୍ୟାଚରେ ଶୂନ୍ୟରେ ଆଉଟ୍ ହୋଇଛନ୍ତି । ରବିବାର ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ମ୍ୟାଚରେ ଚାରୋଟି ବଲରେ ସମ୍ମୁଖୀନ ହୋଇ ରୋହିତ ବିନା ଖାତା ଖୋଲି ପାଭିଲିୟନ ଫେରିଥିଲେ । ସେ ଖଲିଲ ଅହମ୍ମଦଙ୍କ ବଲରେ ଆଉଟ୍ ହୋଇଥିଲେ । ଭାରତୀୟ ଦଳର ଅଧିନାୟକ ରୋହିତ ଆଇପିଏଲରେ ୧୮ତମ ଥର ଜିରୋରେ ଆଉଟ୍ ହୋଇଛନ୍ତି । ଏଥିସହ ସେ ଲଜ୍ଜାଜନକ କ୍ଲବରେ ଏଣ୍ଟ୍ରି ମାରିଛନ୍ତି । ଆଇପିଏଲରେ ଯୁଗ୍ମ ଭାବେ ସବୁଠୁ ଅଧିକ ଥର ଶୂନ୍ୟରେ ଆଉଟ୍ ହେବାର ଅଲୋଡା ରେକର୍ଡ କରିଛନ୍ତି ରୋହିତ ଶର୍ମା । ରୋହିତଙ୍କ ବ୍ୟତୀତ ଦିନେଶ କାର୍ତ୍ତିକ ଓ ଗ୍ଲେନ ମ୍ୟାକ୍ସୱେଲ ମଧ୍ୟ ଆଇପିଏଲରେ ସର୍ବାଧିକ ଥର ୧୮-୧୮ ଥର ଲେଖାଏଁ ଶୂନ୍ୟରେ ଆଉଟ୍ ହୋଇଥିଲେ । ତାଲିକାରେ ପୀୟୁଷ ଚାୱଲା ଓ ସୁନିଲ ନାରିନେ ଯୁଗ୍ମ ଭାବେ ୧୬-୧୬ ଥର ଶୂନ୍ୟରେ ଆଉଟ୍ ହୋଇଛନ୍ତି । ତାଙ୍କ ପରେ ରଶିଦ ଖାନ(୧୫), ମନଦୀପ ସିଂ(୧୫), ମନୀଷ ପାଣ୍ଡେ(୧୪) ଓ ଅମ୍ବତି ରାୟୁଡୁ(୧୪) ରହିଛନ୍ତି ।

# କେରଳ କ୍ରିକେଟ ଲିଗରୁ ଆଇପିଏଲ ଚର୍ଚ୍ଚାରେ ଅଟୋ ଚାଳକଙ୍କ ପୁଅ ବିଗ୍ନେଶ ପୁଥୁର

ନୂଆଦିଲ୍ଲୀ, ୨୪/୦୩(ନ୍ୟୁ.ଏ):ରବିବାର ଚେପକରେ ଚେନ୍ନାଇ ସୁପର କିଙ୍ଗସ ଓ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ୍‌ରେ ୪ ଜଣ ନୂଆ ଖେଳାଳି ଡେବ୍ୟୁ କରିଥିଲେ । କିନ୍ତୁ ଖୁବ କମ ପରିଚିତ ବିଗ୍ନେଶ ପୁଥୁର ନିଜର ଯାଦୁ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରି ପାରିଛନ୍ତି । ୨୩ ବର୍ଷୀୟ ଚାଇନାମ୍ୟାନ ବୋଲର ପୁଥୁର ହେଉଛନ୍ତି ଜଣେ ଅଟୋ ଚାଳକଙ୍କ ପୁଅ । ତାଙ୍କ ଘର କେରଳର ମାଲାପୁରମ ଅଂଚଳରେ । ମୁମ୍ବାଇର ସ୍କାଉଟିଂ ଟିମ ତାଙ୍କୁ କେରଳ କ୍ରିକେଟ ଲିଗରେ ଚିହ୍ନଟ କରିଥିଲା । ଘରୋଇ କ୍ରିକେଟ ଓ ସିନିୟର ଲେଭଲରେ ଆଦୌ ଖେଳି ନଥିବା ପୁଥୁର ଆଇପିଏଲରେ ସିଧା ଡେବ୍ୟୁ କରିଛନ୍ତି । ଚେନ୍ନାଇ ଭଳି ଶକ୍ତିଶାଳୀ ଟିମ ବିପକ୍ଷରେ ସେ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ ଖେଳାଳି ଭାବେ ବ୍ରୁଡ଼ାନ୍ତ ଏକାଦଶକୁ ଆସିଥିଲେ । ରୋହିତ ଶର୍ମାଙ୍କ ବଦଳରେ ସେ ଇମ୍ପାକ୍ଟ ଖେଳାଳି ଭାବେ ମୈଦାନକୁ ଓହ୍ଲାଇ ୪ ଓଭରରେ ୩୨ ରନ ଦେଇ ୩ ୱିକେଟ ଦଖଲ କରିଛନ୍ତି । ମୁମ୍ବାଇ ଇଣ୍ଡିଆନ୍ସର ବ୍ଲୁ ଓ ଗୋଲ୍ଡ ଜର୍ସି ସହ ପୁଥୁରଙ୍କ ଯାତ୍ରା ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ତାଙ୍କୁ ଫ୍ରାଂଚାଇଜ ୩୦ ଲକ୍ଷ ଟଙ୍କାରେ କିଣିଥିଲା । ଫ୍ରାଂଚାଇଜର ଟ୍ରାଏଲ୍ସରେ ସେ ଚମକ ଦେଖାଇ ସ୍କ୍ୱାଡକୁ ଆସିଥିଲେ । ପୁଥୁର ନିଜର ଆକ୍ୟୁରେସୀ, ନିୟମିତ ଟର୍ଣ୍ଣ ଓ ଚାପ ସମୟରେ ମୁଣ୍ଡ ଥଣ୍ଡା ରଖିବାର କୌଶଳ ବଳରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । ସିନିୟର ଲେଭଲରେ ଅଧିକ କ୍ରିକେଟ ଖେଳି ନଥିବା ଅନଭିଜ୍ଞ ପୁଥୁରଙ୍କ ଦକ୍ଷତା ବୃଦ୍ଧିରେ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାନେଜମେଣ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଜାନୁଆରୀ ମାସରେ ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ ପାଇଁ ଏମଆଇ କେପ ଟାଉନ ଦକ୍ଷିଣ ଆଫ୍ରିକାରେ ଏକାଠି ହୋଇଥିଲା । ଏହି ସମୟରେ ପୁଥୁରଙ୍କୁ ନେଟ ବୋଲର ଭାବେ ସେଠାକୁ ପଠାଯାଇଥିଲା । ସେଠାରେ ସେ ନିଜ ଦକ୍ଷତା ଉପରେ କାମ କରିଥିଲେ । ରାଶିଦ ଖାନଙ୍କ ଠାରୁ ବୋଲିଂ ଟିପ୍ସ ନେଇଥିଲେ । ବଡ଼ ବଡ଼ ଖେଳାଳିଙ୍କୁ ସହ ସମୟ କାଟି ସେ ଆହୁରି ବଳିଷ୍ଠତା ହାସଲ କରିଥିଲେ । ଆଇପିଏଲ ପୂର୍ବରୁ ପୁଥୁର ରିଲାଏନ୍ସ ଟିମ ପାଇଁ ଡିୱାଇ ପାଟିଲ ଟି-୨୦ ଟୁର୍ଣ୍ଣାମେଣ୍ଟ ଖେଳିଥିଲେ । ମୁମ୍ବାଇ ଇଣ୍ଡିଆନ୍ସର ନେଟ୍ସ ଓ ଅଭ୍ୟାସ ସେସନ୍‌ରେ ପୁଥୁର କମାଲ କରିବାରୁ ମୁଖ୍ୟ କୋଚ ମହେଲା ଜୟବର୍ଦ୍ଧନେଙ୍କ ନେତୃତ୍ୱାଧୀନ ମ୍ୟାନେଜମେଣ୍ଟ ଆଇପିଏଲର ପ୍ରଥମ ମ୍ୟାଚ୍‌ରେ ତାଙ୍କୁ ସୁଯୋଗ ଦେଇଥିଲା । ରୋହିତ ଶର୍ମା ଓ ସୂର୍ଯ୍ୟ କୁମାରଦ ଯାଦବ ମଧ୍ୟ ପୁଥୁରଙ୍କୁ ଖେଳାଇବା ସପକ୍ଷରେ ମତ ରଖିଥିଲେ । ଏମଆଇ ବୋଲିଂ କୋଚ୍ ପାରସ ମହାମ୍ବ୍ରେ କହିଛନ୍ତି, "ରୋହିତ, ସୂର୍ଯ୍ୟ ଓ ତିଲକ ବର୍ମାଙ୍କ ଭଳି ଖେଳାଳିମାନେ ପୁଥୁରଙ୍କୁ ନେଟ୍ସରେ ସାମ୍ନା କରିଥିଲେ । ତାଙ୍କୁ ଆକଳନ କରିବା ବ୍ୟାଟରଙ୍କ ପକ୍ଷରେ ଆଦୌ ସହଜ ହୋଇ ନଥିଲା । ତେଣୁ ଆମେ ତାଙ୍କୁ ମ୍ୟାଚରେ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଥିଲୁ । ଏହା ମଧ୍ୟ ବେଶ ଲାଭ ଦେଇଛି । ଆମେ ଗୋଟିଏ ଭଲ ନିଷ୍ପତ୍ତି ନେଇଥିଲୁ ।"

# ୪% ଯାଏଁ ମହଙ୍ଗା ହେବ ମାରୁତି, ସୁଜୁକି, ହ୍ୟୁଣ୍ଡାଇ, ମହିନ୍ଦ୍ରା ମଡେଲ୍

ନୂଆଦିଲ୍ଲୀ, ୨୪/୦୩(ନ୍ୟୁ.ଏ):ଏପ୍ରିଲରୁ ମହଙ୍ଗା ହେବାକୁ ଯାଉଛି ଗାଡ଼ି । ମାରୁତୁ ସୁଜୁକି, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ହ୍ୟୁଣ୍ଡାଇ ଭଳି କମ୍ପାନିଗୁଡ଼ିକ ଦର ବୃଦ୍ଧି ସମ୍ପର୍କରେ ଘୋଷଣା କରିଛନ୍ତି । କଂଚାମାଲ ଏବଂ ପରିଚାଳନା ଖର୍ଚ୍ଚ ବୃଦ୍ଧିକୁ ନଜରରେ ରଖି କମ୍ପାନି ଗୁଡ଼ିକ ଦର ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି । ଦେଶର ପ୍ରମୁଖ କାର କମ୍ପାନି ମାରୁତି ସୁଜୁକିର ଯାନ ଗୁଡ଼ିକ ଆସନ୍ତା ମାସରୁ ୪% ଯାଏ ଦରବୃଦ୍ଧି ଘଟିବ । ଏହି କମ୍ପାନି ଏବେ ଏଣ୍ଟ୍ରିଲେଭଲ ଅଲ୍‌ଟୋ କେ ୧୦ ଠାରୁ ଆରମ୍ଭ କରି ମଲ୍ଟି ପରପସ ଭେଇକିଲ ଇନଭିକ୍ଟୋ ଘରୋଇ ବଜାରରେ ଉପଲବ୍ଧ କରାଉଛି । ଏହି ଯାନ ଗୁଡ଼ିକର ବଜାର ଦର ୪.୨୩ ଲକ୍ଷ ଟଙ୍କାରୁ ୨୯.୨୨ ଲକ୍ଷ ଟଙ୍କା ରହିଛି । ସେହିଭଳି ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର କାର ଗୁଡ଼ିକ ମଧ୍ୟ ୩% ଯାଏ ମହଙ୍ଗା ହେବ । ଟାଟା ମୋଟର୍ସ ଏହାର ଇ-କାର ସହ ଅନ୍ୟ ବର୍ଗର ଯାନଗୁଡ଼ିକ ଦର ବଢ଼ାଇବ ବୋଲି ମଧ୍ୟ ସ୍ପଷ୍ଟ କରିଛି । ଚଳିତ ବର୍ଷ ଦ୍ୱିତୀୟ ଥର ଲାଗି କମ୍ପାନି ଦର ବୃଦ୍ଧି ସମ୍ପର୍କରେ ଘୋଷଣା କରିଛି । ଏପ୍ରିଲରୁ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏହାର ଏସୟୁଭି ଏବଂ କମର୍ସିଆଲ ଯାନ ଦର ୩% ଯାଏ ବୃଦ୍ଧି କରିବ । ସେହିଭଳି କିଆ ଇଣ୍ଡିଆ, ହୋଣ୍ଡା କାରସ ଇଣ୍ଡିଆ, ରେନୋ ଇଣ୍ଡିଆ ଏବଂ ବିଏମଡବ୍ଲ୍ୟୁ ଆସନ୍ତା ମାସରୁ ଯାନ ଦର ବଢ଼ାଇବା ସମ୍ପର୍କରେ ମଧ୍ୟ ଘୋଷଣା

କରିଛନ୍ତି । ଅଟୋ ଶିଳ୍ପ ବିଶେଷଜ୍ଞ ରଜତ ମହାଜନ କହିଛନ୍ତି, ଭାରତରେ କାର କମ୍ପାନିଗୁଡ଼ିକ ସାଧାରଣତଃ ଜାନୁଆରି ଏବଂ ଏପ୍ରିଲରେ ଦର ବୃଦ୍ଧି କରିଥାନ୍ତି । ସାମଗ୍ରୀ ଆମଦାନି କରିବାକୁ କମ୍ପାନିଗୁଡ଼ିକ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି । ଗତ ୬ ମାସ ହେବ ଟଙ୍କା ତୁଳନାରେ ଡଲାର ୩% ଶକ୍ତିଶାଳୀ ହୋଇଛି । ଫଳରେ କମ୍ପାନିଙ୍କୁ ଇନପୁଟ ଖର୍ଚ୍ଚ କ୍ଷେତ୍ରରେ ଚାପ ରହିଛି । ଓଇଏମ୍ ଏବଂ ସିକେଡି ଉପରେ ଏହାର ନକରାତ୍ମକ ପ୍ରଭାବ ପଡିଛି । ଏବେ ଏଣ୍ଟ୍ରି ସ୍ତରୀୟ କାର ଗୁଡ଼ିକର ଚାହିଦା ପ୍ରଭାବିତ ରହିଛି । ଗ୍ରାମାଂଚଳରେ ପ୍ରଥମ ଥର କାର କିଣୁଥିବା ଗ୍ରାହକଙ୍କ ମଧ୍ୟରେ ଏଭଳି ପ୍ରଭାବ ଦେଖାଯାଉଛି । ଅନ୍ୟ ପକ୍ଷରେ କାର ଗୁଡ଼ିକରେ କମ୍ପାନି ନୂଆ ଫିଚର ଯୋଡୁଥିବାରୁ ଏଥିଲାଗି ଖର୍ଚ୍ଚ ମଧ୍ୟ ବଢୁଛି । ଫଳରେ ଗତ କିଛି ତ୍ରୈମାସ ହେବ କମ୍ପାନି ଲଗାତାର ଦର ବୃଦ୍ଧି କରୁଥିବା ନଜରକୁ ଆସିଛି । ଏଣ୍ଟ୍ରି ସ୍ତରର କାର ଗୁଡ଼ିକ ଉପରେ ଦର ବୃଦ୍ଧି କରିବା ପୂର୍ବରୁ କମ୍ପାନି ଅନେକ ଥର ଚିନ୍ତା କରୁଛନ୍ତି । କାରଣ ଏ କ୍ଷେତ୍ରରେ ଚାହିଦା ଫେରିବାର ଢେର ସମ୍ଭାବନା ରହିଛି । ବଜେଟରେ ହୋଇଥିବା ଟିକସ ରିହାତି ଘୋଷଣା ପରେ ଲୋକଙ୍କ ହାତରେ ଅର୍ଥ ରହିବାର ଆଶା ଥିବାରୁ ଏହାକୁ ସେମାନେ ଖର୍ଚ୍ଚ ଲାଗି ବ୍ୟବହାର କରିବେ ବୋଲି ବିଶେଷଜ୍ଞ ଆଶାବାଦୀ ରହିଛନ୍ତି । ଇକ୍ରା ସଭାପତି ରୋହନ କନୱାର ଗୁପ୍ତା କହିଛନ୍ତି, କଂଚାମାଲ ଦର ବୃଦ୍ଧି ଜନୀତ ଚାପକୁ କମାଇବା ଲାଗି କମ୍ପାନି ସାଧାରଣତଃ ଆର୍ଥିକ ବର୍ଷ ଏବଂ କ୍ୟାଲେଣ୍ଡର ବର୍ଷ ଆରମ୍ଭରେ ଦର ବୃଦ୍ଧି ନେଇ ଅଗ୍ରସର ହୋଇଥାନ୍ତି । ଏବେ ବଜାରରେ କଂଚାମାଲ ବଢ଼ିଥିବାରୁ ଏହାକୁ ବିଚାରକୁ ନେଇ କମ୍ପାନି ଦର ବୃଦ୍ଧି ନେଇ ଘୋଷଣା କରିଛନ୍ତି । ଚାହିଦାକୁ ନଜରରେ ରଖି ଦରବୃଦ୍ଧି ଏତେଟା ହୋଇନି । ଅନ୍ୟ ପଟେ ପାସେଞ୍ଜର ଯାନ ବର୍ଗରେ କମ୍ପାନି ବେଶ ଭଲ ରିହାତି ଦେଉଛନ୍ତି ।

# ୧୫ କୋଟି ମିଳିବା ଘଟଣାରେ ଜଷ୍ଟିସ ବର୍ମାଙ୍କୁ ଝଟ୍‌କା

ମୁମ୍ବାଇ, ୨୪/୦୩(ନ୍ୟୁ.ଏ): ୧୫ କୋଟି ମିଳିବା ଘଟଣାରେ ଜଷ୍ଟିସ ଯଶୱନ୍ତ ବର୍ମାଙ୍କୁ ଝଟ୍‌କା । ପ୍ରତ୍ୟାହାର କରିନିଆଯାଇଛି ସମସ୍ତ ନ୍ୟାୟିକ କାର୍ଯ୍ୟ । ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ଯାଏଁ କୌଣସି ମାମଲାର ଶୁଣାଣି କରିପାରିବେନି ବିଚାରପତି । ଏନେଇ ସର୍କୁଲାର ଜାରି କରିଛି ଦିଲ୍ଲୀ ହାଇକୋର୍ଟ । ସର୍କୁଲାରରେ କୁହାଯାଇଛି ଯେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଖଣ୍ଡପୀଠ କୌଣସି ମାମଲାର ଶୁଣାଣି କରିବେ ନାହିଁ । ଦିଲ୍ଲୀ ହାଇକୋର୍ଟ କହିଛନ୍ତି ଯେ ସାମ୍ପ୍ରତିକ ଘଟଣାବଳୀକୁ ଦୃଷ୍ଟିରେ ରଖି, ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଠାରୁ ତୁରନ୍ତ ପ୍ରଭାବରୁ ନ୍ୟାୟିକ କାର୍ଯ୍ୟ ପ୍ରତ୍ୟାହାର କରାଯାଉଛି । ବେଂଚ-IIIର କୋର୍ଟ ମାଷ୍ଟର ମାମଲାଗୁଡ଼ିକର ତାରିଖ ଦେବେ । ପୂର୍ବରୁ, ସୁପ୍ରିମକୋର୍ଟ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଜଷ୍ଟିସ୍ ବର୍ମାଙ୍କଠାରୁ ସମସ୍ତ ନ୍ୟାୟିକ କାର୍ଯ୍ୟ ଫେରାଇ ନିଆଯିବ । ଏହା ପରେ, ଦିଲ୍ଲୀ ହାଇକୋର୍ଟ ଆଜି ଏହି ସର୍କୁଲାର ଜାରି କରିଛନ୍ତି । ନିକଟରେ, ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଡିକେ ଉପାଧ୍ୟାୟ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଘରେ ଅଗ୍ନିକାଣ୍ଡ ସମ୍ପର୍କରେ ସିଜେଆଇ ସଞ୍ଜିବ ଖାନ୍ନାଙ୍କୁ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ । ଏହାକୁ ସୁପ୍ରିମକୋର୍ଟ ସାର୍ବଜନୀନ କରିଥିଲେ । ସୁପ୍ରିମକୋର୍ଟ ଦ୍ୱାରା ଜାରି କରାଯାଇଥିବା ଫଟୋଗ୍ରାଫ୍ ଏବଂ ଭିଡିଓରେ ପୋଡ଼ିଯାଇଥିବା ନୋଟଗୁଡ଼ିକର ଗଣ୍ଡି ଦୃଶ୍ୟମାନ ହୋଇଥିଲା । ତଥାପି, ଜଷ୍ଟିସ୍ ବର୍ମା ଏହି ସମ୍ପୂର୍ଣ୍ଣ ମାମଲାରେ ଷଡ଼ଯନ୍ତ୍ର ଥିବା ସନ୍ଦେହ ପ୍ରକାଶ କରିଛନ୍ତି ।

# ଆପ୍ ସରକାରର କାର୍ଯ୍ୟକାଳ ଉପରେ ଶ୍ୱେତ ପତ୍ର ଜାରି କରିବେ ଦିଲ୍ଲୀ ସରକାର

ନୂଆଦିଲ୍ଲୀ, ୨୪/୦୩(ନ୍ୟୁ.ଏ):ଆରମ୍ଭ ହୋଇଛି ଦିଲ୍ଲୀ ବିଧାନସଭା ବଜେଟ ଅଧିବେଶନ । ସୋମବାର ଠାରୁ ଅଧିବେଶନ ଆରମ୍ଭ ହୋଇଥିବାବେଳେ ଦ୍ୱିତୀୟ ଦିନ ଅର୍ଥାତ ମଙ୍ଗଳବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ରେଖା ଗୁପ୍ତା ବଜେଟ ଉପସ୍ଥାପନ କରିବେ । ପ୍ରାୟ ୨୭ ବର୍ଷ ପରେ ରାଜଧାନୀ ଦିଲ୍ଲୀରେ ଶାସନକୁ ଆସିବା ପରେ ବିଜେପି ସରକାର ଏହାର ପ୍ରଥମ ବଜେଟ ଉପସ୍ଥାପନ କରିବ । ତେବେ ଏହା ପୂର୍ବରୁ ସୋମବାର ଅର୍ଥାତ୍ ଅଧିବେଶନର ପ୍ରଥମ ଦିନରେ

ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବଡ଼ ଘୋଷଣା କରିଛନ୍ତି । ବିଧାନସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଦିଲ୍ଲୀର ପୂର୍ବ ସରକାର ତଥା ଆମ ଆଦମୀ ପାର୍ଟୀର କାର୍ଯ୍ୟକାଳ ଉପରେ ଶ୍ୱେତ ପତ୍ର ଜାରି କରାଯିବ । ସୂଚନାଯୋଗ୍ୟ, ଶ୍ୱେତ ପତ୍ର ଏକ ସରକାରୀ ଦସ୍ତାବିଜ୍ । ଏହାକୁ ସରକାରଙ୍କ ସମର୍ଥନ ଏବଂ ଲୋକଙ୍କ ମତ ଜାଣିବା ପାଇଁ ପ୍ରସ୍ତୁତ କରାଯାଇଥାଏ । ସେତିକି ନୁହେଁ ଶ୍ୱେତ ପତ୍ର ଦ୍ୱାରା ପୂର୍ବ ସରକାରଙ୍କ ତ୍ରୁଟିକୁ ମଧ୍ୟ ସାମ୍ନାକୁ ଅଣାଯାଇଥାଏ ଏବଂ ଏଥିରୁ ଶିଖି ନୂଆ ସରକାର ନୀତିରେ ପରିବର୍ତ୍ତନ କରିଥାନ୍ତି ।

# କର୍ଣ୍ଣାଟକ ରିଜର୍ଭେସନ ମାମଲାରେ ମୁହଁ ଖୋଲିଲେ ମଲ୍ଲିକାର୍ଜୁନ ଖଡ଼ଗେ

ନୂଆଦିଲ୍ଲୀ, ୨୪/୦୩(ନ୍ୟୁ.ଏ):କର୍ଣ୍ଣାଟକ ସରକାର ମୁସଲମାନଙ୍କୁ ସରକାରୀ ଠିକାରେ ୪ ପ୍ରତିଶତ ସଂରକ୍ଷଣ ଦେଇଛନ୍ତି । ଏହାକୁ ନେଇ ବିଜେପି ଏବେ ଆକ୍ରମକ ହୋଇ ଉଠିଛି । ବିଜେପିର କହିବା କଥା ହେଉଛି କଂଗ୍ରେସ ସମ୍ବିଧାନର ଅବମାନନା କରିଛି । ବିଜେପିର ଏହି ଅଭିଯୋଗ ଉପରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ସୋମବାର ପାଲଟା ଆକ୍ରମଣ କରିଛନ୍ତି । ସେ କହିଛନ୍ତି ଧର୍ମ ଆଧାରରେ ବିଜେପି ଆଇନ ତିଆରି କରେ, ହେଲେ ଆଜି ଏହି ପ୍ରସଙ୍ଗ ଉଠାଇ ନିଜର ଦୁର୍ନୀତିକୁ ଲୁଚେଇବାକୁ ଚେଷ୍ଟା କରୁଛି । ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ଏହା ପୂର୍ବରୁ କର୍ଣ୍ଣାଟକରେ ଯେଉଁ ବି ଦଳ ଶାସନ କରୁଥିଲେ ସେମାନେ ସେହି ସମୟର ରିଜର୍ଭେସନକୁ ସ୍ୱୀକାର କରିଥିଲେ, ଯାହା ୧୯୯୪ ମସିହାରେ ଆରମ୍ଭ ହୋଇଥିଲା ଓ ଏପର୍ଯ୍ୟନ୍ତ ରହିଛି । ମୁସଲମାନମାନଙ୍କୁ ପୂର୍ବରୁ କୌଣସି ଅଲଗା ରିଜର୍ଭେସନ ଦିଆଯାଉ ନଥିଲା କି ଆଜି ବି ଦିଆଯାଉନି । ଆମେ ସମ୍ବିଧାନକୁ ପାଳନ କରୁଛୁ, ସମ୍ବିଧାନ ବିରୋଧରେ କେହି ଯଦି କିଛି କହେ କଂଗ୍ରେସ ଚୁପ ବସିବନି । ସେପଟେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ.ଶିବକୁମାର ରାଜ୍ୟରେ ମୁସଲମାନଙ୍କ ନିମନ୍ତେ ୪% ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ ସମ୍ବିଧାନ ବଦଳାଇବା ସମ୍ପର୍କରେ ଦେଇଥିବା ବୟାନକୁ ସୋମବାର ଅସ୍ୱୀକାର କରିଛନ୍ତି । ସେ କହିଛନ୍ତି ଯେ ତାଙ୍କ କଥାକୁ ଭୁଲ ଭାବେ ଉପସ୍ଥାପନା କରାଯାଇଛି । ସେ କହିଛନ୍ତି ମୁଁ ଜଣେ ସମ୍ବେଦନଶୀଳ ନେତା, ଗତ ୩୬ ବର୍ଷ ହେଲା ବିଧାନସଭାକୁ ଆସୁଛି । ମୁଁ ସମ୍ବିଧାନ ବଦଳାଇବା କଥା ଆଦୌ କହି ନାହିଁ । ତେବେ ସେ କହିଛନ୍ତି ଯେ ମୁଁ ସାଧାରଣ ଭାବେ କହିଥିଲି ବିଭିନ୍ନ ନିଷ୍ପତ୍ତି ପରେ ଅନେକ ପରିବର୍ତ୍ତନ ହେବ । ଯାହା ବି ରିଜର୍ଭେସନ ଦିଆଯାଉଛି ତାହା ପଛୁଆ ବର୍ଗଙ୍କ ରିଜର୍ଭେସନ ଅନୁସାରେ ଦିଆଯାଇଛି । ତେବେ ମୁଁ କହିନାହିଁ ଆମେ ସମ୍ବିଧାନ ବଦଳାଇ ଦେବୁ । ମୋ କଥାକୁ ଭୁଲ ଭାବେ ଉପସ୍ଥାପନ କରାଯାଇଛି ଓ ଏଥି ପାଇଁ ବିଧାନସଭାରେ ସ୍ୱାଧୀକାର ଭଙ୍ଗ ନୋଟିସ ଦେବି ଏବଂ ଏହି ମାମଲାକୁ ନେଇ ଲଢ଼ିବି । ସେପଟେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ସମ୍ବିଧାନିକ ପଦରେ ବସିଥିବା ବ୍ୟକ୍ତିଙ୍କ ଦ୍ୱାରା ମୁସଲମାନଙ୍କୁ ୪ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ସମ୍ବିଧାନ ବଦଳାଇବାର କଥା କହିବା ଆଦୌ ସ୍ୱୀକାରଯୋଗ୍ୟ ନୁହେଁ ବୋଲି କହିଛନ୍ତି । କିରେଣ ରିଜିଜୁ କହିଛନ୍ତି ଯେ ଏ କଥାକୁ ସଂସଦ ଚୁପଚାପ ବସି ଦେଖି ପାରିବନି । ପ୍ରସଙ୍ଗରେ କଂଗ୍ରେସକୁ ସ୍ପଷ୍ଟିକରଣ ଦେବାକୁ ପଡିବ । ଏପରି ମତାମତବ୍ୟ ଦେଇଥିବା ବ୍ୟକ୍ତିଙ୍କୁ ବହିଷ୍କାର କରିବା ଦରକାର । ଗୋଟିଏ ପଟେ ମୁସଲମାନଙ୍କୁ ସଂରକ୍ଷଣ ଦେବା କଥା କହୁଛନ୍ତି ଅନ୍ୟପଟେ ବାବା ସାହେବଙ୍କ ଫଟୋ ଓ ସମ୍ବିଧାନ ବହି ପକେଟରେ ରଖି ନାଟକ କରୁଛନ୍ତି ।

# ୟୁରୋପର ଦୀର୍ଘମିଆଦି ରଣନୀତି, ପ୍ରସ୍ତୁତ ହେବ ୫-୧୦ ବର୍ଷର ଯୋଜନା

ୱାଶିଂଟନ୍, ୨୪/୦୩(ନ୍ୟୁ.ଏ):ଆମେରିକାର ଏକଚାଟିଆ ନୀତିକୁ ଆଉ ବରଦାସ୍ତ କରିବନି ୟୁରୋପ । ନାଟୋରେ ଆମେରିକାର କ୍ଷମତାକୁ ସଂକୁଚିତ କରାଯିବ । ଏହାର ସାମରିକ ପାଣ୍ଠି ପ୍ରଦାନକୁ ବି କମାଇ ଦିଆଯିବ । ୟୁରୋପୀୟ ଦେଶଗୁଡ଼ିକ ଏଥିପାଇଁ ୫-୧୦ ବର୍ଷର ଯୋଜନା ବନାଉଥିବା ସୂତ୍ରରୁ ଜଣାପଡ଼ିଛି । ରିପୋର୍ଟ ମୁତାବକ, ସାମରିକ ମେଣ୍ଟ 'ନାଟୋ (ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ)'ରେ ଆମେରିକାର ଯେଉଁ ସ୍ଥାନ ରହିଛି, ତାହାକୁ ବଦଳାଯିବ । ଏହାଠାରୁ ଆଉ ସେତିକି ଅସ୍ତ୍ରଶସ୍ତ୍ର କିମ୍ବା ପାଣ୍ଠି ନିଆଯିବ ନାହିଁ । ୟୁରୋପୀୟ ଦେଶ ଓ କାନାଡା ସହାୟତାରେ ନାଟୋର ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ୩୦% ପର୍ଯ୍ୟନ୍ତ ବୃଦ୍ଧି କରାଯିବ । ଫଳରେ ଆମେରିକା ଯଦି ନିଜ ଆଡୁ ନାଟୋରୁ ଓହରିଯାଏ, ତେବେ କୌଣସି ଫରକ ପଡ଼ିବ ନାହିଁ । ୟୁରୋପକୁ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ଚଳିତବର୍ଷ ଜାନୁଆରୀରେ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଡୋନାଲ୍ଡ ଟ୍ରମ୍ପ ନାଟୋରୁ ଓହରିଯିବାକୁ ବାରମ୍ବାର ଧମକ ଦେଉଛନ୍ତି । ନାଟୋରେ ଆମେରିକା ଅତ୍ୟଧିକ ପାଣ୍ଠି ଯୋଗାଉଛି । ଏହାଦ୍ୱାରା ଦେଶର ଅର୍ଥନୀତି ଉପରେ କୁପ୍ରଭାବ ପଡୁଥିବା ସେ ଦର୍ଶାଉଛନ୍ତି । ଏହି କ୍ରମରେ ଆମେରିକା ୟୁକ୍ରେନକୁ ସାମରିକ ଓ ଗୁଇନ୍ଦା ସମର୍ଥନ ବନ୍ଦ କରିସାରିଲାଣି । ଏବେ ନାଟୋ ସଦସ୍ୟତା ଛାଡ଼ିବାକୁ ଆମେରିକା ଚାହୁଁଛି । ରିପୋର୍ଟ ଅନୁସାରେ, ନାଟୋର 'ପରିଚାଳନା' ସ୍ଥାନାନ୍ତର ପାଇଁ ଯୋଜନା କରାଯାଉଛି । ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ ଓ ନର୍ଡିକ ରାଷ୍ଟ୍ର (ଡେନ୍‌ମାର୍କ, ଫିନଲାଣ୍ଡ, ଆଇସଲାଣ୍ଡ ଓ ନରୱେ) ନାଟୋର

ପରିଚାଳନା ସ୍ଥାନାନ୍ତର ଲାଗି ଟ୍ରମ୍ପଙ୍କୁ ଏକ ପ୍ରସ୍ତାବ ଦେଇପାରନ୍ତି । ଏହି ସ୍ଥାନାନ୍ତରଣ ଲାଗି ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗିପାରେ । ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଚଳିତବର୍ଷ ଜୁନ୍‌ରେ ହେବାକୁ ଥିବା ନାଟୋର ବାର୍ଷିକ ଶିଖର ସମ୍ମିଳନୀ ପୂର୍ବରୁ ଏହି ଯୋଜନାକୁ ଆମେରିକା ସମ୍ମୁଖରେ ଉପସ୍ଥାପନ କରିପାରନ୍ତି । ଆମେରିକା ଉପରୁ ନିର୍ଭରଶୀଳତା କମାଇବା ପାଇଁ ମଧ୍ୟ ବଡ଼ ଯୋଜନା ହାତକୁ ନିଆଯିବ । ବ୍ଲୁମ୍‌ବର୍ଗ ରିପୋର୍ଟ ମୁତାବକ, ନାଟୋ ନିଜ ଅସ୍ତ୍ରଶସ୍ତ୍ର ଭଣ୍ଡାରଣକୁ ୩୦% ପର୍ଯ୍ୟନ୍ତ ବୃଦ୍ଧି କରିବ ଏବଂ ଏଥିରେ ଆମେରିକାର କୌଣସି ଭୂମିକା ରହିବ ନାହିଁ । ବରଂ ୟୁରୋପୀୟ ଦେଶ ଓ କାନାଡା ଏହାକୁ ପୂରଣ କରିବେ । ଜର୍ମାନୀ, ଫ୍ରାନ୍ସ ଓ ବ୍ରିଟେନ୍ ଭଳି ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କ ପ୍ରତିରକ୍ଷା ବ୍ୟୟ ଓ ସାମରିକ ନିବେଶ ପରିମାଣ ବଢ଼ାଇବା ଲାଗି ପୂର୍ବରୁ ହିଁ ଘୋଷଣା କରିସାରିଛନ୍ତି । ରିପୋର୍ଟ ଦର୍ଶାଇଛି ଯେ ୟୁରୋପ ଯେଉଁ ପ୍ରମୁଖ କ୍ଷେତ୍ରରେ ନିଜକୁ ମଜବୁତ କରିବାକୁ ଚାହୁଁଛି ତାହା ହେଉଛି ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, ଡିପ୍-ଫାୟାର କ୍ଷମତା, ଲଜିଷ୍ଟିକ୍ସ, ଯୋଗାଯୋଗ ଓ ସ୍ଥଳଭାଗ ସାମରିକ ବ୍ୟବସ୍ଥା । ନାଟୋର ବାର୍ଷିକ ସାମରିକ ଖର୍ଚ୍ଚ ପରିମାଣ ୩୫୦ କୋଟି ଡଲାର ହୋଇଥିବା ବେଳେ ଆମେରିକା ଏହାର ୧୫.୮% ପ୍ରଦାନ କରିଥାଏ । ସମଗ୍ର ୟୁରୋପରେ ଆମେରିକାର ୮୦ ହଜାରରୁ ୧ ଲକ୍ଷ ସୈନିକ ମୁତୟନ ଅଛନ୍ତି । ସରକାରୀ ଅଧିକାରୀଙ୍କ ମୁତାବକ, ୟୁରୋପୀୟ ଦେଶଗୁଡ଼ିକର କ୍ଷମତା ଆମେରିକା ସହ ସମାନ ହେବା ପାଇଁ ପ୍ରାୟ ୫ରୁ ୧୦ ବର୍ଷ ସମୟ ଲାଗିଯିବ । ଆଉ କିଛି ଅଧିକାରୀଙ୍କ ଅନୁସାରେ, ରାଷ୍ଟ୍ରପତି ଟ୍ରମ୍ପ କେବଳ ବୟାନବାଜି କରୁଛନ୍ତି । ସେ ନାଟୋରୁ ଓହରିଯିବା ଲାଗି କେବଳ ଭୁଆ ଧମକ ଦେଉଛନ୍ତି । ପ୍ରକୃତରେ ନାଟୋରୁ ବାହାରିବାକୁ ତାଙ୍କର କୌଣସି ଉଦ୍ଦେଶ୍ୟ ନାହିଁ । ଉଲ୍ଲେଖଯୋଗ୍ୟ, ଆମେରିକା ଓ ୟୁଏସ୍‌ଏସ୍‌ଆର (ବର୍ତ୍ତମାନର ରୁଷ) ମଧ୍ୟରେ ଶୀତଳଯୁଦ୍ଧ (୧୯୪୭-୯୧) ପରେ ୟୁରୋପ ନିଜ ସୁରକ୍ଷା ଲାଗି ଆମେରିକା ଉପରେ ଅଧିକ ନିର୍ଭରଶୀଳ ରହିଆସିଛି । ଅନେକ ୟୁରୋପୀୟ ଦେଶ ନିଜ ପ୍ରତିରକ୍ଷା କ୍ଷେତ୍ର ଲାଗି ଜିଡିପିର ୨% ରୁ କମ୍ ଖର୍ଚ୍ଚ କରୁଛନ୍ତି । ସେମାନଙ୍କ ସେନା ଏତେ ଦୁର୍ବଳ ହୋଇପଡ଼ିଛି ଯେ ଶକ୍ତିଶାଳୀ ହେବା ପାଇଁ ଅନେକ ବର୍ଷ ଲାଗିଯିବ । ଯଦି ଆମେରିକା ନାଟୋ ଛାଡ଼ିଦିଏ ତେବେ ୟୁରୋପୀୟ ଦେଶଗୁଡ଼ିକୁ ନିଜ ଯୋଜନା ପୂରା କରିବା ପାଇଁ ପ୍ରତିରକ୍ଷା ବାବଦରେ ଜିଡିପିର ୩% ଖର୍ଚ୍ଚ କରିବା ଜରୁରି । ଗୋଳାବାରୁଦ, ପରିବହନ, ଇନ୍ଧନ ଭରି ପାଇଁ ବିମାନ, କମାଣ୍ଡ ଓ କଣ୍ଟ୍ରୋଲ ବ୍ୟବସ୍ଥା, ଉପଗ୍ରହ ଓ ଡ୍ରୋନ୍ ଅଭାବ ପୂରଣ କରିବାକୁ ହେବ । ଏ ସବୁ ବର୍ତ୍ତମାନ ଆମେରିକା ତରଫରୁ ଯୋଗାଇ ଦିଆଯାଉଛି । ଏଥିସହ ବ୍ରିଟେନ୍ ଓ ଫ୍ରାନ୍ସ ଭଳି ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପାଖରେ ମୋଟ ୫୦୦ ପରମାଣୁ ଅସ୍ତ୍ର ଥିବା ବେଳେ ଏକାକୀ ରୁଷ ପାଖରେ ଏହା ୬ ହଜାରଟି ରହିଛି । ତେଣୁ ଆମେରିକା ଯଦି ନାଟୋରୁ ବାହାରେ, ତେବେ ନାଟୋ ମେଣ୍ଟକୁ ନିଜ ଆଣବିକ ନୀତିକୁ ନୂଆ ଆକାର ଦେବାକୁ ପଡ଼ିବ । ଏହା ବେଶ୍ ବ୍ୟୟସାପେକ୍ଷ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das